

ଭାରତ-ଏ ଦଳରେ ସୁଶ୍ରୀ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-64 ♦FRIDAY ♦28 AUGUST 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୬୪ ♦ଶୁକ୍ରବାର ♦୨୮ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ସଂସଦ ଅଧିବେଶନକୁ ନେଇ ଦ୍ୱନ୍ଦ୍ୱରେ ରଖିଲେ କେନ୍ଦ୍ରମନ୍ତ୍ରୀ

■ ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନ ମୁଲତବୀ ହୋଇଛି। ଏହାକୁ ପ୍ରୋରୋଗ କରାଯାଇ ନାହିଁ। ତେଣୁ ଅଧିବେଶନ ପୁଣି ଡକାଯିବ କି ନାହିଁ, ତାହା ସରକାର ନିଷ୍ପତ୍ତି ନେବେ। କିନ୍ତୁ ଏସଂପର୍କରେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେବାକୁ ମନାକରିଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। ବହୁଚର୍ଚ୍ଚିତ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ବିଲ୍ ଏବଂ ମହିଳା ସଂରକ୍ଷଣ ବିଲ୍ ପାଇଁ ସରକାର ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିପାରନ୍ତି ବୋଲି ରାଜନୈତିକ ମହଲରେ କଳ୍ପନାଜଳ୍ପନା ଲାଗି ରହିଥିବା ବେଳେ ରିଜିଜୁଙ୍କ ଏଭଳି ମନ୍ତବ୍ୟ ଏହାକୁ ଆହୁରି ଖୋରାକ ଯୋଗାଇଛି।

ଗଣମାଧ୍ୟମକୁ ଦେଇଥିବା ଏକ ସ୍ୱତନ୍ତ୍ର ସାକ୍ଷାତ ବେଳେ ରିଜିଜୁ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ ବର୍ଷା ଅଧିବେଶନ ସମାପ୍ତ ହୋଇନଥିବାରୁ ପାର୍ଲାମେଣ୍ଟର ବୈଠକ ପୁଣିଥରେ ବସିପାରେ। ସରକାର ଚାହିଁଲେ ଯେକୌଣସି ସମୟରେ ଗୃହକୁ ଡାକିପାରିବେ। ସରକାର ଏସଂପର୍କରେ ନିଷ୍ପତ୍ତି ନେଲେ ଅଧିବେଶନ ଡାକିବା ଲାଗି ରାଷ୍ଟ୍ରପତିଙ୍କୁ ସୁପାରିସ କରିପାରିବେ। ତେବେ ସରକାର ଏଭଳି ଅଧିବେଶନ ଡାକିବେ କି ନାହିଁ, ତାହା ସ୍ପଷ୍ଟ କରିବାକୁ ସେ ▶ପୃଷ୍ଠା-୭

## ନେପାଳ ଜଳପ୍ରଳୟ
# ବିପଦ ଟଳିନି, ପୁଣି ଆସିବ ବନ୍ୟା



### ୪୦୦ ଟପିଲା ମୃତ୍ୟୁସଂଖ୍ୟା, ହଜାର ହଜାର ନିଖୋଜ

**ତିନି ଶହ ଭାରତୀୟ ପର୍ଯ୍ୟଟକଙ୍କ ପତ୍ତା ନାହିଁ**

**ବିପର୍ଯ୍ୟୟ ପାଇଁ ଚୀନକୁ ଦାୟୀ କଲା ନେପାଳ**

■ କାଠମାଣ୍ଡୁ, ୨୭।୮ (ଏଜେନ୍ସି): ନେପାଳରେ ବନ୍ୟା ପ୍ରଳୟ ସବୁ ଛାରଖାର କରିଦେଇଛି। ଗତକାଲି ଆସିଥିବା ଅଚାନକ ବନ୍ୟାରେ ଦେଶରେ ଅକଳ୍ପନୀୟ କ୍ଷତି ଘଟିଛି। ଶହ ଶହ ଗାଁ ନିଶ୍ଚିହ୍ନ ହୋଇଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୪୦୦ ଲୋକ ପ୍ରାଣ ହରାଇଥିବା ନେଇ ସରକାରୀ ସୂଚନା ଦିଆଯାଇଥିବା ବେଳେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି କୁହାଯାଉଛି। କାରଣ ଏବେ ବି ହଜାର ହଜାର ଲୋକ ନିଖୋଜ ଅଛନ୍ତି। ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଉଦ୍ଧାରକାରୀ ଦଳ ଦୁର୍ଗମ ଅଞ୍ଚଳରେ ପହଞ୍ଚିପାରି ନଥିବାରୁ ବନ୍ୟା ତାଣ୍ଡବର ପ୍ରକୃତ ଚିତ୍ର ମିଳିପାରି ନାହିଁ। ଲୋକମାନେ ନିଜର ଆତ୍ମୀୟଙ୍କୁ କାଦୁଅ ଓ ମାଟି ତଳୁ ଖୋଜୁଥିବା ବେଳେ ଆଉ ଏକ ଭୟଙ୍କର ବନ୍ୟା ଆସିବା ନେଇ ସରକାର ସତର୍କ କରାଇଲେଣି। ବନ୍ୟା ପାଣି ଯୋଗୁଁ ଭୋଟେ କୋଶୀ ନଦୀର ଉପରମୁଣ୍ଡରେ ସୃଷ୍ଟି ହୋଇଥିବା କୃତ୍ରିମ ହ୍ରଦର ଜଳସ୍ତର ଭୟଙ୍କର ରୂପେ ବୃଦ୍ଧି ପାଉଥିବାରୁ ଯେକୌଣସି ମୁହୂର୍ତ୍ତରେ ଏହା ▶ପୃଷ୍ଠା-୭

## ବିଜୁ ପଟ୍ଟନାୟକ ବିମାନବନ୍ଦର ଲିଜ୍ ନକ୍ସା ପ୍ରସ୍ତୁତ
# ୪୦୦୦ କୋଟିରେ ୫୦ ବର୍ଷ !

### ୪୦ ହଜାର କୋଟି ମୂଲ୍ୟର ୮୩୬ ଏକର ଜମିରେ ଠିଆହୋଇଛି ଏୟାର୍‌ପୋର୍ଟ

■ ଭୁବନେଶ୍ୱର, ୨୭।୮ (ସମିସ): ଜାତୀୟ ମୁଦ୍ରୀକରଣ ପାଇପଲାଇନ୍ (ଏନ୍ଏମ୍‌ପି ୨.୦) ଅଧୀନରେ ଓଡ଼ିଶାର ଗର୍ବ କୁହାଯାଉଥିବା ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରକୁ ଏକ ଘରୋଇ ସଂସ୍ଥାକୁ ଲିଜ ଦିଆଯିବ। ଏ ସଂକ୍ରାନ୍ତ ପ୍ରସ୍ତାବକୁ ଗତ ୪ ତାରିଖରେ କେନ୍ଦ୍ର ସରକାରଙ୍କ ପିପିପି ଆପ୍ରାଇଜାଲ କମିଟି ନୀତିଗତ ଭାବରେ ଅନୁମୋଦନ ଦେଇଛି। କୁହାଯାଉଛି ଯେ ଏହି ବିମାନବନ୍ଦରକୁ ୫୦ ବର୍ଷ ପାଇଁ ଲିଜ୍ ଦିଆଯିବ। ଯାହାକୁ ନେଇ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭୁବନେଶ୍ୱର ବିମାନବନ୍ଦରର ଜମି ମୂଲ୍ୟ ପ୍ରାୟ ୪୦ ହଜାର କୋଟି ଟଙ୍କା ଆକଳନ କରାଯାଉଥିବାବେଳେ ଏହାକୁ ୪ ହଜାରରୁ ୫ ହଜାର କୋଟି ଟଙ୍କାରେ ଲିଜ୍ ଦିଆଯିବା ପଛରେ କି ରହସ୍ୟ ଅଛି ବୋଲି ମଧ୍ୟ ପ୍ରଶ୍ନ ଉଠିଛି।

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ଦେଇ ବାର୍ଷିକ ପ୍ରାୟ ୫୦ ଲକ୍ଷ ଯାତ୍ରୀ ଯାତାୟତ କରୁଛନ୍ତି। ଆର୍ଥିକ ଦୃଷ୍ଟିରୁ ବିମାନବନ୍ଦରଟି ବେଶ୍ ଗୁରୁତ୍ୱପୂର୍ଣ୍ଣ ଓ ଉପଲବ୍ଧ ତଥ୍ୟ ଅନୁସାରେ ବିପିଏଆଇ ପ୍ରତିବର୍ଷ ହାରାହାରି ୧୮୦ କୋଟିରୁ ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଲାଭ କରୁଛି। ମାତ୍ର ଓଡ଼ିଶାର ଏହି ସମ୍ପତ୍ତିକୁ କ୍ଷତିରେ ଚାଲିଥିବା କର୍ଣ୍ଣାଟକର ହୁବଲ୍ଲି ବିମାନବନ୍ଦର ସହ ଯୋଡ଼ି ଏକ ପ୍ୟାକେଜ ଭାବରେ ନିଲାମ ପାଇଁ ଯୋଜନା ରଖାଯାଇଛି। କେବଳ ନିବେଶକମାନଙ୍କ ଲାଭ ପାଇଁ ଲାଭଜନକ ବିମାନବନ୍ଦର ସହ ତୁଳନାମୂଳକ ଭାବେ କମ୍ ଲାଭ କରୁଥିବା ବା କ୍ଷତିରେ ଚାଲୁଥିବା ବିମାନବନ୍ଦରକୁ ଯୋଡ଼ି ଘରୋଇ ନିବେଶକଙ୍କୁ ଆକର୍ଷିତ କରାଇବା କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ଥିବା କୁହାଯାଉଛି। ନିଲାମରେ ଭାଗ ନେଉଥିବା ସଂସ୍ଥାମାନେ ପ୍ରତି ଘରୋଇ ଯାତ୍ରୀ ପିଛା ଦେବାକୁ ଥିବା ଶୁଳ୍କ ଆଧାରରେ ବିଡ୍ କରିବେ। ସର୍ବାଧିକ କିମ୍ବା ନିର୍ଦ୍ଧାରିତ ସର୍ତ୍ତରେ ସଫଳ ବିଡର୍ ବିମାନବନ୍ଦରର ପରିଚାଳନା ଓ ବିକାଶ ଦାୟିତ୍ୱ ଗ୍ରହଣ କରିବ ବୋଲି କୁହାଯାଉଛି।

ଭୁବନେଶ୍ୱର ବିମାନବନ୍ଦର ଦେଶର ଅନେକ ବିମାନବନ୍ଦରଠାରୁ ଉନ୍ନତ। ଏହା ୮୩୬ ଏକର (୩କୋଟି ୬୪ ଲକ୍ଷ ୧୬ ହଜାର୧୬୦ ବର୍ଗଫୁଟ) ଜମି ଉପରେ ପରିବ୍ୟାପ୍ତ। ବିମାନବନ୍ଦର ଆଖପାଖରେ ଜମିର ମୂଲ୍ୟ ଆକାଶଛୁଆଁ। ସରକାରୀ ବେଞ୍ଚମାର୍କଠାରୁ ଦୁଇରୁ ତିନିଗୁଣ ମୂଲ୍ୟରେ ଏଠାରେ ଜମି ବିକ୍ରି ହେଉଥିବା ଦେଖାଯାଏ। ବିମାନବନ୍ଦର ନିକଟବର୍ତ୍ତୀ ଅଞ୍ଚଳରେ ଜମିର ▶ପୃଷ୍ଠା-୭

## ବଙ୍ଗୋପସାଗରରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ
# ୨୯ରେ ଆଉ ଏକ ଲଘୁଚାପ

**ବଢ଼ିବ ବର୍ଷା**

**୪ରୁ ୬ ତାରିଖ ମଧ୍ୟରେ ପୁଣି ଏକ ଲଘୁଚାପ**

■ ଭୁବନେଶ୍ୱର, ୨୭।୮ (ସମିସ): ରାଜ୍ୟରେ ଆଉ ଗୋଟିଏ ପର୍ଯ୍ୟାୟ ବର୍ଷା ଆରମ୍ଭ ହେବ। ୨୯ ତାରିଖରେ ପୁଣି ଗୋଟିଏ ଲଘୁଚାପ ସୃଷ୍ଟି ହେବା କାରଣରୁ ବର୍ଷା ହେବ। ଶୁକ୍ରବାରଠାରୁ ବର୍ଷାର ପରିମାଣ ବଢ଼ିବା ସହ ଆସନ୍ତା ୪-୫ ଦିନ ପର୍ଯ୍ୟନ୍ତ ବର୍ଷା ପାଇଁ ପାଗ ଅନୁକୂଳ ରହିବ। ବର୍ତ୍ତମାନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ୨୯ ତାରିଖ ବେଳକୁ ସମାନ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ଲଘୁଚାପ ଫଳରେ ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି।

ଆସନ୍ତାକାଲି (ଶୁକ୍ରବାର) କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ସହ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ▶ପୃଷ୍ଠା-୭










# ନେପାଳ ବନ୍ୟାର କରାଳ ରୂପ; ଗାଁ ପରେ ଗାଁ ନିଶ୍ଚିହ୍ନ

କାଠମାଣ୍ଡୁ, ୨୭ ।୮ (ଏଜେନ୍ସି): ହିମାଳୟ ଅଞ୍ଚଳରେ ଆସିଥିବା ଭୟଙ୍କର ଆକସ୍ମିକ ବନ୍ୟା ନେପାଳର ଅନେକ ଗାଁ ଓ ସହରକୁ ଛାରଖାର କରିଦେଇଛି। ଆକାଶମାର୍ଗରୁ ଉତ୍ତୋଳିତ ଚିତ୍ରରେ ବନ୍ୟା ପରବର୍ତ୍ତୀ ଧ୍ୱଂସର ଭୟାବହ ଦୃଶ୍ୟ ସାମ୍ନାକୁ ଆସିଛି। ଘରଦ୍ୱାର, ରାସ୍ତା, ସେତୁ ଓ ବିଦ୍ୟୁତ୍ ପ୍ରକଳ୍ପ ମାଟି ଓ କାଦୁଅ ତଳେ ପୋତି ହୋଇ ଯାଇଥିବା ବେଳେ ଅନେକ ଗାଁର ଚିହ୍ନବର୍ଣ୍ଣ ମଧ୍ୟ ରହିନାହିଁ। ଭୋଟେ କୋସି ଓ ତ୍ରିଶୂଳୀ ନଦୀର ପ୍ରଚଣ୍ଡ ଜଳପ୍ରବାହ ତାହାର ପଥରେ ଥିବା ଗାଁ ଓ ସହରଗୁଡ଼ିକୁ ଭୟଙ୍କର ଭାବେ ପ୍ରଭାବିତ କରିଛି। ବନ୍ୟାଜଳର ବେଗ ଏତେ ତୀବ୍ର ଥିଲା ଯେ ଅନେକ ଘର, ସେତୁ, ରାସ୍ତା ଓ ଅନ୍ୟାନ୍ୟ ନିର୍ମାଣ ଭାସିଯାଇଛି। ଉଦ୍ଧାରକାରୀମାନେ କାଦୁଅ ଓ ପଙ୍କ ଭିତରେ ପଶି ନିଖୋଜ ଲୋକଙ୍କୁ ଖୋଜୁଛନ୍ତି। ବହୁତଳ କୋଠାର ତଳ ମହଲାଗୁଡ଼ିକ ବନ୍ୟା ଓ ପଙ୍କ ତଳେ ପୋତିଯାଇଥିବାରୁ ଉଦ୍ଧାରକାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ନେପାଳ କର୍ତ୍ତୃପକ୍ଷଙ୍କ ଅନୁସାରେ ଦେଶରେ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଅନ୍ତତଃ ୩୬୨ ଜଣଙ୍କ ମୃତ୍ୟୁ ଘଟିଛି। ୫୦୦ରୁ ଅଧିକ ନିଖୋଜ ଥିବା ସୂଚନା ମିଳିଛି। ନିଖୋଜଙ୍କ ମଧ୍ୟରେ ୩୦୦ ଭାରତୀୟ ନାଗରିକ ଥିବା ନେପାଳର ପର୍ଯ୍ୟଟନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ନିଖୋଜଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, ବ୍ରିଟେନ, ମାଲେସିଆ, ନେଦରଲ୍ୟାଣ୍ଡ, ପର୍ତ୍ତୁଗାଲ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ ଓ ଆମେରିକାର ନାଗରିକ ମଧ୍ୟ ଥିବା ଜଣାପଡ଼ିଛି। ଚୀନ ପକ୍ଷରୁ ମଧ୍ୟ ହିମାଳୟ ସୀମାବର୍ତ୍ତୀ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତିର ସୂଚନା ମିଳିଛି। ତିବ୍ବତର ଗ୍ୟାରୋଙ୍ଗ ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ୩ ଜଣଙ୍କ ମୃତ୍ୟୁ ଓ ୨୬୫ ଜଣ ନିଖୋଜ ଥିବା ଚୀନର ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି। ନେପାଳ-ଚୀନ ସୀମା ନିକଟ ଲହେଣ୍ଡେ ନଦୀ କୂଳରୁ ବିପୁଳ ପରିମାଣର ମାଟି, ପଥର ଓ ଆବର୍ଜନା ଖସିପଡ଼ିବା ପରେ ହଠାତ୍ ବନ୍ୟା ସୃଷ୍ଟି ହୋଇଥିବା କୁହାଯାଉଛି। ଏହି ବିଶାଳ ଜଳ ଓ କାଦୁଅ ପ୍ରବାହ ତଳିଆ ଅଞ୍ଚଳକୁ ଧାଇଁଯାଇ ରାସ୍ତାରେ ଥିବା ଘରବାଡ଼ି ଓ ଅନ୍ୟାନ୍ୟ ସଂରଚନାକୁ ଭସାଇ ନେଇଥିଲା। ତିବତ ପଟରୁ ମିଳିଥିବା ନିରୀକ୍ଷଣ ଚିତ୍ରରେ ମଧ୍ୟ ଏହି ଭୟଙ୍କର ଘଟଣାର ଦୃଶ୍ୟ ଦେଖିବାକୁ ମିଳିଛି। ବିଶାଳ ମାଟି ଓ ଆବର୍ଜନାର ପ୍ରବାହ ଏକାଧିକ ମହଲା ବିଶିଷ୍ଟ ଘର ଉପରେ ମାଡ଼ିଯାଇଥିବା ବେଳେ ଲୋକମାନେ ଜୀବନ ବଞ୍ଚାଇବାକୁ ଦୌଡ଼ୁଥିବା ଦୃଶ୍ୟ ମଧ୍ୟ ଦେଖାଯାଇଛି। ବନ୍ୟାରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ନେପାଳ ସେନା ଆକାଶମାର୍ଗରେ ଉଦ୍ଧାର ଅଭିଯାନ ଚଳାଇଛି। ଅନେକ ଲୋକଙ୍କୁ ବିପଦପୂର୍ଣ୍ଣ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି।

- ବୃଦ୍ଧି ପାଉଛି ମୃତ୍ୟୁସଂଖ୍ୟା, ସହସ୍ରାଧିକ ନିଖୋଜ
- ମାଟି ଓ ପଥରର ବିଶାଳ ପ୍ରବାହ
- ପୁଣି ବନ୍ୟା ଆସିବାର ଆଶଙ୍କା

ନଦୀକୂଳ ଓ ଅନ୍ୟାନ୍ୟ ବିପଦପୂର୍ଣ୍ଣ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷଜ୍ଞମାନେ ଏବେ ଆଉ ଏକ ବିପଦ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ନଦୀର ଉପରମୁଣ୍ଡରେ ମାଟି ଓ ଆବର୍ଜନା ଜମି ଜଳପଥରେ ବାଧା ସୃଷ୍ଟି କରିଥିବାରୁ ଏହା ଭାଙ୍ଗିଗଲେ ପୁଣି ଏକ ବଡ଼ ବନ୍ୟା ଆସିପାରେ। କାଠମାଣ୍ଡୁସ୍ଥିତ ପର୍ବତ ବିକାଶ ସଂସ୍ଥାର ଜଳବାୟୁ ଓ ପରିବେଶୀୟ ବିପଦ ବିଶେଷଜ୍ଞମାନେ ମଧ୍ୟ ଦ୍ୱିତୀୟ ବନ୍ୟାର ସମ୍ଭାବନା ନେଇ ସତର୍କ କରିଛନ୍ତି। ନେପାଳ-ଚୀନ ସୀମା ନିକଟ ନଦୀର ଉପର ଅଞ୍ଚଳରେ ଥିବା ବାଧା ଏବେ ମଧ୍ୟ ଚିନ୍ତାର କାରଣ ହୋଇରହିଛି। ନେପାଳରେ ହୋଇଥିବା ଏହି ବିପର୍ଯ୍ୟୟର ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିବାର ଆଶଙ୍କା ରହିଛି। ନେପାଳରୁ ଭାରତକୁ ପ୍ରବେଶ କରୁଥିବା ନଦୀଗୁଡ଼ିକର ଜଳସ୍ତର ବଢ଼ିବା ଆଶଙ୍କାରେ ବିହାର ଓ ଉତ୍ତରପ୍ରଦେଶର ସୀମାବର୍ତ୍ତୀ ଅଞ୍ଚଳରେ ସତର୍କତା ଜାରି କରାଯାଇଛି। ନେପାଳର ଏହି ବିପର୍ଯ୍ୟୟ ଦକ୍ଷିଣ ଏସିଆରେ ବଢ଼ୁଥିବା ଚରମ ପାଣିପାଗ ଘଟଣାର ଏକ ଗମ୍ଭୀର ଚିତ୍ର ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ମୌସୁମୀ ବର୍ଷା ସମୟରେ ଏହି ଅଞ୍ଚଳରେ ପ୍ରତିବର୍ଷ ବନ୍ୟା ଓ ଭୂସ୍ଖଳନ ଘଟୁଥିବା ବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏପରି ଚରମ ଘଟଣାର ତୀବ୍ରତା ବଢ଼ୁଥିବା ନେଇ ବୈଜ୍ଞାନିକମାନେ ଚିନ୍ତା ପ୍ରକାଶ କରୁଛନ୍ତି। ନେପାଳର ଆକାଶମାର୍ଗରୁ ମିଳିଥିବା ଚିତ୍ର କେବଳ ଏକ ବନ୍ୟାର ଧ୍ୱଂସ ଦେଖାଉନାହିଁ, ବରଂ ହିମାଳୟ ଅଞ୍ଚଳ କେତେ ଅସୁରକ୍ଷିତ ହୋଇପଡ଼ିଛି ତାହାର ଏକ ଭୟାବହ ସତର୍କ ସଙ୍କେତ ଦେଉଛି। ଗାଁ, ଘର, ରାସ୍ତା ଓ ସେତୁ ନଷ୍ଟ ହେବା ସହ ଶତାଧିକ ଲୋକଙ୍କ ଜୀବନ ଅନିଶ୍ଚିତତାରେ ପଡ଼ିଛି। ଦ୍ୱିତୀୟ ବନ୍ୟାର ଆଶଙ୍କା ଥିବାରୁ ଉଦ୍ଧାର ଓ ସତର୍କତାମୂଳକ ପଦକ୍ଷେପକୁ ଆହୁରି ଜୋରଦାର କରିବା ଆବଶ୍ୟକ। ଏହି ଘଟଣା ହିମାଳୟର ପରିବେଶ ସୁରକ୍ଷା ଓ ପଡ଼ୋଶୀ ଦେଶଗୁଡ଼ିକ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା ସହଯୋଗର ଆବଶ୍ୟକତାକୁ ପୁଣିଥରେ ସାମ୍ନାକୁ ଆଣିଛି।

## ଚୀନର ସତର୍କବାଣୀ: ଆସନ୍ତା ୭୨ ଘଣ୍ଟାରେ ଭାଙ୍ଗିପାରେ ଜଳାଶୟ

### ତିବ୍ବତ-ନେପାଳ ସୀମାରେ ପୁଣି ନୂଆ ବିପଦ

ବେଜିଂ, ୨୭ ।୮ (ଏଜେନ୍ସି): ତିବ୍ବତ-ନେପାଳ ସୀମାରେ ଭୟଙ୍କର ବନ୍ୟା ପରେ ଏବେ ଆଉ ଏକ ବଡ଼ ବିପଦର ଆଶଙ୍କା ଦେଖାଦେଇଛି। ସୀମା ନିକଟରେ ଥିବା ଏକ ପ୍ରାକୃତିକ ଜଳାଶୟ ଆଗାମୀ ୭୨ ଘଣ୍ଟା ମଧ୍ୟରେ ଭାଙ୍ଗିପଡ଼ିପାରେ ବୋଲି ଚୀନ କର୍ତ୍ତୃପକ୍ଷ ସତର୍କ କରିଛନ୍ତି। ଚୀନର ରାଜ୍ୟ ଗଣମାଧ୍ୟମ ଅନୁସାରେ, ଜଳାଶୟରେ ବର୍ତ୍ତମାନ ପ୍ରାୟ ୨୦ ଲକ୍ଷ ଘନମିଟର ପାଣି ରହିଛି। ଆଗାମୀ ତିନି ଦିନରେ ଆଉ ପ୍ରାୟ ୩୦ ଲକ୍ଷ ଘନମିଟର ପାଣି ଏଥିରେ ପ୍ରବେଶ କରିବାର ଆଶଙ୍କା ରହିଛି। ଜଳାଶୟ ଏବେ ଉପରୁ ପାଣି ଓଭରଫ୍ଲୋ କରୁଥିବାରୁ ବିପଦ ବଢ଼ିଛି। ତିବ୍ବତର ଗ୍ୟିରୋଙ୍ଗ ଅଞ୍ଚଳରେ ଭୂସ୍ଖଳନ ଓ ଆକସ୍ମିକ ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଚୀନ ପକ୍ଷରୁ ୫୫୮ ଜଣ ନିଖୋଜ ଥିବା ସୂଚନା ମିଳିଛି। ନେପାଳ ପାର୍ଶ୍ୱରେ ମଧ୍ୟ ବନ୍ୟାରେ ବହୁ ଲୋକଙ୍କ ମୃତ୍ୟୁ ଓ ନିଖୋଜ ହେବାର ଖବର ରହିଛି। ବିପଦପ୍ରବଣ ଅଞ୍ଚଳରୁ ଲୋକଙ୍କୁ ହଟାଇ ସୁରକ୍ଷିତ ସ୍ଥାନକୁ ନିଆଯାଉଛି। ଉଦ୍ଧାର କାର୍ଯ୍ୟ ପାଇଁ ଚୀନ ପକ୍ଷରୁ ଅଗ୍ନିଶମ ଓ ଉଦ୍ଧାରକାରୀ ଦଳ ମୁତୟନ କରାଯାଇଛି। ଜଳାଶୟ ଭାଙ୍ଗିଲେ ତଳିଆ ଅଞ୍ଚଳରେ ଆକସ୍ମିକ ଭାବେ ବନ୍ୟାଜଳ ପ୍ରବେଶ କରିପାରେ। ଏହା ଉଦ୍ଧାର କାର୍ଯ୍ୟକୁ ଆହୁରି କଷ୍ଟକର କରିବା ସହ ଜୀବନ ଓ ସମ୍ପତ୍ତି ପ୍ରତି ବଡ଼ ବିପଦ ସୃଷ୍ଟି କରିପାରେ। ସୀମା ଅଞ୍ଚଳରେ ପରିସ୍ଥିତି ଉପରେ ଚୀନ କର୍ତ୍ତୃପକ୍ଷ ନଜର ରଖିଥିବାବେଳେ, ଆଗାମୀ ୭୨ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଛି।

## ଭାରତ ପାଇଁ ବିପଦ ଚୀନର ଜଳବନ୍ଧ ପ୍ରକଳ୍ପ

ନୂଆଦିଲ୍ଲୀ, ୨୭ ।୮ (ଏଜେନ୍ସି): ଚୀନ୍‌ର ଏକ ବିରାଟ ଜଳବନ୍ଧ ପ୍ରକଳ୍ପକୁ ନେଇ ଗ୍ଲୋବାଲ୍ ବିଶେଷଜ୍ଞମାନେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଅରୁଣାଚଳ ପ୍ରଦେଶ ସୀମା ନିକଟରେ ଚୀନ୍ ପକ୍ଷରୁ ନିର୍ମାଣ କରାଯାଉଥିବା ଏହି ବିଶାଳ ଜଳବନ୍ଧ ଆଗାମୀ ଦିନରେ ଭାରତର ଉତ୍ତର-ପୂର୍ବାଞ୍ଚଳ ପାଇଁ ଏକ ଜଳବୋମା ସଦୃଶ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ନେପାଳ ଏବଂ ତିବ୍ବତ ସୀମାରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟରେ ଶହ ଶହ ଲୋକଙ୍କର ପ୍ରାଣହାନି ଘଟିଥିବାବେଳେ ହଜାର ହଜାର ଲୋକ ନିଖୋଜ ଅଛନ୍ତି। ଏହି ଭୟାବହତା ପରେ ବିଶେଷଜ୍ଞମାନେ ଚୀନ୍ ଦ୍ୱାରା ତିବ୍ବତର ମେଡୋଗ ଅଞ୍ଚଳରେ ନିର୍ମାଣ ହେଉଥିବା ଷାଠିଏ ହଜାର ମେଗାୱାଟ୍ କ୍ଷମତାସମ୍ପନ୍ନ ମେଡୋଗ ଜଳବନ୍ଧ ପ୍ରକଳ୍ପ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ଏହା ଏକ ଅତ୍ୟନ୍ତ ଭୂକମ୍ପ ପ୍ରବଣ ଅଞ୍ଚଳରେ ଅବସ୍ଥିତ ଥିବାରୁ ଏହାକୁ ନେଇ ବିପଦ ବଢ଼ିବାରେ ଲାଗିଛି। ତିବ୍ବତର ୟାର୍ଲୁଙ୍ଗ ଜାଙ୍ଗବୋ ନଦୀ ଉପରେ ନିର୍ମାଣ ହେଉଥିବା ଏହି ବିଶାଳ ଜଳବନ୍ଧ ଭାରତରେ ପ୍ରବେଶ କଲା ପରେ ବ୍ରହ୍ମପୁତ୍ର ନଦୀ ଭାବରେ ପରିଚିତ ହୋଇଥାଏ। ଭୂକମ୍ପ ପ୍ରବଣ ଏବଂ ସକ୍ରିୟ ଭୂ-ଗର୍ଭବତୀ ରେଖା ଉପରେ ଏହି ପ୍ରକଳ୍ପ ନିର୍ମାଣ କରାଯାଉଥିବାରୁ ଏହାର ଗଠନଗତ ସୁରକ୍ଷାକୁ ନେଇ ଚୀନ୍‌ର ନିଜସ୍ୱ ଭୂ-ତତ୍ତ୍ୱବିତ୍ ମଧ୍ୟ ପୂର୍ବରୁ ପ୍ରଶ୍ନ ଉଠାଇସାରିଛନ୍ତି। ନେପାଳ ଦୁର୍ଘଟଣା ପରେ ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ ହିମାଳୟ ଅଞ୍ଚଳରେ ଏଭଳି ବୃହତ୍ ପ୍ରକଳ୍ପଗୁଡ଼ିକ ଭବିଷ୍ୟତରେ ମହାବିନାଶ ଆଣିପାରେ। ଚୀନ୍ ଯଦି ଏହି ଜଳବନ୍ଧ କାର୍ଯ୍ୟ ସମ୍ପୂର୍ଣ୍ଣ କରେ, ତେବେ ଏହା ଭାରତର ଉତ୍ତର-ପୂର୍ବାଞ୍ଚଳ ଯଥା ଅରୁଣାଚଳ ପ୍ରଦେଶ ଏବଂ ଆସାମ ସମେତ ବାଂଲାଦେଶ ପାଇଁ ଗଭୀର ଜଳ ସଙ୍କଟ ଏବଂ ହଠାତ୍ ବନ୍ୟାର କାରଣ ହୋଇପାରେ।



## ବିପର୍ଯ୍ୟୟ ଘଟାଇବ ହିମାଳୟ ପରିବେଶ ଅବକ୍ଷୟ

କାଠମାଣ୍ଡୁ, ୨୭ ।୮ (ଏଜେନ୍ସି): ହିମାଳୟରେ ବରଫ ତରଳିବା ଏବଂ ଜଳବାୟୁ ପରିବର୍ତ୍ତନ କାରଣରୁ ଭାରତ ଏବଂ ନେପାଳ ସମେତ ସମଗ୍ର ଅଞ୍ଚଳ ପ୍ରତି ବଡ଼ ସଙ୍କଟ ସୃଷ୍ଟି ହୋଇଛି। ରାଜନୈତିକ ମତଭେଦ ଭୁଲି ସମସ୍ତ ପଡ଼ିଶା ଦେଶକୁ ଏକାଠି ହୋଇ ସାହାଯ୍ୟ କରିବାକୁ ପଡ଼ିବ ବୋଲି ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ କଡ଼ା ଚେତାବନୀ ଦେଇଛନ୍ତି। କାଠମାଣ୍ଡୁରେ ଅନୁଷ୍ଠିତ ଏକ ଆନ୍ତର୍ଜାତୀୟ ଶିଖର ସମ୍ମିଳନୀରେ ଯୋଗଦେଇ ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ କହିଛନ୍ତି ଯେ ହିମାଳୟରେ ଯାହା କିଛି ଘଟୁଛି, ତାହାର ସିଧାସଳଖ ପ୍ରଭାବ ସମୁଦ୍ର ଏବଂ ତଳ ଅଞ୍ଚଳ ଉପରେ ପଡ଼ୁଛି। ବର୍ତ୍ତମାନ ପରିବେଶଗତ ଦୃଷ୍ଟିକୋଣରୁ ଭାରତ ଓ ନେପାଳ ସମ୍ପର୍କକୁ ନୂତନ ରୂପ ଦେବାର ସମୟ ଆସିଯାଇଛି। ନେପାଳ ମନ୍ତ୍ରୀ କହିଛନ୍ତି ଯେ ନେପାଳ ଏବଂ ଚୀନ୍ ସୀମାନ୍ତ ହିମାଳୟ ଅଞ୍ଚଳରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା ଏହାର ଏକ ଜ୍ୱଳନ୍ତ ପ୍ରମାଣ ଅଟେ। ହିମାଳୟରେ ବରଫ ତରଳିବା କିମ୍ବା ପରିବେଶ ବିପର୍ଯ୍ୟୟ ଘଟିଲେ ତାହା ସମୁଦ୍ର ପର୍ଯ୍ୟନ୍ତ ପ୍ରଭାବ ପକାଏ। ଭାରତ, ନେପାଳ, ଚୀନ୍ ଏବଂ ଭୁଟାନ ପ୍ରଭୃତି ଦେଶଗୁଡ଼ିକ ପରିବେଶ ଦୃଷ୍ଟିରୁ ପରସ୍ପର ସହିତ ଓତପ୍ରୋତ ଭାବେ ଜଡ଼ିତ ଅଛନ୍ତି। ଏହି ସମସ୍ତ ଦେଶର ଭବିଷ୍ୟତ ଏବଂ ବଞ୍ଚି ରହିବା ସମ୍ପୂର୍ଣ୍ଣ ଭାବେ ହିମାଳୟର ପରିବେଶକୁ ସୁରକ୍ଷିତ ରଖିବା ଉପରେ ନିର୍ଭର କରୁଛି। ବିଶ୍ୱର ପ୍ରାୟ ଦୁଇ ଶହ କୋଟି ଲୋକଙ୍କ ପାଇଁ ପାନୀୟ ଜଳର ଉତ୍ସ ତଥା ଜୀବନଜୀବିକା ଏହି ହିମାଳୟ ଅଞ୍ଚଳ ଉପରେ ନିର୍ଭରଶୀଳ। ଜଳବାୟୁ ପରିବର୍ତ୍ତନ କାରଣରୁ ଆଗାମୀ ଦିନରେ ଜଳ ସଙ୍କଟ ଏବଂ ପରିବେଶଗତ ଦୁର୍ବଳତା ଆହୁରି ବୃଦ୍ଧି ପାଇବ। ରାଜନୈତିକ ଶତ୍ରୁତା କିମ୍ବା ମତଭେଦକୁ ପଛରେ ପକାଇ ସମସ୍ତ ଦେଶକୁ ଏକାଠି ମିଳିତ ଭାବେ କାମ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଦୃଢ଼ ମତ ପ୍ରକାଶ କରିଛନ୍ତି। ପରିବେଶଗତ ସଙ୍କଟ କୌଣସି ଗୋଟିଏ ଦେଶର ସୀମା ଭିତରେ ସୀମିତ ନୁହେଁ। ତେଣୁ ହିମାଳୟର ସୁରକ୍ଷା ଏବଂ ସାମଗ୍ରିକ ବିକଶିତ ଭବିଷ୍ୟତ ପାଇଁ ଭାରତ, ନେପାଳ, ଚୀନ୍ ଏବଂ ଭୁଟାନକୁ ମିଳିତ ଭାବେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ବୋଲି ନେପାଳର ବୈଦେଶିକ ମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି।



## ନେପାଳ ବନ୍ୟାରେ ମୁକୁଲ ରୟଙ୍କ ପୁଅ ନିଖୋଜ

କୋଲକାତା, ୨୭ ।୮ (ଏଜେନ୍ସି): ନେପାଳରେ ଭୟଙ୍କର ବନ୍ୟା ପରେ ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ମୁକୁଲ ରୟଙ୍କ ପୁଅ ତଥା ପୂର୍ବତନ ବିଧାୟକ ଶୁଭ୍ରାଂଶୁ ରୟ ନିଖୋଜ ହୋଇଛନ୍ତି। ଅଗଷ୍ଟ ୨୫ ତାରିଖ ରାତିରୁ ପତ୍ନୀଙ୍କ ସହ ତାଙ୍କର ଆଉ ଯୋଗାଯୋଗ ହୋଇନାହିଁ। ଶୁଭ୍ରାଂଶୁ ଅଗଷ୍ଟ ୨୧ରେ ଏକାକୀ ନେପାଳ ଯାଇଥିଲେ। ନେପାଳ–ତିବ୍ବତ ସୀମା ନିକଟରେ ଭୟଙ୍କର ବନ୍ୟା ପରେ ତାଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହି ଅଞ୍ଚଳରେ କୋଲକାତାରୁ ମାନସରୋବର ଯାତ୍ରାରେ ଯାଇଥିବା ୩୨ ଜଣିଆ ଦଳ ମଧ୍ୟ ନିଖୋଜ ଥିବା ଖବର ମିଳିଛି। ରାସ୍ତା ଓ ସେତୁ ନଷ୍ଟ ହୋଇଥିବାରୁ ଉଦ୍ଧାରକାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ନିଖୋଜଙ୍କ ସନ୍ଧାନ ଜାରି ରହିଛି। ଶୁଭ୍ରାଂଶୁ ରୟ ବିଜପୁରର ପୂର୍ବତନ ବିଧାୟକ। ସେ ଅଗଷ୍ଟ ୨୧ ତାରିଖରେ ଏକ ଭ୍ରମଣ ସଂସ୍ଥା ମାଧ୍ୟମରେ ନେପାଳ ଯାଇଥିଲେ। ସେ ଏକାକୀ ଯାତ୍ରା କରୁଥିଲେ। ତାଙ୍କ ପତ୍ନୀ ଶର୍ମିଷ୍ଠା ଭୌମିକ ରୟଙ୍କ କହିବା ଅନୁସାରେ, ଅଗଷ୍ଟ ୨୫ ରାତିରେ ଶେଷଥର ପାଇଁ ସ୍ୱାମୀଙ୍କ ସହ କଥା ହୋଇଥିଲା। ଏହା ପରଠାରୁ ତାଙ୍କ ଫୋନ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଯୋଗାଯୋଗ ସମ୍ଭବ ହୋଇନାହିଁ।

## ୧୦୫ ବର୍ଷ ବୟସରେ ଜେଲ୍‌ରୁ ମୁକ୍ତ

ମାଲଦା, ୨୭ ।୮ (ଏଜେନ୍ସି): ପ୍ରାୟ ଚାରି ଦଶନ୍ଧି ଧରି ଚାଲିଥିବା ଆଇନଗତ ଲଢେଇର ଅନ୍ତ ଘଟିଛି। ବୟସ ଓ ଅସୁସ୍ଥତାକୁ ବିଚାର କରି ସୁପ୍ରିମକୋର୍ଟ ୧୦୫ ବର୍ଷୀୟ ରସିକ ଚନ୍ଦ୍ର ମଣ୍ଡଳଙ୍କ ଅବଶିଷ୍ଟ ଆଜୀବନ କାରାଦଣ୍ଡକୁ ରଦ୍ଦ କରିଛନ୍ତି। ମାଲଦା ଜିଲ୍ଲା ମାଣିକଚକ ଅଞ୍ଚଳର ପଶ୍ଚିମ ନାରାୟଣପୁର ଗାଁର ବାସିନ୍ଦା ରସିକ ଚନ୍ଦ୍ର ୧୯୮୮ ମସିହାରେ ସମ୍ପତ୍ତି ବିବାଦକୁ କେନ୍ଦ୍ର କରି ନିଜ ଭାଇ ସୁରେଶ ମଣ୍ଡଳଙ୍କ ହତ୍ୟା ଅଭିଯୋଗରେ ଗିରଫ ହୋଇଥିଲେ। ୧୯୯୪ ମସିହାରେ ତାଙ୍କୁ ଆଜୀବନ କାରାଦଣ୍ଡ ମିଳିଥିଲା। ସେତେବେଳେ ତାଙ୍କ ବୟସ ୭୪ ବର୍ଷ ଥିଲା। ୨୦୧୮ ମସିହାରେ ମୁକ୍ତି ପାଇଁ ସେ କଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରୁ ଆଶ୍ୱାସନ ନମିଳିବା ପରେ ସୁପ୍ରିମକୋର୍ଟକୁ ଯାଇଥିଲେ। ୨୦୨୦ରେ ୯୯ ବର୍ଷ ବୟସରେ ସେ ବୟସଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦର୍ଶାଇ ଆଗୁଆ ମୁକ୍ତି ପାଇଁ ଆବେଦନ କରିଥିଲେ। ୨୦୨୪ ନଭେମ୍ବରରେ ସୁପ୍ରିମକୋର୍ଟ ତାଙ୍କୁ ଅନ୍ତରୀଣ ଭାବେ ଜାମିନ କିମ୍ବା ପାରୋଲରେ ମୁକ୍ତ କରିଥିଲେ। ଶେଷରେ ତିନିଜଣିଆ ଖଣ୍ଡପୀଠ ତାଙ୍କୁ ଅବଶିଷ୍ଟ ଆଜୀବନ କାରାଦଣ୍ଡ ଭୋଗିବାରୁ ତାଙ୍କୁ ସମ୍ପୂର୍ଣ୍ଣ ମୁକ୍ତି ଦେଇଛନ୍ତି।

## ପ୍ରଧାନବିଚାରପତିଙ୍କୁ ବିରୋଧ; ସମାବର୍ତ୍ତନ ଉତ୍ସବ ବାତିଲ



ବେଙ୍ଗାଲୁରୁ, ୨୭ ।୮ (ଏଜେନ୍ସି): ମୁଖ୍ୟ ବିଚାରପତିଙ୍କୁ ସମାବର୍ତ୍ତନ ଉତ୍ସବକୁ ନିମନ୍ତ୍ରଣ କରିବାକୁ ନେଇ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଙ୍କ ମଧ୍ୟରେ ବିରୋଧ ଦେଖାଦେବା ପରେ ବେଙ୍ଗାଲୁରୁସ୍ଥିତ ଜାତୀୟ ଆଇନ ବିଦ୍ୟାଳୟ ତାହାର ୨୦୨୬ ବର୍ଷର ସମାବର୍ତ୍ତନ ଉତ୍ସବକୁ ବାତିଲ କରିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଗଷ୍ଟ ୨୭ରେ ଜାରି ହୋଇଥିବା ସୂଚନାରେ କୁହାଯାଇଛି, ଅପରିହାର୍ଯ୍ୟ ପରିସ୍ଥିତି ଯୋଗୁଁ ଚଳିତ ବର୍ଷର ସମାବର୍ତ୍ତନ ଆୟୋଜନ କରାଯିବ ନାହିଁ। ପୂର୍ବରୁ ଏହି ସମାବର୍ତ୍ତନ ସେପ୍ଟେମ୍ବର ୧୨ରେ ହେବାକୁ ଥିଲା। ସମାବର୍ତ୍ତନ ବାତିଲ ହେବା ପରେ ୨୦୨୬ର ସମସ୍ତ ସ୍ନାତକ ଛାତ୍ରଛାତ୍ରୀଙ୍କୁ ଅନୁପସ୍ଥିତିରେ ଡିଗ୍ରୀ ପ୍ରଦାନ କରାଯିବ। ଏଥିପାଇଁ ବିଶ୍ୱବିଦ୍ୟାଳୟର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଆବଶ୍ୟକ ହେବ। ଛାତ୍ରଛାତ୍ରୀମାନେ ଡାକ ଯୋଗେ ପ୍ରମାଣପତ୍ର ପାଇପାରିବେ କିମ୍ବା ବିଶ୍ୱବିଦ୍ୟାଳୟ ପରିସରରୁ ନିଜେ ସଂଗ୍ରହ କରିପାରିବେ। ସମାବର୍ତ୍ତନରେ ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବାର ପରିଷଦ ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କ ଉପସ୍ଥିତିକୁ ନେଇ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଙ୍କ ଏକ ଅଂଶ ବିରୋଧ କରିଥିଲେ। ଏହାକୁ ନେଇ ବିଶ୍ୱବିଦ୍ୟାଳୟରେ ମତଭେଦ ବଢ଼ିଥିଲା। ଏହି ବିରୋଧ ପଛରେ ବାର ପରିଷଦର ଏକ ପୂର୍ବ ନିଷ୍ପତ୍ତିକୁ ନେଇ ମଧ୍ୟ ଅସନ୍ତୋଷ ରହିଥିଲା। ଅଗଷ୍ଟ ୧୩ରେ ବାର ପରିଷଦ ହାଇଦ୍ରାବାଦସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ୨୦୨୬ ସ୍ନାତକ ବ୍ୟାଚର ନାମଲେଖାକୁ ସାମୟିକ ଭାବେ ବନ୍ଦ କରିଥିଲା। ଏହାର କିଛି ଘଣ୍ଟା ପରେ ନିଷ୍ପତ୍ତିଟି ପ୍ରତ୍ୟାହାର କରାଯାଇଥିଲା। ବାର ପରିଷଦର ପଦକ୍ଷେପକୁ ନେଇ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରମାନେ ତୀବ୍ର ଆପତ୍ତି ଜଣାଇଥିଲେ। ବିରୋଧ ଅଭିଯାନରେ ଜଡ଼ିତ ଛାତ୍ର ଓ ଶିକ୍ଷକଙ୍କୁ ଚିହ୍ନଟ କରିବାକୁ ଦିଆଯାଇଥିବା ନିର୍ଦ୍ଦେଶକୁ ସେମାନେ ସ୍ୱାଧୀନ ମତ ପ୍ରକାଶ ଉପରେ ଚାପ ବୋଲି ଅଭିଯୋଗ କରିଥିଲେ। ଏହି ବିରୋଧୀ ବିବୃତିରେ ୧୬୫ ଜଣ ସ୍ନାତକ ଛାତ୍ର, ୪୦୯ ଜଣ ବର୍ତ୍ତମାନର ଛାତ୍ର ଏବଂ ୧୨୮ ଜଣ ପୁରାତନ ଛାତ୍ର ସ୍ୱାକ୍ଷର କରିଥିବା ଜଣାପଡ଼ିଛି। ବିବାଦ ମଧ୍ୟରେ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ପ୍ରାୟ ୯୦ ମିନିଟ୍ ଧରି ଆଲୋଚନା କରିଥିଲେ। ଛାତ୍ରମାନଙ୍କ ଚିନ୍ତା ଓ ଆପତ୍ତି ବୁଝିବା ପାଇଁ ଏହି ଆଲୋଚନା ହୋଇଥିବା ସୂଚନା ମିଳିଛି।

## ୟୁକ୍ରେନର ୯ ସହରରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼



କିଭ, ୨୭ ।୮ (ଏଜେନ୍ସି): ୟୁକ୍ରେନର ୯ଟି ସହର ଉପରେ ରୁଷ୍ ରାତିସାରା ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ କରିଛି। ରାଜଧାନୀ କିଭ୍ ସମେତ ବିଭିନ୍ନ ଅଞ୍ଚଳରେ ଆବାସିକ କୋଠା, ବିଦ୍ୟାଳୟ, ଚିକିତ୍ସା କେନ୍ଦ୍ର ଓ ଶକ୍ତି ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣରେ ଜାପୋରିଝିଆ ଅଞ୍ଚଳରେ ଜଣେ ୭୮ ବର୍ଷୀୟ ମହିଳାଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଅଞ୍ଚଳରେ ଅତି କମ୍ ୯ ଜଣ ଆହତ ହୋଇଛନ୍ତି। କିଭ୍‌ର ଚାରିଟି ଅଞ୍ଚଳରେ ଆକ୍ରମଣର ପ୍ରଭାବ ପଡ଼ିଥିବା ଅଧିକାରୀମାନେ କହିଛନ୍ତି। ୟୁକ୍ରେନର ବାୟୁ ପ୍ରତିରକ୍ଷା ବାହିନୀ ୭ଟି ରୁଷୀୟ ବାଲିଷ୍ଟିକ୍ ମିସାଇଲ୍‌କୁ ଧ୍ୱଂସ କିମ୍ବା ନିଷ୍କ୍ରିୟ କରିଥିବା ଦାବି କରିଛି। ତେବେ ରୁଷ୍‌ର ଲଗାତାର ଆକ୍ରମଣ ମଧ୍ୟରେ ୟୁକ୍ରେନ୍‌ର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଉପରେ ଚାପ ବଢ଼ିଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କି ଅଧିକ ବାୟୁ ପ୍ରତିରକ୍ଷା ସହାୟତା, ବିଶେଷକରି ପ୍ୟାଟ୍ରିଅଟ୍ ମିସାଇଲ୍ ପାଇଁ ସହଯୋଗୀ ଦେଶଗୁଡ଼ିକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ, ରୁଷ୍ ଦାବି କରିଛି ଯେ ତାହାର ଆକ୍ରମଣର ଲକ୍ଷ୍ୟ ଥିଲା ସାମରିକ ଓ ଶିଳ୍ପ ଭିତ୍ତିଭୂମି। ରୁଷ୍ ମଧ୍ୟ ଦାବି କରିଛି ଯେ ତାହାର ବାୟୁ ପ୍ରତିରକ୍ଷା ବାହିନୀ ୨୬୭ଟି ୟୁକ୍ରେନୀୟ ଡ୍ରୋନ୍ ଧ୍ୱଂସ କରିଛି। ଏହି ଘଟଣାରୁ ଯୁଦ୍ଧରେ ଉଭୟ ପକ୍ଷର ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ ଆହୁରି ତୀବ୍ର ହେଉଥିବା ସ୍ପଷ୍ଟ ହୋଇଛି।

## ବିମାନ ଦୁର୍ଘଟଣାରେ ପାଇଲଟ, ସହ-ପାଇଲଟ ମୃତ

କାନପୁର, ୨୭ ।୮ (ଏଜେନ୍ସି): ଉତ୍ତର ପ୍ରଦେଶର କାନପୁରଠାରେ ଏକ ବେସରକାରୀ ତାଲିମ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗଙ୍ଗା ନଦୀ କୂଳବର୍ତ୍ତୀ ଏକ ପଡ଼ିଆରେ ଏହି ବିମାନଟି ଖସିପଡ଼ିବାରୁ ପାଇଲଟ ଏବଂ ସହ-ପାଇଲଟଙ୍କର ମୃତ୍ୟୁ ଘଟିଛି। ଗୁରୁବାର ଦିନ କାନପୁରର ଗଙ୍ଗା ବ୍ୟାରେଜ୍ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। କାନପୁରର ଏକ ବିମାନ ଚାଳନା ତାଲିମ ପ୍ରତିଷ୍ଠାନ 'ଗର୍ଗ ଏଭିଏସନ୍'ର ଏହି ତାଲିମ ବିମାନଟି ହଠାତ୍ ଦୁର୍ଘଟଣାର ଶିକାର ହୋଇଥିଲା। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଦୌଡ଼ିଯାଇ ଉଭୟଙ୍କୁ ଉଦ୍ଧାର କରି ଏକ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ, ମାତ୍ର ସେଠାରେ ଡାକ୍ତର ସେମାନଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୁଲିସର ସୂଚନା ଅନୁଯାୟୀ, ଦୁର୍ଘଟଣାର ଶିକାର ହୋଇଥିବା ମୁଖ୍ୟ ପାଇଲଟଜଣଙ୍କ ଗୁଜରାଟର ବାସିନ୍ଦା ଥିଲେ ଏବଂ ତାଙ୍କର ତିନି ହଜାରରୁ ଅଧିକ ଘଣ୍ଟା ଉଡ଼ାଣର ଅଭିଜ୍ଞତା ଥିଲା। ସେହିପରି ସହ-ପାଇଲଟଜଣଙ୍କ କର୍ଣ୍ଣାଟକର ବାସିନ୍ଦା ଥିଲେ। ତେବେ ମୃତକଙ୍କର ସଠିକ୍ ପରିଚୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇନାହିଁ। ଦୁର୍ଘଟଣାର କାରଣ ସମ୍ପୂର୍ଣ୍ଣ ଜାଣିବା ପାଇଁ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ପକ୍ଷରୁ ତଦନ୍ତ କରାଯିବ।






## ନବୀନ ନିବାସରେ ରକ୍ଷାବନ୍ଧନ ପର୍ବ

ଭୁବନେଶ୍ୱର,୨୭।୮(ସମିସ): ରକ୍ଷା ବନ୍ଧନ ଅବସରରେ ନବୀନ ନିବାସରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇବାକୁ ବିଶେଷ ଭିଡ଼ ହୋଇଥିଲା। କୁନି କୁନି ଝିଅ ମାନଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନର ସଭ୍ୟ ନବୀନଙ୍କ ହାତରେ ରାକ୍ଷୀ ବାନ୍ଧିବାକୁ ସମବେତ ହୋଇଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମକୁମାରୀ, ଗାଇଡ୍‌ସର ଛାତ୍ରୀ, ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ଓ ଗୁରୁଜୀଙ୍କ ସହ ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ପ୍ରମୁଖ ବିରୋଧୀଦଳ ନେତାଙ୍କୁ ରାକ୍ଷୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ପଟ୍ଟନାୟକ ଶୁଭେଚ୍ଛା ଗ୍ରହଣ କରି ସବୁ ଭେଦଭାବ ଭୁଲି ଆମର ସାମାଜିକ ଓ ସଂସ୍କୃତିକ ବନ୍ଧନକୁ ସୁଦୃଢ଼ କରିବା ପାଇଁ କାମ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

### ପୋଷ୍ଟ ଅଫିସ୍ ସଞ୍ଚୟ ଠକେଇ

## ୧୧ ବର୍ଷ ପରେ ଫେରାର ବ୍ରାଞ୍ଚ ପୋଷ୍ଟମାଷ୍ଟର ଗିରଫ

ଭୁବନେଶ୍ୱର, ୨୭।୮ (ସମିସ): ପୋଷ୍ଟ ଅଫିସ୍ ସଞ୍ଚୟ ଜମା ଟଙ୍କା ହେରଫେର ମାମଲାରେ ଦୀର୍ଘଦିନ ଧରି ଫେରାର ଥିବା ତତ୍କାଳୀନ ବ୍ରାଞ୍ଚ ପୋଷ୍ଟମାଷ୍ଟରଙ୍କୁ ସିବିଆଇ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଶବ୍ଦା ସ୍ୱାଇଁ। ସିବିଆଇ ଭୁବନେଶ୍ୱର ଏସିବି ତାଙ୍କୁ ବରଗଡ଼ରୁ ଗିରଫ କରିଛି।

ସିବିଆଇ ସୂଚନା ଅନୁଯାୟୀ, ଶବ୍ଦା ୨୦୦୮ ରୁ ୨୦୧୪ ପର୍ଯ୍ୟନ୍ତ ବରଗଡ଼ ଜିଲ୍ଲା ବୋଣ୍ଡା ଶାଖା ଡାକଘରରେ ବ୍ରାଞ୍ଚ ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟରତ ଥିଲେ। ଶାଖା ଡାକଘରରେ କାର୍ଯ୍ୟରତ ସମୟରେ ଶବ୍ଦା ଜମାକାରୀଙ୍କଠାରୁ ପ୍ରାୟ ୧୩ ଲକ୍ଷ ୯୮ ହଜାର ୨୩୨ ଟଙ୍କା ସଂଗ୍ରହ କରିଥିଲେ। ତେବେ ସେହି ଜମା ଟଙ୍କାକୁ ଖାତାରେ ଜମା କରିନଥିଲେ। ଓଲଟି ପାସ୍‌ବୁକ୍‌ରେ ମିଛରେ ଏଣ୍ଟ୍ରି କରି ଲୋକଙ୍କୁ ଭୁଆଁ ବୁଲାଇଥିଲେ। ଶବ୍ଦା ଜମାକାରୀଙ୍କ ଟଙ୍କା ହେରଫେର କରିଥିବା ନେଇ ସିବିଆଇରେ ଅଭିଯୋଗ ହୋଇଥିଲା। ସିବିଆଇ ଭୁବନେଶ୍ୱର ଏସିବି - ଆର୍‌ସି-୧୭(ଏ)୧୪-ବିବିଏସ୍ ମାମଲା ରୁଜୁ କରିଥିଲା। ୨୦୧୫ ଡିସେମ୍ବର ୩୧ରେ ଶବ୍ଦାଙ୍କ ବିରୋଧରେ ଚାର୍ଜ ଫ୍ରେମ୍ ହେବା ପରଠାରୁ ସେ ଫେରାର ଥିଲେ। ତାଙ୍କ ବିରୋଧରେ ୨୦୨୨ରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। ସିବିଆଇର ନିରନ୍ତର ଉଦ୍ୟମ ପରେ ଶବ୍ଦାଙ୍କ ଠିକଣା ସମ୍ପର୍କରେ ସୂଚନା ମିଳିଥିଲା। ଏକ ପାରିବାରିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶବ୍ଦା ବରଗଡ଼ ଆସିଥିବାବେଳେ ସିବିଆଇ ତାଙ୍କୁ ଗିରଫ କରିଥିଲା। ଆଜି ତାଙ୍କୁ କୋର୍ଟ ଚାଲାଣ କରିଛି।

## ଭୁବନେଶ୍ୱର ଡିସିପି ମିନାଙ୍କ ଇସ୍ତଫା ଗୃହୀତ

ଭୁବନେଶ୍ୱର,୨୭।୮(ସମିସ): ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫାପତ୍ରକୁ ଓଡ଼ିଶା ସରକାର ଗ୍ରହଣ କରି ନେଇଛନ୍ତି। ରାଜ୍ୟ ସରକାର ଇସ୍ତଫାପତ୍ର ଗ୍ରହଣ କରିବା ପରେ କେନ୍ଦ୍ର ସରାକରଙ୍କ ଇସ୍ତଫା ଅନୁମୋଦନ ପାଇଁ ପଠାଇଛନ୍ତି। ଏହା ଉପରେ କେନ୍ଦ୍ର ସରକାର ସହମତୀ ପ୍ରକାଶ କଲେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଚାକିରିରୁ ଇସ୍ତଫା ନେବେ। ନିୟମ ଅନୁଯାୟୀ, ରାଜ୍ୟ ସରାକାର ଇସ୍ତଫାପତ୍ରକୁ ଗ୍ରହଣ କରିବା ପୂର୍ବରୁ ସମ୍ପୃକ୍ତ ଅଧିକାରୀଙ୍କ ସମସ୍ତ ରେକର୍ଡ ଯାଞ୍ଚ କରାଯାଏ। ତାଙ୍କ ବିରୋଧରେ ଭିଜିଲାନ୍ସରେ କୌଣସି ମାମଲା ରହିଛି କିମ୍ବା ନାହିଁ। ସରକାରଙ୍କ ତାଙ୍କ ଉପରେ ଟଙ୍କା ବକେୟା ରହିଛି କିମ୍ବା ନାହିଁ। ଦେଶରେ ମୋଟ୍ ୩ଟି ଅଲ୍ ଇଣ୍ଡିଆ ସର୍ଭିସ ରହିଛି। ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍‌ଏସ୍। ସମସ୍ତଙ୍କ ଇସ୍ତଫା ଅଲ୍ ଇଣ୍ଡିଆ ସର୍ଭିସ ରୁଲ ୧୯୫୮ ଅନୁଯାୟୀ ରୁଲ୍ ୫(୧) ଏବଂ ରୁଲ୍ ୫(୧)(ଏ) ପରିଚାଳନା କରାଯାଏ। ଏଣୁ ଡିସିପି ମୀନା ଓଡ଼ିଶା କାଡର ଆଇପିଏସ୍ ହୋଇଥିବାରୁ ସେ ତାଙ୍କ ଇସ୍ତଫା ପତ୍ରକୁ ଡିଜିପିଙ୍କ ଜରିଆରେ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ପାଖକୁ ଇସ୍ତଫା ପତ୍ର ପଠାଇଥିଲେ। ଯାହାକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ଏହାପରେ କେନ୍ଦ୍ର ସରକାର ନିଷ୍ପତି ନେବେ ତାଙ୍କ ଇସ୍ତଫା ଗ୍ରହଣ କରାଯିବ କିମ୍ବା ନାହିଁ। ତେବେ ବ୍ୟକ୍ତିଗତ କାରଣରୁ ଡିସିପି ଇସ୍ତଫା ଦେଇଛନ୍ତି ବୋଲି ପୂର୍ବରୁ ଗଣମାଧ୍ୟମକୁ କହିଥିଲେ। ସେ ଏହାପରେ ଏକ ବେସରକାରୀ କ୍ଷେତ୍ରରେ ଚାକିରି କରିବେ।

**ରାଜ୍ୟ ସରକାର ଆପତ୍ତି ନଉଠାଇ କେନ୍ଦ୍ରକୁ ପଠାଇଲେ**

### ଗୋଲାବନ୍ଧରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

## ୧୩୭୧ ବିସ୍ଥାପିତ ପରିବାର ପାଇଁ ୭୫.୬ କୋଟିର ପ୍ୟାକେଜ୍

ବ୍ରହ୍ମପୁର,୨୭।୮(ସମିସ): ଗଞ୍ଜାମ ଜିଲ୍ଲା ଗୋଲାବନ୍ଧଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଲାବନ୍ଧର ୧,୩୭୧ଟି ବିସ୍ଥାପିତ ପରିବାର ପାଇଁ ୭୫କୋଟି ୬୦ଲକ୍ଷ ୩୦ହଜାର ଟଙ୍କାର ଏକ ସ୍ୱତନ୍ତ୍ର ପୁନର୍ବାସ ଓ ଥଇଥାନ (ଆର୍ ଆଣ୍ଡ ଆର୍) ପ୍ୟାକେଜ୍ ଘୋଷଣା କରିବା ସହ ଏହାର ଶୁଭାରମ୍ଭ କରିଛନ୍ତି। ଏହାସହିତ ଛେଳିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପର ବିସ୍ଥାପିତ ୧୧୨ଟି ପରିବାରଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୬ଟି ପରିବାରକୁ ଘରବାରି ଓ ଚାଷଜମିର ପଟ୍ଟା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ମୁଖ୍ୟମନ୍ତ୍ରୀ ବାବା ଧବଳେଶ୍ୱରଙ୍କୁ ଦର୍ଶନ ସାରି ସଭା କାର୍ଯ୍ୟରେ ଯୋଗ ଦେଇଥିଲେ। ଏଠାରେ ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ବାନ୍ଧି ସ୍ୱାଗତ ଜଣାଇଥିଲେ। ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗୋଲାବନ୍ଧର ଅଧିବାସୀଙ୍କ ସଂଘର୍ଷ ଓ ତ୍ୟାଗ ଅସୀମ। ୧୯୮୪ମସିହାରେ ଆର୍ମୀ ଏୟାର ଡିଫେନ୍ସ କଲେଜ ପାଇଁ ଜମି ହସ୍ତାନ୍ତର ପରଠାରୁ ଦୀର୍ଘ ୪ଦଶନ୍ଧି ଧରି ଅଣଦେଖା ହୋଇ ରହିଥିବା ଏହି ସମସ୍ୟାର ଆମ ସରକାର ସ୍ଥାୟୀ ସମାଧାନ କରିଛନ୍ତି। ଘୋଷିତ ସ୍ୱତନ୍ତ୍ର ପ୍ୟାକେଜ୍ ଅଧୀନରେ ୧,୩୭୧ଟି ଯୋଗ୍ୟ ପରିବାରକୁ ଆର୍ଥିକ ସ୍ୱାବଲମ୍ବନ ପାଇଁ ପରିବାର ପିଛା ୫ଲକ୍ଷ ଟଙ୍କା ଲେଖାଏଁ ମୋଟ ୬୮.୫୫ କୋଟି ଟଙ୍କାର ଏକକାଳୀନ କ୍ଷତିପୂରଣ ଡ଼ିବିଟି ମାଧ୍ୟମରେ ପ୍ରଦାନ କରାଯାଉଛି। ଘର ନିର୍ମାଣ ସହାୟତା ବାବଦରେ ୪କୋଟି ୨୫ଲକ୍ଷ ୧୦ହଜାର ଟଙ୍କା ଆବଣ୍ଟନ କରାଯାଇଛି। ଯେଉଁଥିରେ ୯୯୮ଟି ଅସମ୍ପୂର୍ଣ୍ଣ ଗୃହକୁ ସମ୍ପୂର୍ଣ୍ଣ କରାଯିବା ସହ ୧୦ଟି ନୂତନ ଘର ନିର୍ମାଣ ହେବ। ଏହା ବ୍ୟତୀତ ନୂଆ କୀର୍ତ୍ତିପୁର କଲୋନୀର ରାସ୍ତା, ଷ୍ଟ୍ରିଟ୍ ଲାଇଟ୍, ଅଙ୍ଗନବାଡ଼ି, ମାର୍କେଟ କମ୍ପ୍ଲେକ୍ସ, ପବ୍ଲିକ୍ ଟଏଲେଟ୍, ବାତ୍ୟା ଆଶ୍ରୟସ୍ଥଳୀ ଓ ମାଛଧରା



ଡଙ୍ଗା ରଖିବା ପାଇଁ ବେଳାଭୂମି ସମତୁଳକରଣ ଭଳି ଭିତ୍ତିଭୂମି ବିକାଶ ପାଇଁ ୨.୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଛେଳିଗଡ଼ ପ୍ରକଳ୍ପର ବିସ୍ଥାପିତଙ୍କୁ ଦିଗପହଣ୍ଡିର ସାନ୍ତରାପୁରଠାରେ ଥଇଥାନ କରାଯାଇ ୧୧୨ ପରିବାରକୁ ୧୦ ଡିସିମିଲ୍ ଘରବାରି ଓ ୨ଏକର ଲେଖାଏଁ ଚାଷଜମି ଯୋଗାଇ ଦିଆଯାଉଛି। ଆଜି ଏମାନଙ୍କ ମଧ୍ୟରୁ ୯୬ ପରିବାରକୁ ପଟ୍ଟା ଦିଆଗଲା। ଅନ୍ୟ ସମସ୍ତଙ୍କୁ ଖୁବ୍ ଶିଘ୍ର ପଟ୍ଟା ଦିଆଯିବ। ଆସନ୍ତା ବର୍ଷ ଶେଷ ସୁଦ୍ଧା ଛେଳିଗଡ଼ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଗଞ୍ଜାମ ଓ ଗଜପତି ଜିଲ୍ଲାର ୬ହଜାର ହେକ୍ଟରରୁ ଅଧିକ ଜମି ଜଳସେଚିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଗଞ୍ଜାମ ଜିଲ୍ଲାର ସାମଗ୍ରିକ ବିକାଶ ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ ବ୍ଲୁ-ଇକୋନୋମି, ଅର୍ଜିପଲ୍ଲୀ ଫିସିଙ୍ଗ ବନ୍ଦର ନବୀକରଣ, ୨୮ଟି ଫିସ୍ ଲ୍ୟାଣ୍ଡିଂ ସେଣ୍ଟର, ଗୋପାଳପୁର ବନ୍ଦର ସମ୍ପ୍ରସାରଣ ଏବଂ ବାହୁଦାଠାରେ ୨୧,୫୦୦ କୋଟି

- ଛେଳିଗଡ଼ ପ୍ରକଳ୍ପ ବିସ୍ଥାପିତଙ୍କୁ ଘରବାରି ଓ ଚାଷଜମି ପଟ୍ଟା
- ଆର୍ଯ୍ୟପଲ୍ଲୀ ବନ୍ଦର ନବୀକରଣ, ଗଢ଼ାହେବ ୨୮ଟି ଫିସ୍ ଲ୍ୟାଣ୍ଡିଂ ସେଣ୍ଟର
- ଆଗାମୀ ୨ବର୍ଷରେ ରାଜ୍ୟରେ ୫ଲକ୍ଷ ନିଯୁକ୍ତି

ଟଙ୍କାର ନୂତନ ବୃହତ୍ ବନ୍ଦର ନିର୍ମାଣ ଯୋଜନା ବିଷୟରେ ସୂଚନା ଦେଇଛନ୍ତି। ଗୋପାଳପୁର ଶିଳ୍ପ ପାର୍କରେ ୪୦ହଜାର କୋଟିରୁ ଅଧିକ ନିବେଶ ମାଧ୍ୟମରେ ୧୮ ହଜାରରୁ ଊର୍ଦ୍ଧ୍ୱ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ରାଜ୍ୟରେ ଆଗାମୀ ଦୁଇ ବର୍ଷରେ ୫ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଥିବାରୁ ଯୁବଗୋଷ୍ଠୀଙ୍କୁ ନିଜକୁ ଦକ୍ଷ ଓ ପ୍ରଶିକ୍ଷିତ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅଭିଭାଷଣରେ କହିଥିଲେ ଯେ, ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଗୋଲାବନ୍ଧ ଓ ଛେଳିଗଡ଼ର ବିସ୍ଥାପିତଙ୍କୁ ଯଥାଶୀଘ୍ର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ଏବଂ ଜମି ପଟ୍ଟା ପ୍ରଦାନ ପ୍ରକ୍ରିୟାରେ କୌଣସି ପ୍ରକାର ବିଳମ୍ବ ସହ୍ୟ କରାଯିବ ନାହିଁ। ଅନ୍ୟମାନଙ୍କ ମଧ୍ୟରେ ଖଣି ଓ ଇସ୍ପାତ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ଡ଼ ପଦୀପ କୁମାର ପାଣିଗ୍ରାହୀ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ସୋରଡ଼ା ବିଧାୟକ ନୀଳମଣି ବିଶୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଧ୍ୟାନ ସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଗୋପାଳପୁର ଜି.ଏମ୍.ଏସ୍.ର ଷ୍ଟେସନ କମାଣ୍ଡର କଲୋନେଲ ଦାସ ଏବଂ ଏଏଡ଼ିସିର କାର୍ଯ୍ୟନିର୍ବାହୀ କମାଣ୍ଡାଣ୍ଟ ବ୍ରିଗେଡିୟର ହେମନ୍ତ ସିଂ ମଧ୍ୟ ଉପସ୍ଥିତ ରହିଥିଲେ। ଶେଷରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ ସର୍ବଣା ବିବେକ ଏମ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଦେବଦତ୍ତ ପଣ୍ଡା, ସୁନୀଲ କେର୍କେଟା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଭାପ୍ରସେ ଶିକ୍ଷାନବିସ ଏସ ସାରନ୍ୟା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଓ ବିଭାଗୀୟ ଅଧିକାରୀମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

### ଗଞ୍ଜାମ ଜିଲ୍ଲା ବିଜେପିରେ ରାଜନୀତି ଗୋଳ

## ସାଂସଦଙ୍କ ଦାବିର ଦର୍ପଣ ବନାମ ମନ୍ତ୍ରୀଙ୍କ ବିକାଶ ଚିଠା

ବ୍ରହ୍ମପୁର,୨୭।୮(ସମିସ): ଗଞ୍ଜାମ ଜିଲ୍ଲା ବିଜେପିରେ ଏବେ ଚାରି ଗୋଠ। କାହାରି ସାଙ୍ଗରେ କାହାରି ତାଳମେଳ ନାହିଁ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ଏପରିକି ଗୋଲାବନ୍ଧରେ ଅନୁଷ୍ଠିତ କାର୍ଯ୍ୟକ୍ରମରୁ ସାଂସଦ ପ୍ରଦୀପ ପାଣିଗ୍ରାହୀ ଅଧାରୁ ଉଠି ଚାଲିଯିବା ଘଟଣା ଜିଲ୍ଲା ରାଜନୀତିକୁ ସରଗରମ କରିଛି।

ଗୋଲାବନ୍ଧ ମଞ୍ଚରେ ମୁଖ୍ୟମନ୍ତ୍ରୀଙ୍କ ସମେତ ତିନି ମନ୍ତ୍ରୀ, ଦୁଇ ସାଂସଦ ଓ ଗଞ୍ଜାମ, ଗଜପତିର ବିଧାୟକମାନେ ବସିଥିଲେ। ତେବେ ଦୀର୍ଘଦିନ ଧରି ଦକ୍ଷିଣ ଓଡ଼ିଶାର ବିକାଶ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିବା ସାଂସଦ ପ୍ରଦୀପ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ କ'ଣ କହିବେ ତାହାକୁ ନେଇ ଲୋକଙ୍କ ମନରେ ଉତ୍ସୁକତା ଥିଲା। ସୁଯୋଗ ମିଳିବା ମାତ୍ରେ ପ୍ରଦୀପ ଦାବିର ଲମ୍ବା ତାଲିକା ରଖିଲେ। ଗୋଲାବନ୍ଧ ଆର୍ମି ଏଡି କଲେଜ ନିକଟସ୍ଥ ନୂଆ କମଳାପୁର ଗ୍ରାମର ପଟ୍ଟା ପ୍ରସଙ୍ଗରୁ ଆରମ୍ଭ କରି ବ୍ରହ୍ମପୁରରେ ଏମ୍ସ ପ୍ରତିଷ୍ଠା ପର୍ଯ୍ୟନ୍ତ ଏକାଧିକ ପ୍ରସଙ୍ଗ ଉଠାଇଥିଲେ ସେ। ନୂଆ କମଳାପୁର ଗାଁ ପ୍ରାୟ ୧୫୦ବର୍ଷ ଧରି ରହି ଆସିଥିଲେ ମଧ୍ୟ ଏଯାଏଁ ପଟ୍ଟା ସମସ୍ୟାର ସମାଧାନ ହୋଇନାହିଁ। ଗୋଲାବନ୍ଧ ଅଞ୍ଚଳର ନିକଟବର୍ତ୍ତୀ ଅନ୍ୟାନ୍ୟ ଗ୍ରାମର ବିକାଶ ସହ ଜଡ଼ିତ ସମସ୍ୟା ମଧ୍ୟ ରହିଛି। ଧବଳେଶ୍ୱର ନିକଟରେ ମୃତ୍ତିକା ସଂରକ୍ଷଣ ବିଭାଗ ଅଧୀନରେ ଥିବା ଜମିକୁ ଆର୍ମି ଏଡି କଲେଜ ଏହାକୁ ଅକ୍ତିଆର କରିଛି। ଦକ୍ଷିଣ

**ଅଧାରୁ ମଞ୍ଚ ଛାଡ଼ି ଚାଲିଗଲେ ସାଂସଦ**

ଓଡ଼ିଶାର ସ୍ୱାସ୍ଥ୍ୟସେବା ପ୍ରସଙ୍ଗ ଉଠାଇ ବ୍ରହ୍ମପୁରକୁ ଏମ୍ସ ଦେବାକୁ ଦାବି କରିଥିଲେ। ଏନେଇ ସେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ମଧ୍ୟ କହିଥିଲେ। ଏହାସହ ହୁମ୍ମାରେ ସି-ବିଲ୍ଡିଂ ୟୁନିଟ୍ ସ୍ଥାପନ, ଗଜପତି ଜିଲ୍ଲାର ଏସ୍‌କେସିଜି କଲେଜକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା, ଗଜପତିରେ ଆୟୁର୍ବେଦିକ୍ କଲେଜ ପରିବର୍ତ୍ତେ ଭେଷଜ ମହାବିଦ୍ୟାଳୟ ସ୍ଥାପନ ଏବଂ ମତ୍ସ୍ୟଜୀବୀଙ୍କ ପାଇଁ ଜେଟି ନିର୍ମାଣ ଭଳି ପ୍ରସଙ୍ଗ ମଧ୍ୟ ମଞ୍ଚରୁ ଉଠାଇଥିଲେ ଓ ସଭା ଶେଷ ହେବା ପୂର୍ବରୁ ମଞ୍ଚ ଛାଡ଼ି ଚାଲିଯାଇଥିଲେ।

ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଦାନା ବାନ୍ଧିଛି। ସାଂସଦ କାହିଁକି ସଭା ଶେଷ ପୂର୍ବରୁ ପଳାଇଲେ? ସେ ଅସନ୍ତୁଷ୍ଟ କି ? ନା ତାଙ୍କ ଦାବି ନେଇ ଆଶ୍ୱାସନା ନ ମିଳିବାରୁ ସେ ଅସନ୍ତୋଷ ପ୍ରକଟ କଲେ ବୋଲି ଚର୍ଚ୍ଚା ଚାଲିଛି। ମାତ୍ର ଏହାପରେ ମନ୍ତ୍ରୀ ବିଭୂତି ଜେନାଙ୍କ ପାଳି ପଡ଼ିଲା। ସେ ଗୋପାଳପୁରକୁ ପ୍ରଦୀପଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ପାଇଥିବା ଉଲ୍ଲେଖ କରି ବିକାଶର ଗାଥା ଗାଇଲେ। ଏହାକୁ ନେଇ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି। ଗୋଲାବନ୍ଧ ସରକାରୀ କାର୍ଯ୍ୟକ୍ରମ ରାଜନୈତିକ ମଞ୍ଚରେ ପରିଣତ ହୋଇଥିବା ସାଧାରଣ ଲୋକେ ଅଭିଯୋଗ କରିଛନ୍ତି। ଯେଉଁ ମଞ୍ଚରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ବିଜେପି ସରକାର ବିକାଶର କାହାଣୀ ଗାଇଛନ୍ତି, ସେହି ମଞ୍ଚରେ ଦଳର ସାଂସଦ ବିକାଶ ପ୍ରସଙ୍ଗ ଓ ଅପୂରଣୀୟ ଦାବିକୁ ଦୋହରାଇଛନ୍ତି। ମନ୍ତ୍ରୀଙ୍କ କଥିତ ବିକାଶ, ସଂସଦଙ୍କ ଅପୂରଣୀୟ ଦାବି ଗୋଲାବନ୍ଧ କାର୍ଯ୍ୟକ୍ରମକୁ ଦକ୍ଷିଣ ଓଡ଼ିଶା ରାଜନୀତିରେ ବେଶ୍ ଆଲୋଡ଼ନ ସୃଷ୍ଟି କରିଛି।

## ବନ୍ଦହେଲା ହୀରାକୁଦର ୬ ଗେଟ୍, ଜଳସ୍ତର ୬୨୪.୧୦ ଫୁଟ୍

ସମ୍ବଲପୁର, ୨୭।୮ (ସମିସ) : ହୀରାକୁଦ ଉପରମୁଣ୍ଡରେ ବର୍ଷା କମିବାପରେ ଗୁରୁବାର ପୂର୍ବାହ୍ଣ ୧୧ଟା ୧୫ ମିନିଟି ସମୟରେ ହୀରାକୁଦ ନଦୀବନ୍ଧର ୪ଟି ଗେଟ୍ ଏବଂ ରାତି ସାଢ଼େ ୮ଟା ସମୟରେ ୨ଟି ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମ୍ପ୍ରତି ୧୦ଟି ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଜଳସ୍ତର ୬୨୪ ଫୁଟ୍ ଉପରେ ରହିଛି। ମୁଣ୍ଡଳୀରେ ପ୍ରାୟ ସାଢ଼େ ୫ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ବନ୍ୟା ଆଶଙ୍କା ନଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ଗୁରୁବାର ରାତି ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୧୦ ଫୁଟ୍ ରହିଛି। ନଦୀବନ୍ଧର ବାମପାଶ୍ୱର୍ର ୭ଟି ଏବଂ ଡାହାଣ ପାଶ୍ୱର୍ର ୩ଟି ଏହିଭଳି ମୋଟ ୧୦ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୩୬,୪୪୪ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୨୫,୩୯୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୯୦,୦୭୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନେଲ ଦେଇ ୩୨୩୮୨ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୭୧୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୦,୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୫୯,୦୨୦ କ୍ୟୁସେକ୍, ଖଇରମାଲଠାରେ ୩,୮୫,୦୦୦ କ୍ୟୁସେକ୍, ବାରମୁଲଠାରେ ୪,୦୦,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୫,୫୯,୩୯୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଗୁରୁବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୦.୩୯ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୬୬ ମିମି ବର୍ଷା ରେକର୍ଡ କରାଯାଇଛି।

### ଏମ୍‌ଏମ୍‌ଡିଆର ସଂଶୋଧନ ଆଇନ ପ୍ରସଙ୍ଗ

## ଓଡ଼ିଶାର ଆଗାମୀ ପିଢ଼ିଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯିବ

ଭୁବନେଶ୍ୱର,୨୭।୮(ସମିସ): ଏମଏମଡିଆର ସଂଶୋଧନ ଆଇନ୍ ପ୍ରସଙ୍ଗକୁ ନେଇ ବିଜେପି ଓ ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଛି ବିଜେଡି। ସାଢ଼େ ଚାରି କୋଟି ଓଡ଼ିଆଙ୍କ ବିରୋଧରେ ଏହା ଏକ ଷଡ଼ଯନ୍ତ୍ର ଓ ଆଗାମୀ ପିଢ଼ିଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେବା ପାଇଁ ଏହା ଉଦ୍ଦିଷ୍ଟ ବୋଲି ବିଜେଡି କହିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଟକ ମେୟର ତଥା ଦଳର କୋଷାଧ୍ୟକ୍ଷ ସୁବାସ ସିଂ ଓ ପୂର୍ବତନ ସାଂସଦ ତଥା ଦଳର ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠି ଏମଏମଡିଆର ସଂଶୋଧନ ଆଇନ ଓଁଶାର ସ୍ୱାର୍ଥ ବିରୋଧୀ ବୋଲି ବର୍ଣ୍ଣନା କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଖଣି ଟିକସ ଓ ଲେଭି ବାବଦକୁ ବକେୟା ଏକ ଲକ୍ଷରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଆଦାୟ ହୋଇଥିଲେ ଓଡ଼ିଶାର ଆର୍ଥିକ ସ୍ଥିତି ମଜବୁଥ ହୋଇଥାନ୍ତା। କିନ୍ତୁ କେନ୍ଦ୍ର ସରକାର ଏହି ବିଲ୍ ପାସ କରି ଓଡ଼ିଶାର ନ୍ୟାର୍ଯ୍ୟ ପ୍ରାପ୍ୟକୁ ଛଡାଇ ନେଇଛନ୍ତି ବୋଲି ଦଳ କହିଛି।

ଶ୍ରୀ ସିଂ କହିଥିଲେ, ଓଡିଶା ଦେଶର ଏକ ଗରିବ ରାଜ୍ୟର ପରିଚୟ ରହିଥିଲେ ମଧ୍ୟ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଅନେକ ଲୋକାଭିମୁଖୀ ସାମାଜିକ ସୁରକ୍ଷା ଯୋଜନା କରିଥିଲେ, ଯାହା ସମଗ୍ର ଦେଶ ପାଇଁ ଉଦାହରଣ ହୋଇଥିଲା। ବିଜେପି ସରକାରଙ୍କ ଦୁଇ ବର୍ଷର ଶାସନରେ, ନବୀନ ବାବୁ ଆରମ୍ଭ କରିଥିବା ଅନେକ ଯୋଜନା ପାଇଁ ଅର୍ଥ ବରାଦ ହୋଇ ପାରି ନାହିଁ। ଫଳସ୍ୱରୂପ ରାଜ୍ୟରେ



ଅନେକ ସମୟରେ ପେନସନ ପ୍ରଦାନ ପାଇଁ ବିଳମ୍ବ ଘଟୁଛି। ବିଏସକେୱାଇ ଭଳି ଲୋକପ୍ରିୟ ଯୋଜନାକୁ ବନ୍ଦ କରି ଦିଆଯାଇଛି ଓ ହରିଶ୍ଚନ୍ଦ୍ର ଯୋଜନାରେ ମିଳୁଥିବା ଟଙ୍କା ଠିକ୍ ସମୟରେ ମିଳି ପାରୁନାହିଁ। ବିଜେପି ସରକାରଙ୍କ ସମୟରେ ରାଜ୍ୟର ଆର୍ଥିକ ସ୍ଥିତି ବିଗୁଡୁଥିବା ବେଳେ ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ଏମଏମଡିଆର ସଂଶୋଧନ ଆଇନ୍ ମାଧ୍ୟମରେ ଓଡ଼ିଶାର ନ୍ୟାର୍ଯ୍ୟ ଅଧିକାରକୁ ଛଡାଇ ନିଆଯାଇଛି। ଦୁଃଖ ଓ ପରିତାପର ବିଷୟ, ଏହି ବିଲ୍ ପାରିତ ହେବା ବେଳେ ଓଡ଼ିଶାର ଲୋକସଭାରେ ଥିବା ୨୦ ବିଜେପି ସାଂସଦ ଓ ରାଜ୍ୟସଭାରେ ଥିବା ୫ ଜଣ ବିଜେପି ସାଂସଦ ନୀରବଦ୍ରଷ୍ଟା ସାଜିଥିଲେ। ଆଗାମୀ ପଢ଼ିଙ୍କ ଭବିଷ୍ୟତ ନଷ୍ଟ କରିବାକୁ ଯାଉଥିବା ଏହି

- ବିଜେପି ଶାସନରେ ଓଡ଼ିଶାର ଆର୍ଥିକ ସ୍ଥିତି ବିଗିଡ଼ିଛି
- ବକେୟା ୧ଲକ୍ଷ କୋଟି ଆଦାୟ ହୋଇଥିଲେ, ରାଜ୍ୟର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇଥାନ୍ତା
- ଆଗକୁ ରାଜ୍ୟରେ ଲାଗୁ ଅନେକ ଯୋଜନା ପ୍ରଭାବିତ ହେବ

ବିଲ୍‌କୁ ସହଯୋଗ କରିଥିବା ବିଜେପି ସାଂସଦ ମାନଙ୍କୁ ଓଡ଼ିଶାବାସୀ କ୍ଷମା ଦେବେ ନାହିଁ। ଖଣି ମାଲିକ ମାନଙ୍କ ପାଇଁ ବିଜେପିର ଅହେତୁକ ଅନୁକମ୍ପା କଣ ପାଇଁ ବୋଲି ଶ୍ରୀ ସିଂ ପ୍ରଶ୍ନ କରିଥିଲେ।

ଶ୍ରୀମତୀ ସେଠି କହିଥିଲେ, ଏହି ଆଇନ୍ ଯୋଗୁଁ ଓଡ଼ିଶାର ପ୍ରଭୂତ କ୍ଷତି ହେବାକୁ ଯାଉଥିବା ବେଳେ ଏହା ଓଡିଶାକୁ ଆର୍ଥିକ ଦୁର୍ଗତି ଆଡ଼କୁ ଟାଣିନେବ। ଏହାଦ୍ୱାରା ନବୀନ ପଟ୍ଟନାୟକଙ୍କ ସମୟରେ ଆରମ୍ଭ ହୋଇଥିବା ଅନେକ ସାମାଜିକ ସୁରକ୍ଷା ଯୋଜନା ଗୁଡିକ ପ୍ରଭାବିତ ହେବ। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡିଶା ଗୋଟିଏ ବିତ୍ତୀୟ ନିଅଣ୍ଟ ରାଜ୍ୟରୁ ବଳକା ଆର୍ଥିକ ରାଜ୍ୟ ହୋଇପାରି ଥିଲା। ଓଡ଼ିଶାର ବିତ୍ତୀୟ ନିଅଣ୍ଟ, ଯାହା ୨୦୨୫-୨୬ରେ ୩.୪ ପ୍ରତିଶତ ହେବ ବୋଲି ଆକଳନ ହୋଇଥିଲା ତାହା ବାସ୍ତବରେ ୩.୫ ପ୍ରତିଶତ ହୋଇଥିଲା। ସେହିପରି ଆଉଟଷ୍ଟାଣ୍ଡିଂ ଲାଇବଲିଟି (ବକେୟା ଦେୟ) ଯାହା ୨୦୨୫-୨୬ରେ ଜିଏସଡିପିର ୧୩ ପ୍ରତିଶତ ଥିଲା, ତାହା ଏବେ ୧୪ପ୍ରତିଶତରେ ପହଁଚିଛି ବୋଲି ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, ରାଜ୍ୟର ଆର୍ଥିକ ସ୍ଥିତି ଧୀରେ ଧୀରେ ବିଗୁଡୁଛି। ଖଣିରୁ ବକେୟା ପ୍ରାପ୍ୟ ଥିବା ଏକ ଲକ୍ଷ କୋଟି ଟଙ୍କା ଓଡ଼ିଶାର ଆର୍ଥିକ ସ୍ଥିତିକୁ ମଜବୁତ କରିଥାନ୍ତା। କିନ୍ତୁ, ଏମଏମଡିଆର ସଂଶୋଧିତ ଆଇନ୍ ଦ୍ୱାରା ଏହି ଆଶା ପାଣିରେ ମିଳାଇ ଯାଇଛି ବୋଲି ସେ କହିଛନ୍ତି।

### ମନ୍ତ୍ରୀଙ୍କୁ ଗାଳି ଭିଡିଓ ଭାଇରାଲ ପରେ ଯୁବକ ନିଖୋଜ

## ଇବ୍ ନଦୀ ମିଲ୍‌ଘାଟରୁ ମିଳିଲା ଆକ୍ଟିଭା

ଭୁବନେଶ୍ୱର (ସମିସ): ଏକ ଭାଇରାଲ ଭିଡ଼ିଓରେ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଚାଲେଞ୍ଜ କରିବା ପରେ ଜନୈକ ଯୁବକ ନିଖୋଜ ହୋଇଯିବା ଘଟଣାକୁ ନେଇ ସରଗରମ ହୋଇଛି ଝାରସୁଗୁଡ଼ା ଜିଲ୍ଲା ରାଜନୀତି। ଗତକାଲିଠାରୁ ସମ୍ପୃକ୍ତ ଯୁବକ ନିଖୋଜ ହୋଇ ଯାଇଛନ୍ତି ଓ ଇବ୍ ନଦୀର ଓପିଏମ୍ ମିଲ୍ ଘାଟରୁ ତାଙ୍କର ଆକ୍ଟିଭାକୁ ଠାବ କରାଯାଇଛି । ତାଙ୍କ ଘର ଲମ୍‌ଟିବାହାଲ ଅଞ୍ଚଳରେ ଓ ନାମ ରବି ସୋନି ବୋଲି ଜଣାପଡ଼ିଛି ।

**ଜିଲ୍ଲାରେ ଆଲୋଡ଼ନ, ନଦୀରେ ଖୋଜାଖୋଜି ଆରମ୍ଭ**



ରବି ପୂର୍ବରୁ ଠିକାଦାରୀ କରୁଥିଲେ ଓ ତାଙ୍କର ପତ୍ନୀ ଜଣେ ଅଧ୍ୟାପିକା ବୋଲି ସୂଚନା ମିଳିଛି । ବିଭିନ୍ନ ସମୟରେ ସେ ସ୍ଥାନୀୟ ପ୍ରସଙ୍ଗ ନେଇ ସ୍ୱର ଉତ୍ତୋଳନ କରୁଥିଲେ ଏବଂ ରାଜନେତାମାନଙ୍କୁ ସିଧାସଳଖ ପ୍ରଶ୍ନ କରିବାର ସାମର୍ଥ୍ୟ ରଖୁଥିଲେ। ସେ ସ୍ୱାଭାବିକ ଜୀବନଯାପନ କରୁଥିଲେ ହେଁ କିଛି ଲୋକ ତାଙ୍କର ମାନସିକ ବିକୃତି ଘଟିଥିବା ପ୍ରଚାର କରୁଥିବା ଶୁଣିବାକୁ ମିଳିଥିଲା ।

କିଛି ଦିନ ତଳେ ରବି ଏକ ଭିଡ଼ିଓରେ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସ୍ଥାନୀୟ ଅଞ୍ଚଳର କେତେକ ପ୍ରସଙ୍ଗରେ ଚାଲେଞ୍ଜ କରିଥିଲେ। ଓପିଏମ୍ ମିଲ୍ ଖୋଲିବା, ଝାରସୁଗୁଡ଼ା ଷ୍ଟାଡ଼ିଅମକୁ ସ୍ୱର୍ଗତ ମନ୍ତ୍ରୀ ନବ ଦାସଙ୍କ ନାମରେ ନାମିତ କରିବାକୁ ସେ ଏଥିରେ ଦାବି କରିଥିଲେ । ଏହା ପରେ ରବି ଅକସ୍ମାତ ନିଖୋଜ ହୋଇଯିବା ଓ ନଦୀ ଘାଟରୁ ତାଙ୍କ ଗାଡ଼ି ପରିତ୍ୟକ୍ତ ଅବସ୍ଥାରେ ମିଳିବା ଘଟଣା ସହ ଏହି ଭିଡ଼ିଓକୁ ଅନେକ ଲୋକ ଯୋଡ଼ିବା ଆରମ୍ଭ କରିଛନ୍ତି । ପୁଲିସ ଓ ଦମକଳ ବାହିନୀ ରବିଙ୍କ ସନ୍ଧାନ ନେବା ନିମନ୍ତେ ନଦୀରେ ଖୋଜାଖୋଜି ଚଳାଇଛନ୍ତି ଓ ତାଙ୍କର ଚିହ୍ନା ପରିଚିତ ବ୍ୟକ୍ତିଙ୍କୁ ମଧ୍ୟ ପଚରାଉଚରା କରୁଥିବା ଜଣାପଡ଼ିଛି ।

### ଉତ୍ତରାଞ୍ଚଳ ଡିଆଇଜିଙ୍କ ଦାୟିତ୍ୱ ଗ୍ରହଣ

# ‘ସାଇବର ଅପରାଧ ରୋକିବା ଉପରେ ଫୋକସ୍ କରାଯିବ’

**ସମ୍ବଲପୁର, ୨୭।୮ (ସମିସ)**

ଉତ୍ତରାଞ୍ଚଳ ଡିଆଇଜି ଭାବେ ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ଚରଣ ସିଂ ମୀନା ପୋଲିସ ପ୍ରଶାସନକୁ ଅଧିକ କ୍ରିୟାଶୀଳ, ସଂବେଦନଶୀଳ ଓ ଜନକୈନ୍ଦ୍ରିକ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସାମ୍ପ୍ରତିକ ସମୟରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ସାଇବର ଠକେଇ ଓ ସାଇବର ଅପରାଧକୁ ସାମ୍ନା କରିବା ପାଇଁ ପୋଲିସ କର୍ମଚାରୀମାନଙ୍କୁ ଆଧୁନିକ ବୈଷୟିକ ଜ୍ଞାନକୌଶଳରେ ତାଲିମ ଦିଆଯିବ। ଆଗାମୀ ଦିନରେ ଏହା ବଡ଼ ଫୋକସ୍ ଏରିଆ ରହିବ, ଏହା ଏକ ନୂତନ ଆହ୍ୱାନ ଭାବେ ଉଭା ହୋଇଛି। ପ୍ରତିଦିନ କୌଣସି ନା’ କୌଣସି ଥାନାରେ ସାଇବର ଅପରାଧ ଅଭିଯୋଗ ହେଉଛି। ଏଣୁ ପୁଲିସକୁ ବୈଷୟିକସ୍ତରରେ ଦକ୍ଷ କରାଯାଇ ସାଇବର ଅପରାଧ ବିରୋଧରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଡିଆଇଜି କହିଛନ୍ତି। ଗୁରୁବାର ମଧ୍ୟାହ୍ନ ୧୨ଟା ସମୟରେ ଶ୍ରୀ ମୀନା ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ଆଶୀର୍ବାଦ ନେଇ ଦାୟିତ୍ୱ ସମ୍ଭାଳିବା ପରେ ଡିଆଇଜି ଶ୍ରୀ ମୀନା କହିଛନ୍ତି, ଆଇନ ଶୃଙ୍ଖଳା ରକ୍ଷା, ଅପରାଧ ଅନୁସନ୍ଧାନ ଓ ନିରାକରଣ ତଥା ସାଧାରଣ ଜନତାଙ୍କୁ ସୁରକ୍ଷିତ ପରିବେଶ ଯୋଗାଇଦେବା ପ୍ରାଥମିକ ଲକ୍ଷ୍ୟ। ବିଶେଷ କରି ମହିଳା, ଶିଶୁ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ



ବିରୋଧରେ ହେଉଥିବା ଅପରାଧକୁ ରୋକିବା ସହ ଅର୍ଗାନାଇଜ୍ଡ କ୍ରାଇମ ଓ ନିଶାକାରବାର ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ସହିତ ନିଶାମୁକ୍ତ ସମାଜ ଗଠନ ଏବଂ ଯୁବପିଢ଼ିଙ୍କୁ ନିଶା କବଳରୁ ରକ୍ଷା କରିବା ପାଇଁ କଡ଼ା ଚଢ଼ାଉ ସହ ସଚେତନତା ସୃଷ୍ଟି କରାଯିବ। ପ୍ରତିଟି ଥାନାରେ ଜନସାଧାରଣଙ୍କୁ ପ୍ରାଥମିକତା ଦେଇ ଶୁଣିବା ଏବଂ ସେମାନଙ୍କ ଅଭିଯୋଗର ଶୀଘ୍ର ସମାଧାନ କରିବା ପାଇଁ ‘ପବ୍ଲିକ ସେଣ୍ଟ୍ରିକ ପୋଲିସିଂ’ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବ ବୋଲି ସେ କହିଛନ୍ତି। ଉତ୍ତରାଞ୍ଚଳରେ ଶାନ୍ତି, ଶୃଙ୍ଖଳା ଓ ଭାଇଚାରା ବଜାୟ ରଖିବା ପାଇଁ ସାଧାରଣ ଜନତା ଏବଂ ଗଣମାଧ୍ୟମର ପୂର୍ଣ୍ଣ ସହଯୋଗ ଆବଶ୍ୟକ ବୋଲି ନୂତନ ଡିଆଇଜି ଶ୍ରୀ ମୀନା ଅନୁରୋଧ କରିଛନ୍ତି।

# ଦରଦାମ ବୃଦ୍ଧି, ବେକାରୀ ସମସ୍ୟା ନେଇ ପଦଯାତ୍ରା




**ସମ୍ବଲପୁର, ୨୭।୮ (ସମିସ) :** ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ସମ୍ବଲପୁର ଜିଲ୍ଲା ପକ୍ଷରୁ ଜାତୀୟ ଓ ରାଜ୍ୟ ଦଳ ଆହ୍ୱାନରେ ଦିଲ୍ଲୀଠାରେ ଆଗାମୀ ସେପ୍ଟେମ୍ବର ୧ରେ ହେବାକୁ ଥିବା ପରିବର୍ତ୍ତନ ମହାସମାବେଶର ସଫଳତା ପାଇଁ, ଦେଶବ୍ୟାପୀ ଅନୁଷ୍ଠିତ ହେଉଥିବା ପରିବର୍ତ୍ତନ ପଦଯାତ୍ରା ସମ୍ବଲପୁର ମହାନଗର ନିଗମ ଅଧୀନ ତକବା ୱାର୍ଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶରେ ଅନିୟନ୍ତ୍ରିତ ଦରଦାମ ବୃଦ୍ଧି, ବେକାରୀ ସମସ୍ୟା, ଶିକ୍ଷାକ୍ଷେତ୍ରରେ ବ୍ୟାପକ ଅନିୟମିତତା ସହ ଅର୍ଥ କାରବାର, ଅନ୍ନଦାତା କୃଷକଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟର ଆଇନଗତ ବ୍ୟବସ୍ଥା, ସାର, ବିହନ, ପୋକମରା ଔଷଧର କଳାବଜାରୀ ବନ୍ଦ ପାଇଁ କଠୋର ଆଇନ ପ୍ରଣୟନ କରିବା, ଖରିଫ ଫସଲର ଟୋକନ ବ୍ୟବସ୍ଥାରେ ବ୍ୟାପକ ଚଞ୍ଚକତା କରି ଚାଷୀ ଓ ଭାଗଚାଷୀଙ୍କୁ ତାଙ୍କ କଷ୍ଟଲବ୍ଧ ଫସଲର ସରକାରୀ ବିକ୍ରି ବ୍ୟବସ୍ଥାରୁ ବଞ୍ଚିତ କରିବା, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଘରୋଇକରଣ ସହ ଗରିବ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେବା, ରାଜ୍ୟର ଖଣି ଓ ଖଣିଜ ଦ୍ରବ୍ୟରେ ରାଜ୍ୟର ଅଧିକାରକୁ ସଂସଦରେ ବିନା ଆଲୋଚନାରେ ପାସ୍ କରାଇ ପୁଞ୍ଜିପତି ଓ ଉଦ୍ୟୋଗପତିଙ୍କୁ ପ୍ରଦାନ କରିବା ଆଦିକୁ ବିରୋଧସହ ଦେଶର ସମ୍ବିଧାନ, ଗଣତନ୍ତ୍ର, ଧର୍ମନିରପେକ୍ଷତା, ସମାଜବାଦ ବିଚାରଧାରା ରକ୍ଷା ପାଇଁ, ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ପରିବର୍ତ୍ତନ ଜରୁରୀ ସମାବେଶ କରାଯାଉଛି। ଏହି ସଚେତନତା କାର୍ଯ୍ୟକ୍ରମରେ ସିପିଆଇ ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂହଦେଓ ଯୋଗ ଦେଇଥିବା ବେଳେ ଜିଲ୍ଲା ସମ୍ପାଦିକା ସରୋଜିନୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଯାମିନୀ ମହାନନ୍ଦ, ପ୍ରତିମା ଜଗଦଲା, ସାଧବୀ ମହାନନ୍ଦ, ବିଳାସିନୀ ମହାନନ୍ଦ ପ୍ରମୁଖ ପଦଯାତ୍ରାର ନେତୃତ୍ୱ ନେଇଥିଲେ।

# ହୀରାକୁଦ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷାବନ୍ଧନ ଓ ଗଙ୍ଗାଧର ଜୟନ୍ତୀ



**ସମ୍ବଲପୁର, ୨୭।୮ (ସମିସ) :** ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷାବନ୍ଧନ ଓ ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଓଆଇଏସଏଫ ଇନ୍ସପେକ୍ଟର ଅଶୋକ ସାମନ୍ତରାୟ ଯୋଗଦେଇ ଜୀବନର ଶୃଙ୍ଖଳା ଓ ରକ୍ଷା ବନ୍ଧନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଯୁଗ୍ମ ସମ୍ପାଦକ ସୋମନାଥ ତରିଆ ଭାଇଭଉଣୀ ପରସ୍ପର ସହଯୋଗ ମନୋଭାବ ରଖିବା ଦରକାର ବୋଲି କହିଥିଲେ। ପ୍ରାନ୍ତ ସଙ୍ଗୀତ ସଂଯୋଜକ ଜିତେନ୍ଦ୍ର ପଣ୍ଡା, ସଭାପତି ଅଶୋକ ପଣ୍ଡା, ଉପସଭାପତି ହେମନ୍ତ ପଟେଲ, କୋଷାଧ୍ୟକ୍ଷ ଅଜିତ ସିଂହ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ ଗୁରୁମା ସସ୍ମିତା ମିଶ୍ର ବଳରାମଙ୍କ ଜୟନ୍ତୀ ଓ ପ୍ରଜ୍ଞା ପାରମିତା ମିଶ୍ର ଗଙ୍ଗାଧରଙ୍କ ଜୀବନୀ ଉପରେ ଧାରଣା ଦେଇଥିଲେ। ଶିଶୁ ଭଉଣୀ ପ୍ରତ୍ୟୁଷା ବାସା, ନିରୁପମା ଷଡ଼ଙ୍ଗୀ, କ୍ରିତିଶା ରଥ, ଭାଇ ସଂକଳ୍ପ ମିଶ୍ର, ଭଉଣୀ ସାଇଶ୍ରୀୟା ପରିଡ଼ା, ସୁକନ୍ୟା ସାହୁ ଏହି ଦିବସର ମହତ୍ତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୁରୁମା ପ୍ରୀତି ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ସୁଧାଂଶୁବାଳା ବିଶ୍ୱାଳ ବୌଦ୍ଧିକ ପରିଚାଳନା କରିଥିଲେ। ଶିଶୁ ବାଟିକାରେ ମୁଖ୍ୟବକ୍ତା ଭାବରେ ଗୁରୁଜୀ ବିଶ୍ୱନାଥ ମିଶ୍ର ରାକ୍ଷୀର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ଅଭୟ ଚରଣ ନାୟକ ଧନ୍ୟବାଦ ଅର୍ପଣ ଓ ବାଟିକା ପ୍ରମୁଖ ସୁଶାନ୍ତ ବେହେରା ପରିଚୟ ପ୍ରଦାନ କରିଥିଲେ। ଶିଶୁମାନେ ରାକ୍ଷୀର ସଙ୍ଗୀତ ଗାନ କରି ପରସ୍ପର ମଧ୍ୟରେ ରାକ୍ଷୀ ବାନ୍ଧିଥିଲେ।

# ମାଲେସିଆରେ ନୃତ୍ୟ ମହୋତ୍ସବରେ ଯୋଗଦେବ ସମ୍ବଲପୁରୀ ନୃତ୍ୟ ଦଳ

**ସମ୍ବଲପୁର, ୨୭।୮ (ସମିସ) :** ମାଲେସିଆ ଶିବୁଠାରେ ଶିବୁ ଆନ୍ତର୍ଜାତିକ ନୃତ୍ୟ ମହୋତ୍ସବ ଅଗଷ୍ଟ ୨୯ ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିରେ ୨୨ଟି ଦେଶ ଅଂଶଗ୍ରହଣ କରୁଛନ୍ତି। ଏହି ଉତ୍ସବରେ ସମ୍ବଲପୁର ତଥା ଓଡ଼ିଶାର ଜଣାଶୁଣା ସମ୍ବଲପୁରୀ ନୃତ୍ୟଗୁରୁ ଆଲୋକ କୁମାର ପଣ୍ଡା ଏବଂ ଦଳ ଭାରତକୁ ପ୍ରତିନିଧିତ୍ୱ କରୁଛନ୍ତି। ଏହି ମହୋତ୍ସବରେ ୫ଦିନ ବିଭିନ୍ନ ଜାଗାରେ ଡାଲଖାଇ, ରସରକେଳି,



ମାଇଲାଜଡ଼, ନଚନିଆ, ବଜନିଆ ନୃତ୍ୟ ପରିବେଷଣ କରାଯିବ। ଏହାସହ ସେଠାରେ ସମ୍ବଲପୁରୀ ନୃତ୍ୟ କର୍ମଶାଳା ମଧ୍ୟ ପରିଚାଳନା କରିବା କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ଆଜି ନୃତ୍ୟଗୁରୁ ଶ୍ରୀ ପଣ୍ଡା ଓ କଳାକାରମାନେ ମା’ ସମଲେଶ୍ୱରୀଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଗୁରୁ ଶ୍ରୀ ପଣ୍ଡାଙ୍କ କହିବାନୁଯାୟୀ, ଆମ କଳା, ଆମ ସଂସ୍କୃତି ହେଉଛି ଆମ ପରିଚୟ। ସେହି ପରିଚୟ ପାଇଁ, ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସେ ସବୁବେଳେ ଚେଷ୍ଟିତ। ପୂର୍ବରୁ ସେ ବିଭିନ୍ନ ଦେଶରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନୃତ୍ୟଗୁରୁ ଆଲୋକ ପଣ୍ଡାଙ୍କ ସହ ନୃତ୍ୟ ଦଳ ଆଜି ସନ୍ଧ୍ୟାରେ ସମଲେଶ୍ୱରୀ ଟ୍ରେନରେ ଯାତ୍ରା କରିଛନ୍ତି।

# ଉଠାଦୋକାନୀଙ୍କଠୁ ଅହେତୁକ ଫି ଆଦାୟ ପ୍ରସଙ୍ଗକୁ ନେଇ ଭିଜିଲାନ୍ସ ନିରପେକ୍ଷ ତଦନ୍ତ କରିପାରିବ ତ? : ରୋହିତ ପୂଜାରୀ

**ସମ୍ବଲପୁର, ୨୭।୮ (ସମିସ) :** ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ଉଠାଦୋକାନୀଙ୍କ ଠୁ ଅହେତୁକ ଫି ଆଦାୟ ପ୍ରସଙ୍ଗକୁ ନେଇ ଭିଜିଲାନ୍ସର ନିରପେକ୍ଷ ତଦନ୍ତ ପ୍ରତି ପ୍ରଶ୍ନ ଉଠାଇଛନ୍ତି। ଏହି ମର୍ମରେ ଇଂ. ପୂଜାରୀ କହିଛନ୍ତି ଯେ, ଗତ କିଛିଦିନ ପୂର୍ବରୁ ସେ ତାଙ୍କ ଆବାସିକ କାର୍ଯ୍ୟାଳୟଠାରେ ସମ୍ବଲପୁର ମହାନଗର ନିଗମର ଉଠାଦୋକାନୀ ମାନଙ୍କୁ ଭେଟିଥିଲେ ଏବଂ ତାଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରି ତାଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ ସହ ଫୋନ୍ ମାଧ୍ୟମରେ କଥା ହୋଇ ତାଙ୍କର ସମସ୍ୟାମାନ ଜଣାଇଥିଲେ। ଏହାସହ ବିଶେଷ କରି ଉଠାଦୋକାନୀ ମାନଙ୍କଠାରୁ ବେନିୟମ ଭାବେ ମହାନଗର ନିଗମର ପକ୍ଷରୁ ଅହେତୁକ ଫି ଆଦାୟ ସମ୍ପର୍କରେ ମଧ୍ୟ ଅବଗତ କରିଥିଲେ। କିନ୍ତୁ ବର୍ତ୍ତମାନ ସମୟରେ ଗରିବ, ନିରୀହ ଉଠାଦୋକାନୀମାନଙ୍କ ଠୁ ଲୁଟ୍ ଚାଲୁଛି ବୋଲି ବିଭିନ୍ନ ସମ୍ବାଦପତ୍ରରେ ଖବର ବାରମ୍ବାର ପ୍ରକାଶ ପାଇବାପରେ ଭିଜିଲାନ୍ସ ମହାନଗର ନିଗମରେ ତଦନ୍ତ ଆରମ୍ଭ କରିଛି। ବହୁଦିନ ଧରି ଏହି ଭଳି ଭାବରେ ବେନିୟମ ଲୁଟ୍ ଚାଲିଛି ଏବଂ ସରକାରଙ୍କ କୋଟି କୋଟି ଟଙ୍କା ଆତ୍ମସାତ୍ ହେଉଛି। ବର୍ତ୍ତମାନ ସମୟରେ ବିନା ରସିଦରେ ବିଭିନ୍ନ ଉଠାଦୋକାନୀଙ୍କ ଠାରୁ ଦଲାଲ ମାନଙ୍କ ମାଧ୍ୟମରେ ଫି ଆଦାୟ କରାଯାଉଥିବା ଯୋଗୁଁ ନିର୍ଦ୍ଧାରିତ ମୂଲ୍ୟଠାରୁ ବହୁ ଅଧିକ ଫି ଆଦାୟ କରାଯାଉଛି। ଦୈନିକ ହିସାବରେ ଦଲାଲ ମାନଙ୍କ ଦ୍ୱାରା ବିଭିନ୍ନ ଉଠାଦୋକାନୀ ମାନଙ୍କ ଠାରୁ ଅତି କମରେ ଶହେରୁ ଦେଢ଼ ଶହ ଟଙ୍କା ଆଦାୟ କରାଯାଉଛି ବୋଲି ଚର୍ଚ୍ଚା ହେଉଛି। ଯାହାକି ଯଦି ଗୋଟିଏ ମାସର ହିସାବ କରିଲେ, ସେମାନେ ଯଦି ଗୋଟିଏ କମ୍ପ୍ଲେକ୍ସ ଘର କିମ୍ବା ଦୋକାନ ଗୃହ ଭଡା ନିଅନ୍ତି ତେବେ ତାହାଠାରୁ ମଧ୍ୟ ଅଧିକ ହେଉଛି। ଉଠାଦୋକାନୀ ମାନେ ନିଜର ପରିବାର ପ୍ରତିପୋଷଣ କରିବା ପାଇଁ ସହରର ବିଭିନ୍ନ ସ୍ଥାନରେ ନିଜର ଦୋକାନ ଲଗାଇ ନିଜର କାର୍ଯ୍ୟ ଚଳାଇଛନ୍ତି, କିନ୍ତୁ ତାଙ୍କଠାରୁ ନିର୍ଦ୍ଧାରିତ ମୂଲ୍ୟଠାରୁ ଯେଉଁ ଅତ୍ୟଧିକ ମାତ୍ରାରେ କଲେକ୍ସନ କରାଯାଉଛି ତାହା ତାଙ୍କର ଯେଉଁ କମ୍ ଲାଭାଂଶ ପାଉଛନ୍ତି, ଲାଭାଂଶ କୁ ଛଡ଼ାଇ ନିଆଯାଉଛି। ଏବେ ଟିକସ ଆଦାୟ ପାଇଁ ଏସଏମସି କର୍ତ୍ତୃପକ୍ଷ କିଛି ପିଅନ, ଚୁକ୍ତିଭିତ୍ତିକ ଚତୁର୍ଥ ଶ୍ରେଣୀ କର୍ମଚାରୀ, କଲ୍ୟାଣ ମଣ୍ଡପ କେୟାର ଟେକର, ଲ୍ୟାମ୍ପ ଲାଇଟରଙ୍କୁ ଟ୍ୟାକ୍ସ କଲେକ୍ଟର ଭାବେ ଭାରପ୍ରାପ୍ତ ଦାୟିତ୍ୱ ଦେଇଛନ୍ତି। ଏହା ନିନ୍ଦନୀୟ ବୋଲି ଇଂ ପୂଜାରୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ମହାନଗର ନିଗମ ପାଖରେ ଟ୍ୟାକ୍ସ ଆଦାୟ ସମ୍ପର୍କିତ ସବିଶେଷ ତଥ୍ୟ ଉପଲବ୍ଧ ନ ହେବାର ଚର୍ଚ୍ଚା ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଅହେତୁକ ଦୁର୍ନୀତିକୁ ଦର୍ଶାଉଛି। ଭିଜିଲାନ୍ସ ବିଭାଗ ତଦନ୍ତ କଲେ ମଧ୍ୟ ଘୋଟାଲାରେ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ସନ୍ଦେହ ରହୁଥିବାରୁ ତଦନ୍ତ ବାଟବଣା ହେବାର ସମ୍ଭାବନା ଅଛି। ଏଣୁ ସରକାର ବିଳମ୍ବ ନ କରି ଏହି ଘୋଟାଲାର ସିବିଆଇ ତଦନ୍ତ କରିବା ଆବଶ୍ୟକ। କାରଣ ସମ୍ବଲପୁର ମହାନଗର ନିଗମରେ ଯେଉଁ ଭାବରେ ଦୁର୍ନୀତି ବଢ଼ି ବଢ଼ି ଚାଲିଛି, ଭାରତବର୍ଷରେ କୌଣସି ସ୍ଥାନରେ ମଧ୍ୟ ଏଭଳି ଦୁର୍ନୀତି ହେଉନଥିବ। ସାଧାରଣ ଗରିବ ଖଟିଖିଆ ଜନତାଙ୍କୁ ଲୁଟୁଥିବା ବ୍ୟକ୍ତିବିଶେଷଙ୍କୁ ତଦନ୍ତ ପରିସରଭୁକ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଇଂ ପୂଜାରୀ ଦାବି କରିଛନ୍ତି। ଆଗାମୀ ଦିନରେ ଉଠାଦୋକାନୀଙ୍କ ସମସ୍ୟା ଛଡା ଅନ୍ୟାନ୍ୟ ସମସ୍ୟା ଗୁଡ଼ିକ ପ୍ରତି ସରକାର, ଜିଲ୍ଲା ପ୍ରଶାସନ ଏବଂ ମହାନଗର ନିଗମ କର୍ତ୍ତୃପକ୍ଷ ସଜାଗ ନ ହୁଅନ୍ତି ତେବେ ବିଜୁ ଜନତା ଦଳ ଜନସାଧାରଣଙ୍କ ସୁରକ୍ଷା ଏବଂ ମୌଳିକସେବାର ସମ୍ମାନ ବଜାୟ ରଖିବା ପାଇଁ ମହାନଗର ନିଗମ ଘେରାଉ କରିବାକୁ ବାଧ ହେବ ବୋଲି ସେ ମତପ୍ରକାଶ କରିଛନ୍ତି।

# ଜଗନ୍ନାଥ ମନ୍ଦିରକୁ ରାକ୍ଷୀ ଓ ପାଟବସ୍ତ୍ର ପଠାଇଲେ କିସ୍ ପ୍ରତିଷ୍ଠାତା

**ସମ୍ବଲପୁର, ୨୭।୮ (ସମିସ) :** ସମ୍ବଲପୁର ସାକ୍ଷୀପଡ଼ାସ୍ଥିତ ଶ୍ରୀକୃଷ୍ଣ ଚୈତନ୍ୟ ମନ୍ଦିରରେ ଥିବା ଜଗନ୍ନାଥ ମନ୍ଦିରକୁ ରାକ୍ଷୀ ଓ ପାଟବସ୍ତ୍ର ପଠାଇଲେ କିଟ ଓ କିସ ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ। ଆଜି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଓ ସ୍ଥାନୀୟ ଅଧିବାସୀମାନେ ଜଗନ୍ନାଥ ମନ୍ଦିରକୁ ପହଞ୍ଚି କିସ ପ୍ରତିଷ୍ଠାତା ପଠାଇଥିବା ପାଟରାକ୍ଷୀ ସେବା ମାଧ୍ୟମରେ ପାଟବସ୍ତ୍ର ଓ ରାକ୍ଷୀ ଜଗନ୍ନାଥ ମନ୍ଦିର ପୂଜକଙ୍କୁ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଗତବର୍ଷଠାରୁ ସାରା ରାଜ୍ୟରେ ଆରମ୍ଭ କରାଯାଇଥିଲା। ଶ୍ରୀ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା ସୁଭଦ୍ରାଙ୍କ ପାଇଁ କିଟ ଓ କିସ ପ୍ରତିଷ୍ଠାତା ଚଳିତବର୍ଷ ମଧ୍ୟ ପାଟରାକ୍ଷୀ ସେବା ପହଞ୍ଚାଇଛନ୍ତି। ପ୍ରତିବର୍ଷ ସହରର ଭିନ୍ନ ଭିନ୍ନ ଜଗନ୍ନାଥ ମନ୍ଦିର ଗୁଡିକରେ ଏହି ସେବା କରାଯିବ। କିସ ପ୍ରତିଷ୍ଠାତା ଡଃ ସାମନ୍ତଙ୍କ ଏହି ପ୍ରୟାସକୁ ସମସ୍ତେ ଭୂୟସୀ ପ୍ରଶଂସା କରିବାସହ ଏହା ଏକ ଭଲ ପ୍ରୟାସ ବୋଲି ଆଦିବାସୀ ସଂଘ କହିଛି। ଏହି ଅବସରରେ କଳିଙ୍ଗ ଟିଭିର ସମ୍ବଲପୁର ଜିଲ୍ଲା ବ୍ୟୁରୋ ହେଡ ଶ୍ରବଣ କୁମାର ପତି, କିସ ଜିଲ୍ଲା କୋଡିନେଟର ଆକାଶ ବିଶ୍ୱକର୍ମା, ଆଦିବାସୀ କଲ୍ୟାଣ ସଂଘର ସଭାପତି ତରଣୀ ଖଡିଆ, ସହଦେବ ମୁଣ୍ଡା, ମାନସ ସିଂ ପ୍ରମୁଖ ଉପସ୍ଥିତ ଥିଲେ।




# ଆଇଆଇଏମ୍ ସମ୍ବଲପୁରରେ ଜାତୀୟ କ୍ରୀଡ଼ା ଦିବସ

**ସମ୍ବଲପୁର, ୨୭।୮ (ସମିସ) :** ଭାରତୀୟ ପ୍ରବନ୍ଧନ ସଂସ୍ଥାନ ସମ୍ବଲପୁର (ଆଇଆଇଏମ୍ ସମ୍ବଲପୁର) ପକ୍ଷରୁ ମହାନ ହକି ଖେଳାଳି ତଥା ଜାତୀୟ କ୍ରୀଡ଼ା ନାୟକ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀ ଅବସରରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଭାରତ ସରକାରଙ୍କ




ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବପିଢ଼ି ମଧ୍ୟରେ ସୁସ୍ଥତା, ଶୃଙ୍ଖଳା, ନେତୃତ୍ୱ, ଦଳଗତ ଭାବନା, ଦୃଢ଼ତା ଏବଂ ଦାୟିତ୍ୱବୋଧ ବିକାଶରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଏହି ଆୟୋଜନ ମେରା ଯୁବ ଭାରତ ଏବଂ ଖେଲୋ ଇଣ୍ଡିଆ ଭଳି ଜାତୀୟ ପଦକ୍ଷେପ ସହ ସମନ୍ୱିତ ଥିଲା। ଏହାସହିତ ‘ନଶାମୁକ୍ତ ଯୁବ୍ ଫର ବିକଶିତ ଭାରତ’ ବିଷୟରେ ଶପଥଗ୍ରହଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଆଇଆଇଏମ୍ ସମ୍ବଲପୁରର ଛାତ୍ରଛାତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦେଶବ୍ୟାପୀ ଭର୍ଚୁଆଲ୍ ସମ୍ବୋଧନରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ନେତୃତ୍ୱ ବିକାଶରେ କ୍ରୀଡ଼ାର ଭୂମିକା କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ସାମଗ୍ରିକ ବିକାଶ ଏବଂ ରାଷ୍ଟ୍ର ନିର୍ମାଣରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଗବେଷଣା ଓ ନବସୃଜନ ଏଭଳି କ୍ଷେତ୍ର, ଯେଉଁଠାରେ ଭାରତକୁ ଅଧିକ ପ୍ରୟାସ କରିବାର ଆବଶ୍ୟକତା ରହିଛି। ଏହି ଅବସରରେ ସମର୍ପଣ, ଦୃଢ଼ତା ଏବଂ ଉତ୍କର୍ଷର ପରିଚୟ ଦେଇଥିବା କ୍ରୀଡ଼ାବିତ୍‌ମାନଙ୍କ ସଫଳତାକୁ ମଧ୍ୟ ସ୍ୱୀକୃତି ଦିଆଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଯୋଗଦେଇ, ଯୁବ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ସୁଯୋଗ ସୃଷ୍ଟି, ଅଲିମ୍ପିକ୍ ଆକାଂକ୍ଷାକୁ ପ୍ରୋତ୍ସାହନ ଏବଂ ଏକ ଉତ୍ତମ ସମାଜ ଗଠନରେ କ୍ରୀଡ଼ାର ଭୂମିକା ଉପରେ ଆଲୋକପାତ କରିଥିଲେ। ଶେଷରେ ଡିୱାଇଓ ପ୍ରସନ୍ନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଜାପିତା ବ୍ରହ୍ମକୁମାରୀ ପକ୍ଷରୁ ରକ୍ଷାବନ୍ଧନ

**ରେଢ଼ାଖୋଲ, ୨୭।୮ (ସମିସ) :** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ତରଫରୁ ସପ୍ତାହବ୍ୟାପୀ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ବ୍ରହ୍ମକୁମାରୀ ପ୍ରଭୁ ଉପହାର ଭବନଠାରେ ପାଳନ ହୋଇଯାଇଛି। ଏହି ଉତ୍ସବରେ ରେଢ଼ାଖୋଲ ପ୍ରଜାପିତା ବ୍ରହ୍ମ କୁମାରୀ ପକ୍ଷରୁ ଉପସେବା କେନ୍ଦ୍ର ସଂଲଗ୍ନ ୩୦ ଟି ବ୍ରହ୍ମକୁମାରୀ ପାଠଶାଳାରୁ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ଭାଇ ଭଉଣୀ ଉପସ୍ଥିତ ଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ବ୍ରହ୍ମ କୁମାରୀ ମଞ୍ଜୁଲତା ମେହେର, ବିକେ ଶୈଳ, ବ୍ରହ୍ମ କୁମାର ଡ.ଭାଗୀରଥି ବିଶ୍ୱାଳ, ହାଡ଼ିବନ୍ଧୁ ସୁନା ପ୍ରମୁଖ ମଞ୍ଚାସିନ ରହିଥିଲେ। ଏହି ରକ୍ଷାବନ୍ଧନ ଉତ୍ସବରେ ଅନୁଷ୍ଠାନ ପକ୍ଷରୁ ରେଳୱେ ଷ୍ଟେସନ, ପୁଲିସ ଷ୍ଟେସନ, ଉପଖଣ୍ଡ ଚିକିତ୍ସାଳୟ ସମେତ ବିଭିନ୍ନ ଅନୁଷ୍ଠାନକୁ ଯାଇ ରାକ୍ଷୀ ବନ୍ଧନ ଉତ୍ସବ ପାଳନ କରାଯାଇଥିଲା।




# ଗାଁକୁ ପହଞ୍ଚିନି ବିକାଶର ରାସ୍ତା; ଲୋକେ ହନ୍ତସନ୍ତ


**ଜମନକିରା, ୨୭।୮ (ସମିସ):** ଜମନକିରା ବ୍ଲକ ଖର୍ସନମାଲ୍ ପଞ୍ଚାୟତ ଅଧୀନ କାଣୀବନ୍ଧଲୀରୁ ବାଘଲତ୍ ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତା ଏବେ ଲୋକଙ୍କ ପାଇଁ ଦୁର୍ଦ୍ଦଶାର କାରଣ ପାଲଟିଛି। ସାମାନ୍ୟ ବର୍ଷା ହେଲେ ରାସ୍ତା କାଦୁଅରେ ପରିଣତ ହେଉଥିବାବେଳେ ଲଗାଣ ବର୍ଷାରେ ଅବସ୍ଥା ଆହୁରି ସଙ୍ଗୀନ ହୋଇପଡୁଛି। କେବଳ କାଣୀବନ୍ଧଲୀ-ବାଘଲତ୍ ରାସ୍ତା ନୁହେଁ, ଖର୍ସନମାଲ୍ ପଞ୍ଚାୟତ ଅଞ୍ଚଳର ଅନେକ ଗ୍ରାମୀଣ ରାସ୍ତା ଏବେ ଶୋଚନୀୟ ଅବସ୍ଥାରେ ରହିଛି। ସାହାଜବାହାଲରୁ ଟାଙ୍ଗରପାଲି, କୁମୁକାପାଲିରୁ ଖଇରମାଲ୍, ଭୁବୁରାପାଲରୁ କାଣୀବନ୍ଧଲୀ, କାଣୀବନ୍ଧଲୀରୁ ଖଡ଼ିଆପଡ଼ା ଏବଂ ଖର୍ସନମାଲ୍ ପଞ୍ଚାୟତ ଅଫିସରୁ ଖର୍ସନମାଲ୍ ଗାଁକୁ ଯାଇଥିବା ରାସ୍ତା ମଧ୍ୟ ଦୀର୍ଘଦିନ ଧରି ମରାମତି ଅପେକ୍ଷାରେ ରହିଥିବା ଅଭିଯୋଗ ହୋଇଛି। ବର୍ଷା ଋତୁରେ ଏହି ରାସ୍ତାଗୁଡ଼ିକରେ କାଦୁଅ ଓ ଖାଲଖମା ଯୋଗୁଁ ଯାତାୟାତ ଆହୁରି ଦୁର୍ବିସହ ହୋଇପଡୁଛି। ବାଘଲତ୍ ଗାଁର ଗୌନ୍ତିଆପଡ଼ା, ପୁଞ୍ଜିପତରପଡ଼ା, ମଝିପଡ଼ା ଓ ତଳିପଡ଼ାରେ ପ୍ରାୟ ୫୦ରୁ ୬୦ଟି ଆଦିବାସୀ ପରିବାର ବସବାସ କରୁଛନ୍ତି। ଗାଁରେ ଏକମାତ୍ର ଅଙ୍ଗନବାଡ଼ି କେନ୍ଦ୍ର ଥିବାବେଳେ ଶିକ୍ଷା ପାଇଁ ପିଲାମାନଙ୍କୁ ବଡ଼ରମା, ଷଣ୍ଢପଥର ଓ ମୁଣ୍ଡେନପାଲି, କୁମୁକାପାଲି ଭଳି ଅଞ୍ଚଳର ହଷ୍ଟେଲରେ ରହିବାକୁ ପଡୁଛି। ଗ୍ରାମବାସୀ ଅଭିରାମ ଡାଙ୍ଗଙ୍କ କହିବାନୁଯାୟୀ, ଗାଁକୁ ଯିବା ପାଇଁ ଏହି ରାସ୍ତା ହିଁ ଏକମାତ୍ର ଭରସା। ବର୍ଷାହେଲେ ରାସ୍ତାରେ ଏତେ କାଦୁଅ ହୋଇଯାଏ ଯେ ଲୋକଙ୍କ ଯାତାୟାତ କଷ୍ଟକର ହୋଇପଡେ। ବାର୍ଦ୍ଧକ୍ୟ ଭତ୍ତା କିମ୍ବା ଚାଉଳ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ ମଧ୍ୟ ଗ୍ରାମବାସୀଙ୍କୁ ଏହି ରାସ୍ତା ଦେଇ ଯିବାକୁ ପଡୁଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କୁଚିଣ୍ଡା ନିର୍ବାଚନମଣ୍ଡଳୀର ବିଧାୟକ ତଥା ପଞ୍ଚାୟତିରାଜ ଓ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଜମନକିରା ବ୍ଲକରେ ଏଭଳି ମୌଳିକ ସମସ୍ୟା ରହିବା ଦୁର୍ଭାଗ୍ୟଜନକ। ନିର୍ବାଚନ ସମୟରେ ଗାଁକୁ ଆସି ସବୁଦିନିଆ ରାସ୍ତାର ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ ନିର୍ବାଚନ ପରେ ସମସ୍ୟାକୁ ଭୁଲି ଯାଉଥିବା ନେଇ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ଖର୍ସନମାଲ୍ ପଞ୍ଚାୟତର ତଳିପଡ଼ା ଗାଁକୁ ଯାଉଥିବା ଏକମାତ୍ର ରାସ୍ତାର ଅବସ୍ଥା ମଧ୍ୟ ଅତ୍ୟନ୍ତ ଶୋଚନୀୟ। ଗ୍ରୀଷ୍ମ ଋତୁରେ ଗାଁରେ ପାଣି ସମସ୍ୟା ଦେଖାଦେଉଥିବା ବେଳେ ଗ୍ରାମବାସୀଙ୍କ ପାଇଁ ଏକ କ୍ଲବ୍‌ଘର ମଧ୍ୟ ନାହିଁ। ଅଞ୍ଚଳର ବିଭିନ୍ନ ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ତୁରନ୍ତ ପଦକ୍ଷେପ ନିଆଯାଇ ସବୁଦିନିଆ ଯାତାୟାତ ଉପଯୋଗୀ ରାସ୍ତା ନିର୍ମାଣ ଓ ମରାମତି କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବାମରାରେ ‘ବିକଶିତ ଗାଁ ବିକଶିତ ଓଡ଼ିଶା’ର ବିକଳ ଚିତ୍ର

# କଲଭର୍ଟରେ ବିରାଟ ଫାଟ; ନିମ୍ନମାନର ନିର୍ମାଣ ଅଭିଯୋଗ

**କୁଚିଣ୍ଡା, ୨୭।୮ (ସମିସ)**

ସରକାରଙ୍କ ବିକାଶମୂଳକ ଯୋଜନାରେ ଗାଁର ଭିତ୍ତିଭୂମି ସୁଦୃଢ଼ କରିବାର ଲକ୍ଷ୍ୟ ରହିଥିବା ବେଳେ ବାମରା ବ୍ଲକରେ ଏହାର ଓଲଟା ଚିତ୍ର ସାମ୍ନାକୁ ଆସିଛି। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ମାତ୍ର ୬ ମାସ ମଧ୍ୟ ପୂରି ନ ଥିବାବେଳେ ଏକ ନୂତନ କଲଭର୍ଟରେ ବିରାଟ ଫାଟ ଦେଖାଦେଇଛି। ଫଳରେ ଅଞ୍ଚଳବାସୀ ନିମ୍ନମାନର କାମକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ବାମରା ବ୍ଲକ ଜରାବଗା ପଞ୍ଚାୟତ ଅଧୀନ କନ୍ଧକୁଲେଇ ଗ୍ରାମର ଚପଲଗୁଡ଼ାରୁ ବାନ୍ଧୁପଡ଼ା ରାସ୍ତାରେ ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ ଯୋଜନାରେ ପ୍ରାୟ ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କଲଭର୍ଟ ନିର୍ମାଣ କରାଯାଇଛି।



ତେବେ ଏହାର ନିର୍ମାଣ ସରିବାର କିଛି ମାସ ମଧ୍ୟରେ ହିଁ କଲଭର୍ଟରେ ବଡ଼ ଧରଣର ଫାଟ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଉଲ୍ଲେଖନୀୟ ଯେ, କଲଭର୍ଟର ସେଣ୍ଟ୍ରିଂ ଏପର୍ଯ୍ୟନ୍ତ ଖୋଲାଯାଇ ନାହିଁ। ଏପରିକି ଏହି ରାସ୍ତା ମଧ୍ୟ ଏବେ ନିର୍ମାଣାଧୀନ ଥିବାରୁ କଲଭର୍ଟ ଉପରେ ଯାନବାହନ ଚଳାଚଳ ମଧ୍ୟ ଆରମ୍ଭ ହୋଇନାହିଁ। ଏଭଳି ସ୍ଥିତିରେ ଯାତାୟାତ ଆରମ୍ଭ ହେବା ପରେ କଲଭର୍ଟ ଭୁସୁଡ଼ିବା ସହ ଏହାର ସୁରକ୍ଷା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆଶଙ୍କା ବଢ଼ିଛି। ସ୍ଥାନୀୟଲୋକଙ୍କ ଅଭିଯୋଗ ଅନୁସାରେ, ନିର୍ମାଣରେ ଗୁଣବତ୍ତା ରକ୍ଷା କରାଯାଇ ନ ଥିବାରୁ ଏତେ କମ୍ ସମୟ ମଧ୍ୟରେ ଏଭଳି ଫାଟ ସୃଷ୍ଟି ହୋଇଛି। ଆଗାମୀ ଦିନରେ ଭାରୀଯାନବାହନ ଚଳାଚଳ କଲେ କଲଭର୍ଟଟି ଭୁଶୁଡ଼ି ଦୁର୍ଘଟଣାର କାରଣ ହୋଇପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଘଟଣାର ତଦନ୍ତକରି କଲଭର୍ଟର ନିର୍ମାଣ ଗୁଣବତ୍ତା ଯାଞ୍ଚ କରିବା ସହ ଦାୟୀ ଅଧିକାରୀ ଓ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଏବଂ ତ୍ରୁଟିପୂର୍ଣ୍ଣ କାମର ପୁନଃନିର୍ମାଣ ପାଇଁ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ରାକ୍ଷୀ କହିଲା ସ୍ନେହ, ମମତାର କଥା

## ମନମୁଣ୍ଡା ଓ ବିଳାସର ଶିଶୁ ମନ୍ଦିର

ମନମୁଣ୍ଡା, ୨୭ ।୮ (ସମିସ)

ମନମୁଣ୍ଡା ଓ ବିଳାସପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଜି ପବିତ୍ର ରକ୍ଷା ବନ୍ଧନ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ମନମୁଣ୍ଡା ଶିଶୁ ମନ୍ଦିରରେ ସାମ୍ବାଦିକ ବୈଦ୍ୟନାଥ ହୋତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ଷାଣ୍ଡ ଉପସ୍ଥିତ ଥିଲେ । ଗୁରୁଜୀ ପ୍ରମୋଦ ମେହେର ସଂଯୋଜନା କରିଥିବା ବେଳେ ନେପାଳ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ମମତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ବିଳାସପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ତାଳପଡ଼ା ଗ୍ରାମର ରାମଜୀ ମନ୍ଦିର ପ୍ରାଙ୍ଗଣରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତାଳପଡ଼ା ଗ୍ରାମର ଗୌନ୍ତିଆ ଧ୍ରୁବଚରଣ ଖଣ୍ଡଗିରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ଗ୍ରାମର ବିଶିଷ୍ଟ କଳାକାର ରଙ୍ଗାଧର ବଘାର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ବିଜୟ ପଧାନ ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପରିଚାଳନା ସମିତିର ସଭାପତି ତଥା ନୀଳାମ୍ବର ଖମାରୀ ରକ୍ଷାବନ୍ଧନ ଉତ୍ସବର ମହନୀୟତା ବିଷୟରେ ବୁଝାଇଥିଲେ । ସମ୍ପାଦକ ସତ୍ୟନାରାୟଣ ବଘାର ଉପସ୍ଥିତ ଥିଲେ । ଯୁଗ୍ମ ସମ୍ପାଦକ ବିଜୟ ମେହେର ଧନ୍ୟବାଦ ଅର୍ପଣ କରିଥିବା ବେଳେ କୋଷାଧ୍ୟକ୍ଷ ନୀଳକଣ୍ଠ କର୍ଣ୍ଣ ଉପସ୍ଥିତ ଥିଲେ । ତାଳପଡ଼ା ଗ୍ରାମର ବୋଲବମ କମିଟିର ଖଗେଶ୍ୱର ସାହୁ, ସତ୍ୟ ଖଣ୍ଡଗିରି, ଭକ୍ତରାମ ଖଣ୍ଡଗିରି, ଜନ୍ମଜୟ ଗରିଆ, ସ୍ୱାଧୀନ ଖଣ୍ଡଗିରି, ଶରତ ଖଣ୍ଡଗିରି ପ୍ରମୁଖ ଉପସ୍ଥିତ ଥିଲେ ।






### ● ଚାରଭଟା ଶିଶୁ ମନ୍ଦିର



ତରଭା ବ୍ଲକ ଚାରଭଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ନିକଟସ୍ଥ ସିଂଢୋଲ ଗ୍ରାମରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ଆନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ । ବିଶ୍ୱାମିତ୍ର ମଲ୍ଲିକ ଓ ଥବୀର ସାହୁ ଅତିଥି ଭାବେ ଯୋଗ ଦେଇ ରକ୍ଷା ବନ୍ଧନ ବିଷୟରେ ଶିଶୁମାନଙ୍କୁ ବୁଝାଇ ଥିଲେ । ଆଚାର୍ଯ୍ୟ ରାନୁ ରଣା ଓ ଗିରି ସୁତା ବାଗ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମଧ୍ୟ ପାଳିତ ହୋଇଥିଲା । ହିମାଂଶୁ ପ୍ରଧାନ ମେହେରଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଦିଗପାଳ ସାହୁ, ସର୍ବେଶ୍ୱର ବାଗ ପ୍ରମୁଖ ସହଯୋଗ କରିଥିଲେ ।

### ● ପ୍ରଜାପିତ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ

ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ପ୍ରଜାପିତ ବ୍ରାହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତି ସ୍ରୋତ ଭବନରେ ପବିତ୍ର ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଡିସିବି ବ୍ୟାଙ୍କର ଏବିଏମ ସୁଧାଂଶୁ ଶେଖର ଦାଶ ଯୋଗ ଦେଇଥିବା ବେଳେ ସମ୍ମାନିତ ଅଥିତି ଭାବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିଭୂତି ଭୂଷଣ ପଣ୍ଡା, ମୁଖ୍ୟ ବକ୍ତା ଭାବେ ରାଜ ଯୋଗିନୀ ମୀରା ଭଉଣୀ ଉପସ୍ଥିତ ଥିଲେ ।



### ● ମନମୁଣ୍ଡା ଥାନା



ଆଜି ମନମୁଣ୍ଡା ଥାନାରେ ରକ୍ଷା ବନ୍ଧନ ପାଳନ କରାଯାଇଛି । ଆଇଆଇସି ଚିରଞ୍ଜିବି ବେହେରାଙ୍କ ଆୟୋଜନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏସ୍‌ଆଇ ରିଙ୍କି ପାତ୍ର, ଏଏସଆଇ ପୁଷ୍ପାଞ୍ଜଳି ମିଶ୍ର ଓ ଅନ୍ୟମାନେ ଆଇଆଇସି ଶ୍ରୀ ବେହେରାଙ୍କ ସମେତ ସମସ୍ତ ପୁରୁଷ ପୁଲିସ ଅଧିକାରୀମାନଙ୍କ ବନ୍ଦାପନା ପୂର୍ବକ ହାତରେ ରାକ୍ଷୀ ବାନ୍ଧିଥିଲେ ।

### ● ଖପ୍ରାଖୋଲ ଶିଶୁ ମନ୍ଦିର

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାମନ୍ଦିରର କୁନି କୁନି ଛାତ୍ରଛାତ୍ରୀ ପରସ୍ପରକୁ ରାକ୍ଷୀ ବାନ୍ଧିଥିଲେ । ସମ୍ପାଦକ ବିନୟ ପଣ୍ଡା, ଯୁଗ୍ମ ସଚିବ ଲୁଇସ ବିଶ୍ୱାଲ, ଗୁରୁଜୀ ହୃଷିକେଶ ବେହେରା, ଅଭିଷେକ ସାହୁ, ଗୁରୁମା ବୀଣାପାଣି ପଧାନ, ମିତା ପଧାନ, କାମିନୀ ବରିହା, ରିତାଞ୍ଜଳି ପଣ୍ଡା, ହୃଦେଶ୍ୱରୀ ସାହୁ, ସ୍ୱାଗତିକା ଥନାପତି, ସାମ୍ବାଦିକ ନରେନ୍ଦ୍ର ଭୋଇ, ଅଶୋକ ବାଗ ଓ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



# ମହିମା ଆଶ୍ରମରେ ନବାନ୍ନ ମହୋତ୍ସବ





ଇବଥର୍ମାଲ, ୨୭ ।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ପଞ୍ଚଗାଁସ୍ଥିତ ବିଜାପାଲି ବାବା ଫୁଟି ବୈଷ୍ଣବ ଦାସଙ୍କ ଦ୍ୱାରା ସ୍ଥାପିତ ମହିମା ଆଶ୍ରମରେ ୩୦ ତମ ନବାନ୍ନ ମହୋତ୍ସବ ପାଳିତ ହୋଇଯାଇଛି । ବ୍ରହ୍ମ ଅବଧୂତ ନେପାଳ ବାବା, ସାଧୁ ଚିତ୍ର ଦାସ, ହରିହର ଦାସ, ନରହରି ତ୍ୟାଗୀଙ୍କ ସହ ଭକ୍ତ ଓ ଅଞ୍ଚଳବାସୀ ଯୋଗ ଦେଇଥିଲେ । ଅଖଣ୍ଡ ଦୀପ ଲଗାଇ ଜଗତର କଲ୍ୟାଣ ପାଇଁ ପ୍ରାର୍ଥନା କରାଯାଇଥିଲା । ରାତିସାରା ଭଜନ କୀର୍ତ୍ତନ ପରେ ବ୍ରହ୍ମ ମୁହୂର୍ତ୍ତରୁ ଅଲେଖ ପ୍ରଭୁଙ୍କ ପାଖରେ ନବାନ୍ନ ଅର୍ପଣ କରାଯାଇଥିଲା । ବିରଞ୍ଚି ସାହୁ, ବସୁଦେବ ପ୍ରଧାନ, ଆଧାରାମ ପ୍ରଧାନ, ନଟ ଭୋଇ, ଜୟରାମ ଭୋଇ, ଯୀଶୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

## ତୁର୍ଲାରେ ଜୈବିକ କୃଷି ଓ ମାଣ୍ଡିଆ ଚାଷ ତାଲିମ ଶିବିର




ଖପ୍ରାଖୋଲ, ୨୭ ।୮ (ସମିସ): ଭାନପୁର ପଞ୍ଚାୟତ ତୁର୍ଲା ଗାଁରେ ମାଣ୍ଡିଆ ଚାଷ ଓ ଜୈବିକ କୃଷି ସମ୍ପର୍କିତ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥି ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ଦୀନବନ୍ଧୁ ବେହେରା, ଅଭୟ ତ୍ରିପାଠୀ, ମାଣ୍ଡିଆ ଚାଷୀ ଜ୍ୟୋତି ରଞ୍ଜନ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ । ପାରମ୍ପାରିକ କୃଷି, ମାଣ୍ଡିଆ ଚାଷ, ଜୈବିକ କୃଷି ଓ ଉପଚାର, ବିସ୍ତୃତ ଖାଦ୍ୟ ଉପରେ ସମସ୍ତେ ଆଲୋକପାତ କରିଥିଲେ । ସେହିପରି ଦେଶୀ ବିହନ ଚୟନ, ସୁରକ୍ଷା, ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା । ଶ୍ରୀ ଅନ୍ନ ଅଭିଯାନ ବ୍ଲକ ସଂଯୋଜକ ଉମେଶ ଗୁପ୍ତା ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ବିସ୍ତୃତ ଖାଦ୍ୟ ପ୍ରକଳ୍ପ ସଂଯୋଜକ ସୁଦୀପ ପଣ୍ଡା, ଶୋଭନମୟ ଦାସ, ଭୋଜରାଜ ବରିହା, ଷଡ଼ାନନ ବାଗ, ବାସନ୍ତୀ ମୁଣ୍ଡାଙ୍କ ସମେତ ଅଗ୍ରଣୀ ଚାଷୀ, ମାଣ୍ଡିଆ ଚାଷୀ ଉପସ୍ଥିତ ଥିଲେ ।

## ମୌଳିକ ଅଧିକାରରୁ ବଞ୍ଚିତ ବିରିଗୁଡା ଗ୍ରାମବାସୀ

କଣ୍ଟାମାଳ, ୨୭ ।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଅଧୀନ ପାତେଳଠାରୁ ବିରିଗୁଡା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଛାତ୍ରଛାତ୍ରୀ କାଦୁଅ ରାସ୍ତାରେ ବରଗାଁ ଓ ବିରିଗୁଡା ସ୍କୁଲକୁ ପାଠ ପଢ଼ି ଯାଉଛନ୍ତି । ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କଲେ କେବଳ ପ୍ରତିଶ୍ରୁତି ଦେଉଥିବା ଗ୍ରାମବାସୀ କହିଛନ୍ତି । ନେଇ କଣ୍ଟାମାଳ ବିଡିଓ ସାମି ଜୟଶ୍ରୀ ରେଡ୍ଡୀଙ୍କୁ ପଚାରିବାରୁ ମରାମତି ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି ।



## ଏସ୍‌ଆଇ ସମ୍ଭାଳିଛନ୍ତି ଘଣ୍ଟାପଡ଼ା ଥାନା

### ● ମହିଳା ଅଧିକାରୀ କିମ୍ବା କର୍ମଚାରୀ ନ ଥିବାରୁ ଚଢଉ ବେଳେ ସମସ୍ୟା

କଣ୍ଟାମାଳ, ୨୭ ।୮ (ସମିସ): ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନାରେ ମୁଖିଆ ନାହାନ୍ତି । କଣ୍ଟାମାଳ ବ୍ଲକର ମାନ୍ୟତା ପାଇଲା ପରେ କଣ୍ଟାମାଳକୁ ଘଣ୍ଟାପଡ଼ା ଥାନା ଉଠି ଆସିଥିଲା । ଏହାପରେ ଘଣ୍ଟାପଡ଼ାକୁ ଏକ ଫାଣ୍ଡି କରାଗଲା; ହେଲେ ୨୦୨୩ ଜାନୁୟାରୀ ୯ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଘଣ୍ଟାପଡ଼ା ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ କରିଥିଲେ । ଇତି ମଧ୍ୟରେ ମାନ୍ୟତା ପାଇବାର ୩ ବର୍ଷ ବିତିଯାଇଛି; ହେଲେ ଆଜି ପର୍ଯ୍ୟନ୍ତ ଘଣ୍ଟାପଡ଼ା ଥାନାରେ ଜଣେ ହେଲେ ଇନ୍ସପେକ୍ଟର ଅବସ୍ଥାପିତ ହୋଇ ନାହାନ୍ତି । ସବ୍ ଇନ୍ସପେକ୍ଟରରେ କାମ ଚଳି ଆସୁଛି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ବର୍ତ୍ତମାନ ଘଣ୍ଟାପଡ଼ା ଥାନାରେ ଜଣେ ହେଲେ ମହିଳା କନେଷ୍ଟବଳ କିମ୍ବା ଏଏସଆଇ ନାହାନ୍ତି । ଏଣୁ କୌଣସି ଅଭିଯୁକ୍ତଙ୍କ ଘର ଉପରେ ଚଢ଼ଉ କରିବାକୁ ହେଲେ ମହିଳା ଥାନା କର୍ମଚାରୀ ପାଇଁ ପଡ଼ୋଶୀ କଣ୍ଟାମାଳ ଥାନା ଉପରେ ନିର୍ଭର କରିବାକୁ ପଡୁଛି ।

## ମଞ୍ଚରେ ପଡ଼ିଗଲେ ଅଭିନେତା ପୀୟୁଷ ତ୍ରିପାଠୀ

### ● ଅଧାରୁ ଯାତ୍ରା ବନ୍ଦ



ଦେବଗଡ଼, ୨୭ ।୮ (ସମିସ): ଯାତ୍ରା ଜଗତର ଚର୍ଚ୍ଚିତ ଅଭିନେତା ପୀୟୁଷ ତ୍ରିପାଠୀ ପ୍ରବଳ ଗୁଲୁଗୁଲି ଓ ମୁଣ୍ଡ ବୁଲାଇବାରୁ ଯାତ୍ରା ପରିବେଷଣ ବେଳେ ମଞ୍ଚରେ ଅସୁସ୍ଥ ହୋଇ ପଡ ଯାଇଛନ୍ତି । ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକର ବାସୁପାଲି ଗ୍ରାମରେ ଏହି ଘଟଣା ଘଟିଛି । ସିଂହବାହିନୀ ଯାତ୍ରାପାର୍ଟିର ନାଟକ ପରିବେଷଣ ସମୟରେ ପୀୟୁଷ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ । ତାଙ୍କୁ ଯାତ୍ରା କମିଟିର ସଦସ୍ୟ ଓ ସହଯୋଗୀ କଳାକାରମାନେ ତୁରନ୍ତ ବାରକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମୁଖ୍ୟ ଅଭିନେତା ଅସୁସ୍ଥ ହେବାରୁ ପରିବେଷଣ କରାଯାଉଥିବା ଯାତ୍ରା ଶେଷ ହେବା ପୂର୍ବରୁ ବନ୍ଦ କରାଯାଇଥିଲା । ତେବେ ଡାକ୍ତରଖାନାରେ କିଛି ସମୟ ଚିକିତ୍ସିତ ହେବା ପରେ ପିୟୁଷ ସାମାନ୍ୟ ସୁସ୍ଥ ହେବା ପରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରହୁଥିବା ନିଜ ଘରକୁ ଫେରି ବିଶ୍ରାମ କରିଥିଲେ ।

# ଗଙ୍ଗାଧର ମେହେରଙ୍କ ସାହିତ୍ୟ ଅଦ୍ୱିତୀୟ






ଦେବଗଡ଼, ୨୭ ।୮ (ସମିସ)

ଜଗନ୍ନାଥ ସାହିତ୍ୟ ସଂସଦ ପକ୍ଷରୁ ଆଜି ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି । ଗଙ୍ଗାଧର ମେହେରଙ୍କ ସାହିତ୍ୟ ଅଦ୍ୱିତୀୟ। ତାଙ୍କ ସାହିତ୍ୟର ବିକଳ୍ପ ନାହିଁ । ତାଙ୍କ ସାହିତ୍ୟକୁ ଆଉ କାହା ସହ ତୁଳାନା ମଧ୍ୟ କରାଯାଇପାରିବନି ବୋଲି ମତ ପ୍ରକାଶ ପାଇଛି । ଡ.ଭାରତ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ବିଜୟ ମହାରଣା, +୩ ମହିଳା କଲେଜର ଅଧ୍ୟକ୍ଷା ଡ. ତନ୍ମୟୀ ମହାନ୍ତି ଯୋଗ ଦେଇ ଗଙ୍ଗାଧର ମେହେରଙ୍କ ଜୀବନୀ ଓ ସାହିତ୍ୟ ସାଧନା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥୀ, ଡ. ରାମଚନ୍ଦ୍ର ମହାପାତ୍ର, ଗୌରହରି ଷଡଙ୍ଗୀ, ରୁବି ଦାଶ, ଜଗମୋହନ ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, ପଦ୍ମିନୀଦାଶ ମହାପାତ୍ର, ଫକୀର ମୋହନ ଦେହୁରୀ, ସୁମିତ୍ରା ପୁରୋହିତ, କିଶୋର ଚନ୍ଦ୍ର ନନ୍ଦ, ପ୍ରକାଶ ଚନ୍ଦ୍ର ପ୍ରଧାନ, ଦୈତାରୀ ପ୍ରସାଦ ଦ୍ୱିବେଦୀ, ଯୁଧିଷ୍ଠିର ଦାଶ, ଉଦୟନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଚିତ୍ତରଞ୍ଜନ ନାୟକ, ହିମାଂଶୁ ବିଶ୍ୱାଳ, ସୁଧୀର ଦାସ, ଭବାନୀକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଜୟନ୍ତୀରେ ଶ୍ରଦ୍ଧାସୁମନ ଅର୍ପଣ

ଡୁଙ୍ଗୁରିପାଲି: ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ସାହିତ୍ୟ ସାଂସ୍କୃତିକ ସଂସଦ ପକ୍ଷରୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୫ତମ ଜୟନ୍ତୀ ପାଳିତ ହୋଇଛି । ମୁଖ୍ୟ ଅତିଥି ଭାବେ ପଦ୍ମପୁର ଅଞ୍ଚଳ କଲେଜ ପ୍ରାକ୍ତନ ଅଧ୍ୟକ୍ଷ କେଶରଞ୍ଜନ ପଧାନ, ବଲାଙ୍ଗୀର ସଂସ୍କୃତ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ସିଦ୍ଧାନ୍ତ ଦାଶ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥଲେ । ଅନ୍ୟମାନଙ୍କ ମଧ୍ୟରେ ସଂସଦର ସମ୍ପାଦକ ଅମୂଲ୍ୟ ବେହେରା ଯୋଗ ଦଇଥିଲେ । ଏହି ସମାରୋହରେ ଡ. ସୁବାଷ ଚନ୍ଦ୍ର ପାତ୍ର ସଭପତିତ୍ୱ କରିଥିଲେ । ଗଙ୍ଗାଧର ମେହେରଙ୍କ ରଚିତ ଉତ୍କଳ ଲକ୍ଷ୍ମୀ ଉପରେ ପାରାୟଣ କାର୍ଯ୍ୟକ୍ରମରେ ଦାଶରଥି ଦେହୁରୀ ଓ ସାଥି ଦାୟିତ୍ୱ ତୁଲାଇଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ହେମାଙ୍ଗିନୀ, ଦାଶ, ସୁସ୍ମିତା ଦାଶ, ତିଳୋତ୍ତମା ପଧାନ ସଂଯୋଜନା କରିଥିଲେ । ଏହି ଅବସରରେ କବି ସରୋଜ ଦାଶଙ୍କ ପଦ୍ମ ପୁଷ୍ପାଞ୍ଜଳି ଓ ଜୟ ପଧାନଙ୍କ ଗଙ୍ଗାଧର ମେହେରଙ୍କ ନୀତିବାଣୀ ଶତକ ଉନ୍ମୋଚିତ ହୋଇଛି । ଶୁଭଲାଲ ସାହୁ, ରାଧାକାନ୍ତ ଗଡ଼ତିଆ ସହଯୋଗ କରିଥିଲେ । ଶେଷରେ ଜୟ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଳରାମ ଜୟନ୍ତୀ ଓ ମହିଳା ସମାବେଶ

ଜହ୍ନାପଙ୍କ, ୨୭ ।୮ (ସମିସ): ବୌଦ୍ଧ ବ୍ଲକ ବଘିଆପଡ଼ା ପାୟତ ଯାମପାଲି ଶିବ ମନ୍ଦିରରେ ବୌଦ୍ଧ ଜିଲ୍ଲା ଭାରତୀୟ କିଷାନ ସଙ୍ଘ ପକ୍ଷରୁ ବଳରାମ ଜୟନ୍ତୀ, ଗୋପୂଜନ, ରକ୍ଷାବନ୍ଧନ ଓ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ସଂଘର ଜିଲ୍ଲା ସଭାପତି ଭୋଳାଗିରି ସାହୁ ସଭାପତିତ୍ୱ କରିଥିଲେ । ଏହି ବୈଠକରେ ଭାରତୀୟ କିଷାନ ସଙ୍ଘ ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର, ରାଜ୍ୟ ମହିଳା ପ୍ରମୁଖ ସଂଘମିତ୍ରା ପଟେଲ, ବରଗଡ଼ ଜିଲ୍ଲା କିଷାନ ସଙ୍ଘ ସମ୍ପାଦକ ଚୈତନ୍ୟ କର୍ଣ୍ଣ, ଉପଦେଷ୍ଟା ସୂର୍ଯ୍ୟନାରାୟଣ ମହାପାତ୍ର, କୋଷାଦକ୍ଷ ଦୁତିବାହନ କମ୍ପ, ସଂଗଠନ ସମ୍ପାଦକ ବିଶିକେସନ ପ୍ରଧାନ, ହରଭଙ୍ଗା ବ୍ଲକ ସଙ୍ଘ ସଭାପତି ପ୍ରକାଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବଘିଆପଡ଼ା, ଟିକରପଡ଼ା, ବନ୍ଧାପଥର, ମୁଣ୍ଡାପଡ଼ା, ବଡ଼ିଗାଁ, ବ୍ରାହ୍ମଣପାଳି ପଞ୍ଚାୟତରୁ ୫୦୦ ରୁ ଅଧିକଲୋକେ ଯୋଗ ଦେଇଥିଲେ । ଉପଦେଷ୍ଟା ନବୀନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ସକାଳ
THE SAKALA

# ସମ୍ପାଦକୀୟ



ମୁଁ ଏପରି ଏକ ଦୁନିଆରେ ରହିବାକୁ ଚାହେଁ, ଯେଉଁଠାରେ ହସ ଓ କାନ୍ଦର ସମାହାର ଥିବ।

-ଖଲିଲ୍ ଜିବ୍ରାନ୍

## କାହା ସ୍ୱାର୍ଥରେ ଘରୋଇକରଣ?

କେନ୍ଦ୍ର ସରକାରଙ୍କ ସଦ୍ୟତମ ଘରୋଇକରଣ ନିଷ୍ପତ୍ତିରେ ଭାରତର ପ୍ରତିରକ୍ଷା ପରି ସମ୍ବେଦନଶୀଳ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯିବା ପରେ ଏହାର ଔଚିତ୍ୟ ନେଇ ପ୍ରଶ୍ନ ଉଠିଛି। ପ୍ରତିରକ୍ଷା ସହିତ ଦେଶର ସାର୍ବଭୌମତ୍ୱ, ଅଖଣ୍ଡତା ଓ ଗୋପନୀୟତା ପରି ସମ୍ବେଦନଶୀଳ ପ୍ରସଙ୍ଗ ଜଡ଼ିତ ଥିବାରୁ ଏଥିରେ ଘରୋଇ ସଂସ୍ଥାଙ୍କ ଭାଗିଦାରୀ ବଢ଼ିବା ହିତକର ନୁହେଁ ବୋଲି ମତ ପ୍ରକାଶ ପାଇଛି। ଏହାପୂର୍ବରୁ କେନ୍ଦ୍ର ସରକାର ମହାକାଶ ଗବେଷଣାକୁ ଘରୋଇ ସଂସ୍ଥାଙ୍କ ପାଇଁ ଉନ୍ମୁକ୍ତ କରିବା ପରେ 'ଇସ୍ରୋ' ଗୁରୁତର ମାନବ ସମ୍ବଳ ସଙ୍କଟର ସମ୍ମୁଖୀନ ହୋଇଛି। ଏହି ଦଶା ଆଗାମୀ ଦିନରେ ଡିଆରଡିଓ(ଭାରତୀୟ ପ୍ରତିରକ୍ଷା ଗବେଷଣା ପରିଷଦ) ଭୋଗିବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ।

ବିଗତ ଶତାବ୍ଦୀର ନବେ ଦଶକରେ ଅର୍ଥନୈତିକ ସଂସ୍କାରର ମୁଖ୍ୟ ପୁରୋଧା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଚକ୍ଷଣ ଅର୍ଥନୀତିଜ୍ଞ ତଥା ତତ୍କାଳୀନ ଅର୍ଥମନ୍ତ୍ରୀ ଡ. ମନମୋହନ ସିଂହ ପ୍ରତିରକ୍ଷା, ବୀମା, ବୈଦେଶିକ ବ୍ୟାପାର, ମହାକାଶ ଗବେଷଣା ବିଜ୍ଞାନ ଭଳି କେତେକ ସମ୍ବେଦନଶୀଳ କ୍ଷେତ୍ରକୁ ଘରୋଇକରଣ ବା ଘରୋଇ ସଂସ୍ଥାଙ୍କ ନିବେଶ ପ୍ରକ୍ରିୟାରୁ ବାଦ୍ ଦେଇଥିଲେ। ତାଙ୍କର ସୁଦୂର ପ୍ରସାରୀ ଦୃଷ୍ଟିକୋଣକୁ ବର୍ତ୍ତମାନ ଏଡ଼ାଇଯିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସାମରିକ ଓ ପ୍ରତିରକ୍ଷା ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି ଯେ ପ୍ରତିରକ୍ଷା କ୍ଷେତ୍ରରେ ଘରୋଇ ନିବେଶ ଓ ପରିଚାଳନା ବୃଦ୍ଧି ପାଇଲେ ଭାରତର ଅନେକ ଗୋପନୀୟ ତଥ୍ୟ ବାହ୍ୟଶକ୍ତିଙ୍କ ହାତରେ ପହଞ୍ଚିଯାଇପାରେ। ଏ ଆଶଙ୍କା ଅମୂଳକ ନୁହେଁ।

ଏପର୍ଯ୍ୟନ୍ତ ଆମ ଘରୋଇ ସଂସ୍ଥାମାନେ ଉତ୍ପାଦନ, ନିର୍ମାଣ ଓ ଗବେଷଣାରେ ଆତ୍ମନିର୍ଭରଶୀଳ ହୋଇପାରି ନ ଥିବାରୁ ଆଉଟସୋର୍ସିଂ ଉପରେ ନିର୍ଭର କରିବାକୁ ପଡୁଛି। ଉଦାହରଣସ୍ୱରୂପ ଭାରତରେ ଏକଦା ଉପଲବ୍ଧ ଚୀନ୍ ନିର୍ମିତ ଇଣ୍ଟରନେଟ୍ ଉପକରଣମାନ ବ୍ୟବହାର କରି ଚୀନ୍ ଭାରତର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଗୁଇନ୍ଦାଗିରି କରୁଥିବା ଜଣାପଡ଼ିବା ପରେ ସେଗୁଡ଼ିକୁ ନିଷିଦ୍ଧ କରି ଭାରତରେ ନିର୍ମିତ ଉପକରଣ ବ୍ୟବହାର କରିବା ପାଇଁ କେନ୍ଦ୍ର ସରକାର ନୀତିଗତ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଏହି ଉପକରଣ ଯୋଗାଇବା ପାଇଁ ଟେଣ୍ଡର ହାସଲ କରିଥିବା ଭାରତୀୟ ଘରୋଇ କର୍ପୋରେଟ୍ ସଂସ୍ଥା ପାଖରେ ଜ୍ଞାନକୌଶଳର ଅଭାବ ଥିବାରୁ ଆଉଟସୋର୍ସିଂ ଉପରେ ନିର୍ଭର କଲା। ଅର୍ଥାତ୍ ଚୀନ୍‌ରେ ଉପକରଣ ନିର୍ମାଣ ହେଲା; ଅଥଚ ତା'ଉପରେ ଭାରତୀୟ କମ୍ପାନୀର ନାମ ଲେଖା ହେଲା। ଏହାଦ୍ୱାରା କେବଳ ଉପକରଣ ନିର୍ମାତାଙ୍କ ନାମ ସିନା ବଦଳିଲା; ମାତ୍ର ଚୀନ୍ ଅଚିରେ ଲକ୍ଷ୍ୟ ହାସଲ କରିନେଲା। ଏହି ପ୍ରକ୍ରିୟାର ପୁନରାବୃତ୍ତି ଯଦି ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ/ନିର୍ମାଣରେ ହୁଏ ତେବେ ଭାରତର ଗୋପନୀୟତା ପଦାରେ ପଡ଼ିବା ନିଶ୍ଚିତ। ତେଣୁ ନିଷ୍ପତ୍ତି ନେବା ପୂର୍ବରୁ ଏ ସମ୍ପର୍କରେ ବିଶଦ ବିତର୍କ ଓ ଆଲୋଚନର ଆବଶ୍ୟକତା ଥିଲା।

ବର୍ତ୍ତମାନ ସରକାରରେ ଥିବା ଦଳ ବିରୋଧୀ ଦଳରେ ଥିବା ବେଳେ ତତ୍କାଳୀନ ଶାସକ ଦଳ ବିରୋଧରେ ଏକ ସାଂଘାତିକ ଅଭିଯୋଗ ଆଣିଥିଲା ଯେ - 'ଏମାନେ ଦେଶକୁ ବିକ୍ରି କରୁଛନ୍ତି(ଭେଜ୍ ରହେ ହେଁ ମେରେ ଦେଶ୍ କୋ)'। କିନ୍ତୁ ବର୍ତ୍ତମାନ ଲୁଣରୁ ଲୁହା ପର୍ଯ୍ୟନ୍ତ ଏବଂ ପାଣିରୁ ଖଣି ପର୍ଯ୍ୟନ୍ତ ଏଭଳି କୌଣସି କ୍ଷେତ୍ର ନାହିଁ, ଯାହା ସମ୍ପୂର୍ଣ୍ଣ ହେଉ ଅବା ଆଂଶିକ ଘରୋଇ ସଂସ୍ଥାଙ୍କ ହାତକୁ ଯାଇନାହିଁ। ଏହାର ପରିଣାମ ଜଳ ଜଳ ଦେଖାଯାଉଛି। ଏ ବିଷୟରେ ବୁଦ୍ଧିମାନ ସରକାର ଯେ ଜାଣିନାହାନ୍ତି ସେ କଥା ନୁହେଁ। ସବୁ ଜାଣି ମଧ୍ୟ ଏଭଳି ବିପଦପୂର୍ଣ୍ଣ ନିଷ୍ପତ୍ତି ନେବା ପଛରେ ଲାଭ କାହାର ତାହା ଜନସାଧାରଣ ଚିନ୍ତା କରନ୍ତୁ ଏବଂ ଶାସକ ଦଳର ପ୍ରତିନିଧିମାନଙ୍କୁ ପ୍ରଶ୍ନ କରନ୍ତୁ। ବଶ୍ୟକ। ●

## ଏସ୍ଆଇଆର ଗୁମର ଫିଟୁଛି

ଏସ୍ଆଇଆର ପ୍ରକ୍ରିୟାରେ ସବୁଠାରୁ ବିବାଦୀୟ ପଶ୍ଚିମବଙ୍ଗ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଭୋଟରଙ୍କ ମଧ୍ୟରୁ ୯୧% ଭୋଟରଙ୍କୁ ପୁନଃସାମିଲ୍ କରାଯାଇଛି। ସୂଚନା ଅଧିକାର ଆଇନ ବଳରେ ପ୍ରାପ୍ତ ଏହି ତଥ୍ୟ ଅନେକ ଦିଗକୁ ଇଙ୍ଗିତ କରୁଛି। ଅତି କମ୍ ଦିନରେ ବିଶାଳ ଭୋଟରଙ୍କୁ ନେଇ କିଭଳି ସଘନ ଭୋଟର ତାଲିକା ସଂଶୋଧନ(ଏସ୍ଆଇଆର) ତ୍ରୁଟିଶୂନ୍ୟ ହୋଇପାରିବ ବୋଲି ସେତେବେଳେ ବିଭିନ୍ନ ମହଲରୁ ପ୍ରଶ୍ନ ଉଠିଥିଲା। କେତେକ ନିର୍ଦ୍ଦିଷ୍ଟ ଭୋଟରଙ୍କୁ ନିର୍ବାଚନ ପ୍ରକ୍ରିୟାରୁ ଦୂରେଇ ରଖିବା ପାଇଁ ଏହା ଏକ ସୁଚିନ୍ତିତ ଚାଲ୍ ବା ଷଡ଼ଯନ୍ତ୍ର ଥିଲା ବୋଲି ମଧ୍ୟ ଅଭିଯୋଗ ଉଠିଥିଲା। ଏସ୍ଆଇଆର ପ୍ରକ୍ରିୟାକୁ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଆଉ ଟିକିଏ ଆଗରୁ କାହିଁକି ଆରମ୍ଭ କରାଗଲା ନାହିଁ - ସେ ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ଭାରତୀୟ ମୁଖ୍ୟ ନିର୍ବାଚନ ଆୟୋଗ ନିରବ ରହିବା ପରେ ସନ୍ଦେହ ଆହୁରି ଘନୀଭୂତ ହୋଇଥିଲା। ନିର୍ବାଚନ ପରେ ବାଦ୍ ପଡ଼ିଥିବା ଭୋଟରଙ୍କ ମଧ୍ୟରୁ ୯୧% ପୁନଃ ତାଲିକାରେ ଯୋଡ଼ି ହେବା ପରେ ସେମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ଦିଆଯାଇଥିବା ଅଭିଯୋଗ ନିରାଧାର ନଥିଲା ବୋଲି କୁହାଯାଇପାରେ।

ଏବେ ଓଡ଼ିଶା ସମେତ ୧୧ଟି ରାଜ୍ୟରେ ଏସ୍ଆଇଆର ପ୍ରକ୍ରିୟା ଆରମ୍ଭ ହୋଇଛି, ଯେଉଁ ରାଜ୍ୟମାନଙ୍କରେ ନିକଟ ଭବିଷ୍ୟତରେ ବିଧାନସଭା ନର୍ବାଚନ ହେବାର କାର୍ଯ୍ୟକ୍ରମ ନାହିଁ। ତେଣୁ ଏସ୍ଆଇର ସଂଶୋଧନ, ଆବେଦନର ପୁନର୍ବିଚାର ପ୍ରକ୍ରିୟା ବିଳମ୍ବ ହେଲେ ମଧ୍ୟ ଚିନ୍ତା ନାହିଁ। କିନ୍ତୁ ନିର୍ବାଚନ ଆରମ୍ଭ ହେବାର ମାତ୍ର ମାସେ/ଦୁଇ ମାସ ଆଗରୁ ପ୍ରକ୍ରିୟା ଆରମ୍ଭ କରିବା ସନ୍ଦେହରୁ ଊର୍ଦ୍ଧ୍ୱକୁ ଯାଇପାରୁନାହିଁ କି ମୁଖ୍ୟ ନିର୍ବାଚନ ଆୟୋଗ ଯେତେ ସ୍ପଷ୍ଟୀକରଣ ଦେଲେ ମଧ୍ୟ ତାହା ଗ୍ରହଣୀୟ ହୋଇପାରୁନାହିଁ। ଅଧିକନ୍ତୁ ଏସ୍ଆଇଆରରୁ ବାଦ୍ ପଡ଼ିଥିବା ଭୋଟରଙ୍କ ପକ୍ଷରୁ ଦାୟର ହୋଇଥିବା ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ଟିପ୍ପଣୀ(ଆର ଥରକୁ ଭୋଟ ଦେବ)କୁ ନେଇ ସେତେବେଳେ ବୁଦ୍ଧିଜୀବୀ ଓ ବିଶେଷଜ୍ଞମାନେ ନାପସନ୍ଦ କରିଥିଲେ। ତାଙ୍କର ଟିପ୍ପଣୀ ହିଁ ଏବେ ସତ ସାବ୍ୟସ୍ତ ହୋଇଛି। କିନ୍ତୁ ପ୍ରଶ୍ନ ଉଠୁଛି ଏତେସଂଖ୍ୟକ ଭୋଟରଙ୍କୁ ସମ୍ବିଧାନ ପ୍ରଦତ୍ତ ନ୍ୟାଯ୍ୟ ଅଧିକାରରୁ ଯେଉଁ ତଞ୍ଚକତାର ସହିତ ବଞ୍ଚିତ କରାଗଲା ସେଥିପାଇଁ ଉତ୍ତରଦାୟୀ ହେବ କିଏ? ଏବଂ ଗଣତନ୍ତ୍ରର ଏହି କ୍ଷତି ଭରଣା ହେବ କେମିତି?

ପଶ୍ଚିମବଙ୍ଗ ଏସ୍ଆଇଆର ପ୍ରକ୍ରିୟାର ଏହି ଗୁମର ଧୀରେ ଧୀରେ ଫିଟିବା ପରେ ନିର୍ବାଚନ ଆୟୋଗ ଏବଂ ତାଙ୍କର ନିଷ୍ପତ୍ତି, କାର୍ଯ୍ୟକଳାପ ସ୍ୱତଃସନ୍ଦେହ ଘେରକୁ ଆସିଯାଉଛି। ସୁସ୍ଥ ଗଣତନ୍ତ୍ର ପାଇଁ ଏହି ସନ୍ଦେହ ଦୂର ହେବା ବାଞ୍ଛନୀୟ। ●

# ଆଗ୍ରିଷ୍ଟାକ୍: ଡିଜିଟାଲ୍ ଦୃଷ୍ଟିକୋଣ ଓ ବାସ୍ତବ ଚିତ୍ର

ଡ. ଅଜିତ କୁମାର ମିଶ୍ର

ଆଗ୍ରିଷ୍ଟାକ୍ ଭାରତର ପ୍ରତ୍ୟେକ ଚାଷୀଙ୍କ ପାଇଁ ଏକ 'ଡିଜିଟାଲ୍ ପରିଚୟପତ୍ର' ବୋଲି କୁହାଯାଇପାରେ। ଓଡ଼ିଶାରେ ୩୧ ଅଗଷ୍ଟ, ୨୦୨୬ ସୁଦ୍ଧା ସମସ୍ତ ଚାଷୀଙ୍କ ଏଥିରେ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି, ଯାହା ଖରିଫ୍ ୨୦୨୬ ଧାନ କ୍ରୟ ଏବଂ ନିଜ ଜମିର ଉତ୍ପାଦ ବିକ୍ରୟ ପାଇଁ ଆବଶ୍ୟକ। କାଗଜକଲମରେ ଏହା ଅତ୍ୟନ୍ତ ଆକର୍ଷଣୀୟ। ଆଗ୍ରିଷ୍ଟାକ୍ ବ୍ୟବସ୍ଥାରେ 'ଆଧାର' ଭଳି ଚାଷୀ ପଞ୍ଜୀକରଣ, ଆଖି ସ୍କାନିଂ, ଜିଓ-ରେଫରେନ୍ସ ଗ୍ରାମ ମାନଚିତ୍ର, କୃଷି ଜମିର ଡିଜିଟାଲ୍ ତଥ୍ୟ, ସ୍ଥାନଭିତ୍ତିକ କୃଷି ସେବା ଏବଂ ଅଞ୍ଚଳଭିତ୍ତିକ ଫସଲ ତଥ୍ୟ ରଖାଯିବ। ସମସ୍ତ ପ୍ରକ୍ରିୟା ସମାପ୍ତ ହେଲେ ଚାଷୀଙ୍କୁ ୧୧ ଅଙ୍କ ବିଶିଷ୍ଟ ପରିଚୟପତ୍ର ମିଳିବ। ଓଡ଼ିଶା ଗସ୍ତ ସମୟରେ ବିଲ୍ ଗେଟ୍ସ ମଧ୍ୟ ଏପରି ଏକ ଗତିଶୀଳ କୃଷି ପରିବେଶର ଚିତ୍ର ଦେଇଥିଲେ, ଯେଉଁଠାରେ ଚାଷୀଙ୍କୁ ଫସଲର ରୋଗ, ପାଣିପାଗ ପରିବର୍ତ୍ତନ, ମୃତ୍ତିକା ସ୍ୱାସ୍ଥ୍ୟ, ବଜାର ମୂଲ୍ୟ ଓ କୃଷି ପରାମର୍ଶ ସମ୍ପର୍କରେ ସମୟୋପଯୋଗୀ ସୂଚନା ମିଳିପାରିବ। ସିଦ୍ଧାନ୍ତଗତ ଭାବେ ଏହା ଚାଷୀଙ୍କୁ ଭଲ ନିଷ୍ପତ୍ତି ନେବାରେ ସକ୍ଷମ କରିବ, ସହଜରେ ଋଣ ଓ ବୀମା ପାଇବାର ସୁଯୋଗ ଦେବ ଏବଂ ମଧ୍ୟସ୍ଥଙ୍କ ଭୂମିକା କମାଇ ସିଧାସଳଖ ବଜାର ଓ କ୍ରେତାଙ୍କ ସହିତ ଯୋଡ଼ିବ। ଏହାସହିତ ରିହାତି, ବିହନ, ସାର ଓ ଜଳସେଚନ ସୁବିଧା ଭଳି ସରକାରୀ ସହାୟତା ମଧ୍ୟ କମ୍ କାଗଜପତ୍ରରେ ସହଜରେ ପହଞ୍ଚାଇବାର ଲକ୍ଷ୍ୟ ଆଗ୍ରିଷ୍ଟାକ୍‌ର ରହିଛି।

ଉଦ୍ଦେଶ୍ୟ ନିଶ୍ଚିତ ଭାବେ ପ୍ରଶଂସନୀୟ। କିନ୍ତୁ କ୍ଷେତ୍ରସ୍ତରର ବାସ୍ତବତା ଏହାଠାରୁ ଭିନ୍ନ ଚିତ୍ର ପ୍ରଦାନ କରୁଛି। ଉଦାହରଣସ୍ୱରୂପ ସମ୍ପ୍ରତି କଳାହାଣ୍ଡି ଗସ୍ତ ସମୟରେ ମୁଁ ଆମଗ୍ରାମର ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଠାରେ ଚାଷୀଙ୍କ ପଞ୍ଜୀକରଣ କରିବା ପାଇଁ ପହଞ୍ଚିଥିଲି। ପାକ୍ସକୁ ପଞ୍ଜୀକରଣର ନିର୍ଦ୍ଦିଷ୍ଟ କେନ୍ଦ୍ର ଭାବେ ରଖାଯାଇଛି। ଏଠାରେ ଚାଷୀଙ୍କୁ ମୌଜା, ଖାତା ନମ୍ବର, ପ୍ଲଟ୍ ନମ୍ବର, କିସମ, ଆରଓଆର/ଭୂଲେଖ ଅନୁସାରେ ଜମିର ସଠିକ୍ ପରିମାଣ ଏବଂ ଆଧାର ସଂଯୋଗ ଭଳି ବିଭିନ୍ନ ତଥ୍ୟ ଦେବାକୁ ପଡୁଛି। ସମୟସୀମା ପାଖେଇ ଆସୁଥିବାରୁ ଶହ ଶହ ଚାଷୀ ପଞ୍ଜୀକରଣ ପାଇଁ ଏକାଠି ହୋଇଥିଲେ, କିନ୍ତୁ ସର୍ଭର ଅତ୍ୟନ୍ତ ଧୀର ଥିବାରୁ ଅଧିକାଂଶ ଚାଷୀ ପଞ୍ଜୀକରଣ ନକରି ଫେରିବାକୁ ବାଧ୍ୟ ହେଉଥିଲେ। ପ୍ରକ୍ରିୟାଟି ମଧ୍ୟ ଚାଷୀ-ଅନୁକୂଳ ନୁହେଁ। ସମସ୍ତ ଆବଶ୍ୟକ କାଗଜପତ୍ର ସହିତ ମୋ ନିଜ ପଞ୍ଜୀକରଣ ସମ୍ପୂର୍ଣ୍ଣ କରିବା ପାଇଁ ମୋତେ ପ୍ରାୟ ତିନିଦିନ ସମୟ ଦେବାକୁ ପଡ଼ିଥିଲା।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରରେ ପାକ୍ସଗୁଡ଼ିକର ଭିତ୍ତିଭୂମି, ଲଜିଷ୍ଟିକ୍ସ ଓ ମାନବ ସମ୍ବଳରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଥିଲା। କିନ୍ତୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ସମୟରେ ସଂସ୍ଥାଗୁଡ଼ିକ ପ୍ରସ୍ତୁତ ଅଛନ୍ତି; ଅଥଚ ବ୍ୟବସ୍ଥାଗତ ଚାପ ଅଧିକ ରହିବା ସହିତ ଏହାର ଯଥୋଚିତ ପରିଚାଳନା, ପୋଷଣୀୟ ଓ ଗୋପନୀୟତାରେ ଅଭାବ ପରିଲକ୍ଷିତ ହୋଇଛି। ଆଗ୍ରିଷ୍ଟାକ୍‌କୁ ସଫଳ କରିବାକୁ ହେଲେ ନିମ୍ନଲିଖିତ ଛଅଗୋଟି ଗୁରୁତର ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ଆବଶ୍ୟକ।

୧- ଚାଷୀଙ୍କ ବ୍ୟକ୍ତିଗତ ତଥ୍ୟ, ଜମି ଓ ଫସଲ ସମ୍ପର୍କିତ ସୂକ୍ଷ୍ମ ତଥ୍ୟ ସଂଗ୍ରହ ଓ ଏକତ୍ରୀକରଣ ସମୟସାପେକ୍ଷ। ଏହାସହିତ ଗୋପନୀୟତାକୁ ନେଇ ମଧ୍ୟ ଆଶଙ୍କା ପ୍ରକଟ କରାଯାଇଛି। ଚାଷୀମାନଙ୍କ ମନରେ ଭୟ ଜାଗ୍ରତ ହେଉଛି ଯେ ଜମି, ଫସଲ ଓ ପରିଚୟର ଡିଜିଟାଲ୍ ତଥ୍ୟ ଯଦି ବେସରକାରୀ କୃଷି-ଟେକ୍ କମ୍ପାନୀ କିମ୍ବା କର୍ପୋରେଟ୍ ସଂସ୍ଥାଙ୍କ ପାଖରେ ପହଞ୍ଚେ, ତେବେ ସେମାନେ ନିଜସ୍ୱ ସ୍ୱାର୍ଥ ପାଇଁ ଏହାର ବ୍ୟବହାର କରିପାରନ୍ତି। ଏପରି ପରିସ୍ଥିତିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ କ୍ଷୁଦ୍ର, ସୀମାନ୍ତ ଓ ଭାଗଚାଷୀ।

୨- ବର୍ତ୍ତମାନର ଆଗ୍ରିଷ୍ଟାକ୍ ବ୍ୟବସ୍ଥା ମୁଖ୍ୟତଃ ଜମି ମାଲିକାନା ରେକର୍ଡକୁ କେନ୍ଦ୍ର କରିଛି। ଫଳରେ ଜମିର ମାଲିକ ନହୋଇ ଚାଷ କରୁଥିବା ଭାଗଚାଷୀ, ଭଡ଼ାଚାଷୀ ଓ କୃଷି ଶ୍ରମିକମାନେ ବାଦ ପଡ଼ିବାର ଆଶଙ୍କା ରହିଛି। ଏହା ଆଗାମୀ ଦିନରେ ଚାଷୀ ଅସନ୍ତୋଷର କାରଣ ହୋଇପାରେ। 'ଭବିଷ୍ୟତରେ ପର୍ଯ୍ୟାୟକ୍ରମେ ସେମାନଙ୍କୁ ସାମିଲ କରାଯିବ' ବୋଲି କହିବା, ଆରମ୍ଭରୁ ସମାବେଶୀ ବିକାଶର ମୂଳନୀତିକୁ ଦୁର୍ବଳ କରିଦେବାର ଆଶଙ୍କା ରହିଛି। ୩. ଗ୍ରାମାଞ୍ଚଳରେ ଡିଜିଟାଲ୍ ଜ୍ଞାନର ଅଭାବ ଏବଂ ଅସ୍ଥିର ଇଣ୍ଟରନେଟ୍ ସଂଯୋଗ କୌଣସି ଛୋଟ ସମସ୍ୟା ନୁହେଁ, ବରଂ ଏହା ସବୁଠାରୁ ବଡ଼ ବାଧା ମଧ୍ୟରୁ ଗୋଟିଏ। ପାକ୍ସ କେନ୍ଦ୍ରଗୁଡ଼ିକରେ ଭିଡ଼ ବଢୁଛି, ଅପରେଟରମାନଙ୍କ ଉପରେ କାମର ଚାପ ବଢୁଛି ଏବଂ ସର୍ଭର ଡାଉନ୍ ହେଲେ ଚାଷୀଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ଦିନର ମଜୁରି ହରାଇବାକୁ ପଡୁଛି। ଦୁର୍ବଳ ଡିଜିଟାଲ୍ ଭିତ୍ତିଭୂମି ଉପରେ ଏକ ଡିଜିଟାଲ୍ ବିପ୍ଳବ ଗଢ଼ି ତୋଳାଯାଇପାରିବ ନାହିଁ। ୪- ଓଡ଼ିଶାରେ ବିଶେଷ ଓ ବ୍ୟାପକ ସମସ୍ୟା ହେଉଛି ଯୌଥପରିବାରର ଜଣେ ସଦସ୍ୟଙ୍କ ନାମରେ ଓଡ଼ିଶାରେ ଜମି ରେକର୍ଡ ଥିବା ସତ୍ତ୍ୱେ ସେ ରୋଜଗାର ପାଇଁ ରାଜ୍ୟ ବାହାରେ ରହୁଛନ୍ତି ଏବଂ ତାଙ୍କ 'ଆଧାର'ରେ ବର୍ତ୍ତମାନର କାର୍ଯ୍ୟସ୍ଥଳର ଠିକଣା ରହିଛି। ଏପରି ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେଉଛନ୍ତି। ଭାରତବର୍ଷର ସଂଘୀୟ ବ୍ୟବସ୍ଥା ଭିତରେ ଅନ୍ୟସ୍ଥାନରେ ଗୁଜରାଣ ମେଣ୍ଟାଉଥିବା(ଚାକିରି କରୁଥିବା) ବ୍ୟକ୍ତିବିଶେଷଙ୍କ ଚାଷଜମି ଯଦି ଓଡ଼ିଶାରେ ଅଛି, ତା'ହେଲେ ସେ ପଞ୍ଜୀକରଣ କରିବାରୁ ବଞ୍ଚିତ ହେବା କେତେଦୂର ଯଥାର୍ଥ - ତାହା ସମୀକ୍ଷା କରିବାକୁ ପଡ଼ିବ। ଏହା ହଜାର ହଜାର ପ୍ରବାସୀ ଓଡ଼ିଆ ପରିବାର ପାଇଁ ଏକ ଗୁରୁତର ସମସ୍ୟା।

୫- ପଞ୍ଜୀକରଣ ପାଇଁ ୩୧ ଅଗଷ୍ଟ ୨୦୨୬ର ଶେଷ ତାରିଖ ଅନେକ ଅଞ୍ଚଳରେ ହୋଇଥିବା ସାମ୍ପ୍ରତିକ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ବାସ୍ତବସମ୍ମତ ଲାଗୁନାହିଁ। ଅନେକ ଚାଷଜମି ଜଳମଗ୍ନ, କାଗଜପତ୍ର ନଷ୍ଟ ଏବଂ ଚାଷୀମାନେ ନିଜେ ଦୁର୍ଦ୍ଦଶାରେ ଅଛନ୍ତି। ଏପରି ସମୟରେ ପଞ୍ଜୀକରଣ ସମୟସୀମା ବଢ଼ାଇବା କୌଣସି ରିହାତି ନୁହେଁ, ଏକ ଆବଶ୍ୟକତା। ୬ - ଚାଷୀ ଓ ପାକ୍ସ କର୍ମଚାରୀମାନଙ୍କୁ ପର୍ଯ୍ୟାପ୍ତ ପ୍ରଶିକ୍ଷଣ ଦିଆଯିବାର ଆବଶ୍ୟକତା ରହିଛି। ପଞ୍ଜୀକରଣ ଚାଷୀ-ସଶକ୍ତୀକରଣ ପ୍ରକ୍ରିୟା ହେବା ପରିବର୍ତ୍ତେ କେବଳ ତଥ୍ୟ ଦାଖଲ କରିବାର ଏକ ଯାନ୍ତ୍ରିକ ପ୍ରକ୍ରିୟାରେ ପରିଣତ କରିବା ଭଳି ମନେ ହୁଏ। ଅଧିକାଂଶ ଚାଷୀ ନିଜର ୧୧ ଅଙ୍କ ବିଶିଷ୍ଟ ଚାଷୀ ପରିଚୟପତ୍ର ଭବିଷ୍ୟତରେ କ'ଣ କାମରେ ଆସିବ, ସେ ବିଷୟରେ ଅଜ୍ଞ।

ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ନିମ୍ନୋକ୍ତ ପଦକ୍ଷେପ ପ୍ରତି ଧ୍ୟାନ ଦେବାକୁ ପଡ଼ିବ।

୧.- କେବଳ ପାକ୍ସ ଉପରେ ନିର୍ଭର ନକରି ମୋବାଇଲ୍ ଆପ୍ ମାଧ୍ୟମରେ ସହାୟତାପ୍ରାପ୍ତ ସ୍ୱୟଂ-ପଞ୍ଜୀକରଣ ବ୍ୟବସ୍ଥା କରାଯାଉ। ଆପ୍‌ରେ ଓଡ଼ିଆ ଭାଷାର ସୁବିଧା ରହିବା ସହିତ ଅଫ୍‌ଲାଇନ୍ ଡାଟା କ୍ୟାପ୍‌ଚର ବ୍ୟବସ୍ଥା ରହିବା ଉଚିତ, ଯାହା ପରେ ଇଣ୍ଟରନେଟ୍ ମିଳିଲେ ସର୍ଭର ସହିତ ଲିଙ୍କ୍ ହୋଇପାରିବ। ୨.- କେଉଁ ବ୍ୟକ୍ତି କିମ୍ବା ସଂସ୍ଥା ଚାଷୀଙ୍କ ତଥ୍ୟ ଦେଖିପାରିବେ, କେଉଁ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବେ ଏବଂ ଚାଷୀଙ୍କ ସମ୍ମତି କିପରି ନିଆଯିବ ସେ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ସୁରକ୍ଷା ଅନୁଶାସିକା(ଡାଟା ପ୍ରୋଟେକ୍ସନ୍ ପ୍ରୋଟୋକଲ୍) ରହିବା ଆବଶ୍ୟକ। ବେସରକାରୀ ସଂସ୍ଥାଙ୍କ ତଥ୍ୟ ବ୍ୟବହାର ପାଇଁ 'ଅପ୍ଟ-ଆଉଟ' ନୁହେଁ, 'ଅପ୍ଟ-ଇନ୍ କନ୍‌ସେଣ୍ଟ' ବ୍ୟବସ୍ଥା ରହିବା ଉଚିତ। ୩- ଭାଗଚାଷୀ ଓ ଭଡ଼ାଚାଷୀଙ୍କ ପାଇଁ ତୁରନ୍ତ ପଞ୍ଜୀକରଣ ବ୍ୟବସ୍ଥା କରାଯାଉ। ଗ୍ରାମସଭାର ପ୍ରମାଣପତ୍ର କିମ୍ବା ଜମି ମାଲିକଙ୍କ ସମ୍ମତି ଭଳି ବିକଳ୍ପ ବ୍ୟବସ୍ଥା ମାଧ୍ୟମରେ ସେମାନଙ୍କୁ ସାମିଲ କରାଯାଇପାରେ। ସେମାନଙ୍କୁ 'ଭବିଷ୍ୟତର ପର୍ଯ୍ୟାୟ' ପାଇଁ ଅପେକ୍ଷା କରାଇବା ଉଚିତ ନୁହେଁ। ୪- 'ଆଧାର' ଏକ ଜାତୀୟ ପରିଚୟ। ତେଣୁ 'ଆଧାର'ରେ ଥିବା ଠିକଣା କିମ୍ବା ଏହା କେଉଁ ସ୍ଥାନରୁ ଜାରି ହୋଇଛି, ତାହାକୁ ଜଣେ ଚାଷୀଙ୍କ ପଞ୍ଜୀକରଣ ବେଳେ ଅସ୍ୱୀକାର କରାଯିବା ଉଚିତ ନୁହେଁ। ୫- ପଞ୍ଜୀକରଣର ଶେଷ ତାରିଖକୁ ଅତିକମରେ ୩୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ବଢ଼ାଇବା ଉଚିତ। ଏହାସହିତ ପଞ୍ଚାୟତସ୍ତରରେ ବିଶେଷ ପଞ୍ଜୀକରଣ ଶିବିର ଆୟୋଜନ କରାଯାଉ। ଏହି ଶିବିରଗୁଡ଼ିକରେ ପର୍ଯ୍ୟାପ୍ତ କମ୍ପ୍ୟୁଟର, ବାୟୋମେଟ୍ରିକ୍ ଉପକରଣ, ଇଣ୍ଟରନେଟ୍ ଓ ବିକଳ୍ପ କନେକ୍ଟିଭିଟି ବ୍ୟବସ୍ଥା ରହିବା ଆବଶ୍ୟକ। ୬- ପ୍ୟାକ୍ସ କର୍ମଚାରୀ ଓ କୃଷକ ସାଥୀମାନଙ୍କ ପାଇଁ ବ୍ୟାପକ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବାର ନିତାନ୍ତ ଆବଶ୍ୟକତା ରହୁଛି। ଚାଷୀ ନିଜ ପରିଚୟପତ୍ର ମାଧ୍ୟମରେ କିପରି ପାଣିପାଗ ସୂଚନା, ମୃତ୍ତିକା ସ୍ୱାସ୍ଥ୍ୟ ସୂଚନା, କୃଷି ପରାମର୍ଶ ଓ ଋଣ ଭଳି ସୁବିଧା ପାଇପାରିବେ, ସେ ବିଷୟରେ ମଧ୍ୟ ସ୍ପଷ୍ଟ ଜ୍ଞାନ ପାଇବା ଆବଶ୍ୟକ।

ଆଗ୍ରିଷ୍ଟାକ୍‌ରେ ଭାରତୀୟ କୃଷିର ବିଭିନ୍ନ ବ୍ୟବସ୍ଥାକୁ ଏକତ୍ର କରିବାର ବିପୁଳ ସମ୍ଭାବନା ରହିଛି। କିନ୍ତୁ ଡିଜିଟାଲ୍ ବିପ୍ଳବ କେବଳ ସମ୍ମିଳନୀ କିମ୍ବା ସମ୍ମିଳନ କକ୍ଷରୁ ଘୋଷଣା କରିହେବ ନାହିଁ; ଏହା ଓଡ଼ିଶାର କୋଣ ଅନୁକୋଣରେ ଅବସ୍ଥିତ ଚାଷ ଜମିରେ ପ୍ରକୃତ ଚାଷୀଙ୍କ ପାଖରେ ପହଞ୍ଚିବା ଦରକାର। ଯେପର୍ଯ୍ୟନ୍ତ ଆମେ ଏହାକୁ ସରଳ, ସୁରକ୍ଷିତ, ସମାବେଶୀ ଏବଂ ଚାଷୀଙ୍କ ବାସ୍ତବ ସମସ୍ୟା ପ୍ରତି ସମ୍ବେଦନଶୀଳ କରିନାହୁଁ, ସେପର୍ଯ୍ୟନ୍ତ ଆଗ୍ରିଷ୍ଟାକ୍ ଚାଷୀ ସଶକ୍ତୀକରଣର ପ୍ରକୃତ ମାଧ୍ୟମ ହୋଇପାରିବ ନାହିଁ। ଏକ କେବଳ ସୁଚିନ୍ତିତ ଏମ୍ଆଇଏସ୍ ପ୍ରକଳ୍ପ ଭାବରେ ରହିଯିବ। ●

(ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ)
ଭୁବନେଶ୍ୱର, ମୋ: ୯୪୩୭୨୦୩୭୦୭

# ସଂରକ୍ଷଣ ବ୍ୟବସ୍ଥାର ହିସାବ ଆବଶ୍ୟକ

ସୌଜନ୍ୟ କୁମାର ପରିଡ଼ା

ଭାରତୀୟ ସମ୍ବିଧାନ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଉନ୍ନତି ପାଇଁ ବିଶେଷ ବ୍ୟବସ୍ଥାର ସୁଯୋଗ ଦେଇଛି। ଐତିହାସିକ ଅନ୍ୟାୟ, ସାମାଜିକ ବଞ୍ଚନା ଓ ସୁଯୋଗର ଅସମାନତାକୁ ଦୂର କରିବା ଥିଲା ଏହି ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ। କିନ୍ତୁ ଦଶନ୍ଧି ଦଶନ୍ଧି ପରେ ଆଜି ଏକ ମୌଳିକ ପ୍ରଶ୍ନ ପଚାରିବାର ସମୟ ଆସିଛି ଯେ ଏହି ବ୍ୟବସ୍ଥାର ପ୍ରକୃତ ଲାଭ କେତେ ଦୂର ପହଞ୍ଚିଛି? ଏହି ପ୍ରଶ୍ନ କୌଣସି ବର୍ଗର ଅଧିକାରକୁ ପ୍ରଶ୍ନ କରିବା ନୁହେଁ; ବରଂ ଏହା ହେଉଛି ସଂରକ୍ଷଣ ବ୍ୟବସ୍ଥାକୁ ଅଧିକ ନ୍ୟାୟସଙ୍ଗତ, ପାରଦର୍ଶୀ ଓ ଫଳପ୍ରଦ କରିବାର ପ୍ରଶ୍ନ।

ଦେଶରେ ସଂରକ୍ଷଣ ବ୍ୟବସ୍ଥା ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ କେତେ ବର୍ଗ ଓ ସମୁଦାୟ ଏହି ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇଛନ୍ତି, କେଉଁ ସମୟରେ କେଉଁ ପରିବର୍ତ୍ତନ ହୋଇଛି ଏବଂ ବର୍ତ୍ତମାନ କେତେ ସମୁଦାୟ ଏହାର ଅଧୀନରେ ଅଛନ୍ତି ଏସବୁ ତଥ୍ୟ ସାର୍ବଜନୀନ ହେବା ଦରକାର। ତା'ଠାରୁ ଅଧିକ ଜରୁରୀ ହେଉଛି ଲାଭର ପରିସଂଖ୍ୟାନ। ସଂରକ୍ଷିତ ବର୍ଗର କେତେ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରେ ପ୍ରବେଶ କରିଛନ୍ତି? କେତେ ଜଣ ମେଡିକାଲ, ଇଞ୍ଜିନିୟରିଂ, ପ୍ରଶାସନିକ, ବୈଷୟିକ ଓ ବୃତ୍ତିଗତ ଶିକ୍ଷାରେ ପହଞ୍ଚିଛନ୍ତି? କେତେଜଣ ସରକାରୀ ଚାକିରିରେ ନିଯୁକ୍ତି ପାଇଛନ୍ତି? କେଉଁବର୍ଗର କେତେ ପ୍ରତିଶତ ଲାଭାନ୍ୱିତ ହୋଇଛନ୍ତି? ଏସବୁର ଶ୍ରେଣୀଭିତ୍ତିକ ଓ ସମୟଭିତ୍ତିକ ତଥ୍ୟ ଜନସାଧାରଣଙ୍କ ସମ୍ମୁଖରେ ରହିବା ଦରକାର। କାରଣ ଆଜି ବି ଆମେ ଏପରି ଖବର ଦେଖୁଛୁ - କୌଣସି ଆଦିବାସୀ ସମୁଦାୟର ପ୍ରଥମ ଛାତ୍ର ମାଟ୍ରିକ ପାସ୍ କଲେ, କୌଣସି ଅବହେଳିତ ଜନଜାତିର ପ୍ରଥମ ଯୁବକ ସରକାରୀ ଚାକିରି ପାଇଲେ କିମ୍ବା କୌଣସି ସଂଖ୍ୟାଲଘୁ ସମୁଦାୟର ପ୍ରଥମ ବ୍ୟକ୍ତି ଉଚ୍ଚଶିକ୍ଷାରେ ସଫଳ ହେଲେ। ଏଭଳି ସଫଳତା ନିଶ୍ଚିତ ଭାବେ ପ୍ରଶଂସନୀୟ। କିନ୍ତୁ ଏହି ଘଟଣା ଆମକୁ ଏକ ଗଭୀର ପ୍ରଶ୍ନ ମଧ୍ୟ ପଚାରିବାକୁ ବାଧ୍ୟ କରେ ଯେ ଏତେବର୍ଷର ବିକାଶମୂଳକ ଓ ସଂରକ୍ଷଣମୂଳକ ବ୍ୟବସ୍ଥା ସତ୍ତ୍ୱେ କାହିଁକି କିଛି ସମୁଦାୟ ଏବେ ବି ମୌଳିକ ଶିକ୍ଷା ଓ ନିଯୁକ୍ତିର ପ୍ରଥମ ସିଡ଼ିରେ ରହିଛନ୍ତି?

ଏହାର ଉତ୍ତର କେବଳ ସଂରକ୍ଷଣ ବ୍ୟବସ୍ଥାରେ ଖୋଜିଲେ ହେବ ନାହିଁ। ଦାରିଦ୍ର୍ୟ, ଦୁର୍ଗମ ଅଞ୍ଚଳ, ଶିକ୍ଷାର ଅଭାବ, ସାମାଜିକ ପଛୁଆପଣ, ସଚେତନତାର ଅଭାବ, ପରିବାରର ଆର୍ଥିକ ସ୍ଥିତି, ବିଦ୍ୟାଳୟ ଓ ଉଚ୍ଚଶିକ୍ଷାର ସୁଯୋଗର ଅଭାବ ଭଳି ଅନେକ କାରଣ ଏଥିରେ ଜଡ଼ିତ। ତେଣୁ ସମସ୍ୟାର ସମାଧାନ ମଧ୍ୟ ବହୁମୁଖୀ ହେବା ଆବଶ୍ୟକ। ସଂରକ୍ଷଣର ଲାଭ କେବଳ କିଛି ଅପେକ୍ଷାକୃତ ସଚେତନ ଓ ସୁବିଧାପ୍ରାପ୍ତ ପରିବାର ମଧ୍ୟରେ ସୀମିତ ରହିଯାଉଛି କି ନାହିଁ, ତାହା ମଧ୍ୟ ଅଧ୍ୟୟନର ବିଷୟ ହେବା ଦରକାର। ଯେଉଁ ସମୁଦାୟ ଦଶନ୍ଧି ଧରି ସୁଯୋଗରୁ ବଞ୍ଚିତ ରହିଛନ୍ତି, ସେମାନଙ୍କ ପାଇଁ ଅଲଗା ଶିକ୍ଷାମୂଳକ, ଆର୍ଥିକ ଓ ପ୍ରଶିକ୍ଷଣମୂଳକ ହସ୍ତକ୍ଷେପ ଆବଶ୍ୟକ କି ନାହିଁ, ତାହା ତଥ୍ୟ ଆଧାରରେ ନିର୍ଣ୍ଣୟ କରିବା ଦରକାର। ଏଥିପାଇଁ ସରକାର ଏକ ଜାତୀୟସ୍ତରର ସାମାଜିକ ଓ ଶିକ୍ଷାଗତ ପ୍ରଭାବ ଅଧ୍ୟୟନ କରିପାରନ୍ତି। ପ୍ରତ୍ୟେକ ସଂରକ୍ଷିତ ବର୍ଗ ଓ ଉପବର୍ଗର ଶିକ୍ଷା, ନିଯୁକ୍ତି, ଆୟ, ଉଚ୍ଚଶିକ୍ଷାରେ ପ୍ରତିନିଧିତ୍ୱ ଏବଂ ସରକାରୀ ସେବାରେ ଅଂଶୀଦାରିତ୍ୱକୁ ତଥ୍ୟ ଆଧାରରେ ମାପିବା ଦରକାର। ସେହି ତଥ୍ୟ ପ୍ରତି କିଛିବର୍ଷରେ ସାର୍ବଜନୀନ କରାଯିବା ଉଚିତ।

ସଂରକ୍ଷଣ ହେଉଛି ଐତିହାସିକ ଓ ସାମାଜିକ ଅସମାନତା ହ୍ରାସ କରିବାର ଏକ ନୀତିଗତ ଉପକରଣ। କିନ୍ତୁ ଏହାର ସଫଳତା ମାପିବା ପାଇଁ ତଥ୍ୟ, ସମୀକ୍ଷା ଓ ପାରଦର୍ଶିତା ଅପରିହାର୍ଯ୍ୟ। ଆଜି ରାଜନୈତିକ ନାରା ନୁହେଁ, ଆବଶ୍ୟକ ହେଉଛି ତଥ୍ୟଭିତ୍ତିକ ଆଲୋଚନା। କିଏ କେତେ ପାଇଲା, କିଏ କେତେ ବଞ୍ଚିତ ରହିଲା, କେଉଁଠି ବ୍ୟବସ୍ଥା ସଫଳ ହେଲା ଏବଂ କେଉଁଠି ବିଫଳ ହେଲା ଏହାର ନିରପେକ୍ଷ ମୂଲ୍ୟାୟନ ହେବା ଦରକାର। ଏହି ପରିପ୍ରେକ୍ଷୀରେ ସରକାରଙ୍କୁ ଏକ ସମଗ୍ର 'ସଂରକ୍ଷଣ ଶ୍ୱେତପତ୍ର' ପ୍ରକାଶ କରିବାକୁ ଦାବି କରିବା ସମୟୋପଯୋଗୀ। ଏହି ଶ୍ୱେତପତ୍ର କୌଣସି ବର୍ଗର ଅଧିକାର ହ୍ରାସ କରିବା ପାଇଁ ନୁହେଁ; ବରଂ ଯେଉଁମାନେ ଆଜି ବି ବ୍ୟବସ୍ଥାର ଲାଭରୁ ବଞ୍ଚିତ, ସେମାନଙ୍କୁ ଚିହ୍ନଟ କରିବା ପାଇଁ ହେଉ। ଯେଉଁ ଜାତି, ଜନଜାତି କିମ୍ବା ସାମାଜିକ ବର୍ଗ ଏବେ ବି ଶିକ୍ଷା, ଚାକିରି ଓ ମୌଳିକ ସୁଯୋଗରେ ପଛରେ ଅଛନ୍ତି, ସେମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରନ୍ତୁ। ଶିକ୍ଷା ହେଉ, ଛାତ୍ରବୃତ୍ତି ହେଉ, କୌଶଳ ବିକାଶ ହେଉ କିମ୍ବା ନିଯୁକ୍ତି ସୁଯୋଗର ଦ୍ୱାର ସେମାନଙ୍କ ପାଇଁ ଖୋଲିବା ଆବଶ୍ୟକ। କାରଣ ସଂରକ୍ଷଣର ଚୂଡ଼ାନ୍ତ ଲକ୍ଷ୍ୟ କେବଳ ତାଲିକାରେ ନାମ ଯୋଡ଼ିବା ନୁହେଁ; ସମାଜର ଶେଷ ଧାଡ଼ିରେ ଥିବା ମଣିଷକୁ ସୁଯୋଗର ମୁଖ୍ୟ ସ୍ରୋତକୁ ଆଣିବା।

ଏବେ ସମୟ ଆସିଛି ସରକାର ତଥ୍ୟ ଦିଅନ୍ତୁ, ହିସାବ ଦିଅନ୍ତୁ, ସମୀକ୍ଷା କରନ୍ତୁ ଏବଂ ଯେଉଁମାନେ ଏବେ ବି ବଞ୍ଚିତ, ସେମାନଙ୍କୁ ଚିହ୍ନଟ କରନ୍ତୁ। ସାମାଜିକ ନ୍ୟାୟର ସଫଳତା ସେତେବେଳେ ହେବ, ଯେତେବେଳେ 'ପ୍ରଥମ' ଛାତ୍ର, 'ପ୍ରଥମ' ଉଚ୍ଚଶିକ୍ଷିତ ବ୍ୟକ୍ତିଙ୍କ ଖବର ଆଉ ବିରଳ ଘଟଣା ହୋଇ ରହିବ ନାହିଁ। ସାମାଜିକ ନ୍ୟାୟର ଲକ୍ଷ୍ୟ କେବଳ ସଂରକ୍ଷଣ ଘୋଷଣା ନୁହେଁ; ଏହାର ପ୍ରକୃତ ଲାଭ କେଉଁ ବର୍ଗ ପର୍ଯ୍ୟନ୍ତ ପହଞ୍ଚିଛି, ତାହାର ସ୍ପଷ୍ଟ ହିସାବ ମଧ୍ୟ ଜନସାଧାରଣଙ୍କ ସମ୍ମୁଖରେ ରହିବା ଆବଶ୍ୟକ। ଶ୍ୱେତପତ୍ର ପ୍ରକାଶ ହେଉ, ସତ୍ୟ ତଥ୍ୟ ସାମ୍ନାକୁ ଆସୁ। ତଥ୍ୟ ଆଧାରରେ ନୂଆ ନୀତି ଗଢ଼ାଯାଉ। ସଂରକ୍ଷଣର ପ୍ରକୃତ ଲକ୍ଷ୍ୟ - ସମାନ ସୁଯୋଗ ଓ ସମାବେଶୀ ଉନ୍ନତି ସାକାର ହେଉ। ●

କେନ୍ଦ୍ରାପଡ଼ା, ମୋ: ୮୨୪୯୯୪୩୨୪୭

# କୋଇଲି ପୂଜନ

## କୋଇଲି ରୂପରେ ଦର୍ଶନ ଦେଇଥିଲେ ଶ୍ରୀକୃଷ୍ଣ

ଓଜସ୍ୱିନୀ

ବିଚିତ୍ର ବିଶ୍ୱାସ



*ପୂର୍ବପ୍ରକାଶିତ ଉତ୍ତାରୁ...*

ଶାସ୍ତ୍ରପୁରାଣ ଅନୁସାରେ ଶନିଦେବ ହେଉଛନ୍ତି ନ୍ୟାୟାଧୀଶ ଓ ଦଣ୍ଡାଧୀଶ। ସେ ବ୍ୟକ୍ତିଙ୍କୁ ତା'ର କର୍ମଫଳ ଅନୁସାରେ ନ୍ୟାୟ କିମ୍ବା ଦଣ୍ଡ ଦେଇଥା'ନ୍ତି। କିନ୍ତୁ କୃଷ୍ଣଭକ୍ତମାନଙ୍କୁ ସେ କୌଣସି ପ୍ରକାର ଦଣ୍ଡ ଦିଅନ୍ତି ନାହିଁ ବୋଲି ଶାସ୍ତ୍ରମତ ଅଛି। ଏହା ପଛରେ ଥିବା ଗୋଟିଏ ପୌରାଣିକ କାହାଣୀ ଆଧାରରେ ଶ୍ରୀକୃଷ୍ଣଙ୍କ ନଗରୀ ମଥୁରାର କୋସିକଲା ଅଞ୍ଚଳସ୍ଥିତ 'କୋକିଳବନ' ନାମକ ସ୍ଥାନରେ ଶ୍ରୀକୃଷ୍ଣ ଏବଂ ଶନିଦେବଙ୍କର ଗୋଟିଏ ନିଆରା ମନ୍ଦିର ରହିଛି। ଏହି ସ୍ଥାନରେ ଶ୍ରୀକୃଷ୍ଣ ଶନିଦେବଙ୍କୁ କୋଇଲି ସ୍ୱରୂପରେ ଦର୍ଶନ ଦେଇଥିଲେ। ବିଶ୍ୱାସ ରହିଛି ଯେ, ଏହି ମନ୍ଦିରରେ ଭକ୍ତମାନେ ଶ୍ରଦ୍ଧା ଓ ଭକ୍ତିର ସହ ଶନିଦେବଙ୍କୁ ଦର୍ଶନ କରିବା ସହିତ ବିଶୁଦ୍ଧ ସୋରିଷ ତେଲ ସମର୍ପଣ କରିବା ଏବଂ ଶନିଦେବଙ୍କ ମନ୍ତ୍ର ଜପ କରି ମନ୍ଦିରର ପରିକ୍ରମା କରିବା ଦ୍ୱାରା ଶନି ମହାଦଶା ଖଣ୍ଡନ ହେବା ସହିତ ଅନ୍ୟ ଗ୍ରହଦୋଷ ମଧ୍ୟ ଦୂର ହୁଏ, ଯାହା ଫଳରେ ଜୀବନରେ କେବେ କୌଣସି ବାଧାବିଘ୍ନ ଆସେନାହିଁ। ଏହାସହିତ ସବୁ ମନସ୍କାମନା ପୂରଣ ହୋଇଥାଏ। ଏହି ଶନି ମନ୍ଦିରରେ ରାଧାକୃଷ୍ଣଙ୍କ ବିଗ୍ରହ ମଧ୍ୟ ରହିଛି। ଭକ୍ତମାନେ ଏକାସାଙ୍ଗରେ ରାଧାକୃଷ୍ଣ ଓ ଶନିଦେବଙ୍କ ଦର୍ଶନ କରିଥା'ନ୍ତି।

କୋକିଳବନ ସମ୍ପର୍କରେ ପ୍ରଚଳିତ ପୌରାଣିକ ଆଖ୍ୟାନ ଅନୁସାରେ ଶନିଦେବ ବାଲ୍ୟକାଳରୁ ଶ୍ରୀକୃଷ୍ଣଙ୍କୁ ପ୍ରଗାଢ଼ ଭକ୍ତି କରୁଥିଲେ। କୃଷ୍ଣଭକ୍ତି ଯୋଗୁଁ ଶନିଦେବଙ୍କୁ ନ୍ୟାୟପ୍ରିୟତା, କର୍ମଫଳ ପ୍ରଦାନତା ଏବଂ ସଚ୍ଚୋଟତା ପ୍ରାପ୍ତ ହୋଇଥିଲା। ଏକଦା ଶନିଦେବ ଶ୍ରୀକୃଷ୍ଣଙ୍କୁ ପ୍ରସନ୍ନ କରି ତାଙ୍କ ସ୍ୱରୂପକୁ ସ୍ୱଚକ୍ଷୁରେ ଦର୍ଶନ କରିବାକୁ ମନସ୍ଥ କଲେ। ଏଥିପାଇଁ ଶନିଦେବ ବନରେ ଘୋର ତପସ୍ୟାରେ ଲୀନ ହେଲେ। ଶନିଦେବଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀକୃଷ୍ଣ ତାଙ୍କୁ କୋଇଲି ରୂପରେ ଦର୍ଶନ ଦେଇଥିଲେ। ଏହି କାରଣରୁ ସ୍ଥାନଟିର ନାମକରଣ କୋକିଳବନ ହୋଇଛି।

ଭାରତର ଅନ୍ୟ କେତେକ ସ୍ଥାନରେ ମଧ୍ୟ କୋଇଲି ପୂଜନର ପରମ୍ପରା ଅଛି। ଯେପରିକି ଗୁଜରାଟ ଓ ମଧ୍ୟପ୍ରଦେଶର ରାଠୱା ଜନଜାତି କୋଇଲିକୁ କୁଳଦେବୀ ଭାବେ ପୂଜା କରିଥା'ନ୍ତି। ଲୋକକଥା ଅନୁସାରେ ତାଙ୍କର ପ୍ରମୁଖ ଦେବତା 'ବାବା ପିଥୋରା' (ପିଥୋରୋ)ଙ୍କ ଜନ୍ମ ଗୋଟିଏ 'କଳା କୋଇଲି' (ଇନ୍ଦ୍ରଦେବଙ୍କ ସାତଜଣ ଭଉଣୀଙ୍କ ମଧ୍ୟରୁ ଜଣେ) ଠାରୁ ହୋଇଥିଲା। ତେଣୁ ସ୍ଥାନୀୟ ଧର୍ମଧାରଣା, କଳା, ସଂସ୍କୃତି ଏବଂ ଧାର୍ମିକ ଅନୁଷ୍ଠାନରେ କୋଇଲିର ବିଶେଷ ପୂଜାର୍ଚ୍ଚନାର ପରମ୍ପରା ରହିଛି। ଝାଡ଼ଖଣ୍ଡର ଜନଜାତି 'ଓରାଓନ୍' ଓ 'ମୁଣ୍ଡା' ସେମାନଙ୍କର ସବୁଠାରୁ ବଡ଼ ପ୍ରକୃତି ପୂଜନ ଉତ୍ସବ 'ସରହୁଲ୍' ସମୟରେ କୋଇଲିର ସ୍ୱର ଶୁଣିବା ପରେ ତାହାକୁ ଶୁଭ ସନ୍ଦେଶ ମନେକରି ପୂଜାବିଧି ଆରମ୍ଭ କରିଥା'ନ୍ତି। କର୍ଣ୍ଣାଟକ ଓ ଆନ୍ଧ୍ର ପ୍ରଦେଶର ନବବର୍ଷ 'ଉଗାଦି' ସହିତ ମଧ୍ୟ କୋଇଲିର ସମ୍ପର୍କ ରହିଛି। କୋଇଲିର ମଧୁର ସ୍ୱର ଆଶା ଓ ଉତ୍ତମ ଫସଲର ବାହକ ବୋଲି ବିଶ୍ୱାସ କରାଯାଏ। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**୫୮ ଦିନ ହେଲା ଧାରଣାରେ କିଲାସମା ମୌଜା ଅଧିବାସୀ**

# ବିଧାନସଭାରେ ବିଜେଡି ଉଠାଇବ ବିସ୍ଥାପନ ପ୍ରସଙ୍ଗ

ସମ୍ବଲପୁର, ୨୭।୮ (ସମିସ) : ହୀରାକୁଦ ନଦୀବନ୍ଧ ତିଆରି ସମୟରେ ବିସ୍ଥାପିତ ପୁନଃବିସ୍ଥାପନ ଆଶଙ୍କାରେ ଆଜିକୁ ୫୮ ଦିନ ହେଲା ଧାରଣାରେ ବସିଛନ୍ତି ସମ୍ବଲପୁର ଜିଲ୍ଲା ସଦର ତହସିଲ କିଲାସମା ମୌଜା ଅଧିବାସୀ। ସେମାନଙ୍କ ଅଭିଯୋଗ ଅନୁସାରେ ଗତ ସାତଦଶନ୍ଧି ଧରି ସେମାନେ ଯେଉଁ ଜମିରେ ଚାଷ କରୁଥିଲେ, ସେହି ଜମିରେ ହୋଟେଲ ନିର୍ମାଣ ହେବ। ଶାଗମାଛ ଦରରେ ସେହି ଜମିକୁ ଇଡ୍‌କୋକୁ ବିକ୍ରି କରିଦିଆଯାଇଛି। ଏଣୁ ସରକାର ସେମାନଙ୍କୁ ଥଇଥାନ କରନ୍ତୁ ନଚେତ୍ ସେହି ଜମି ଫେରାଇ ଦିଅନ୍ତୁ ବୋଲି ଦାବିକରି ପଞ୍ଚାୟତବାସୀ ଧାରଣାରେ ବସିଛନ୍ତି। ବିଜୁ ଜନତା ଦଳ ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱେଶାଲ କମିଟି ଓ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଆଜି ଅନଶନସ୍ଥଳରେ ପହଞ୍ଚି ବିସ୍ଥାପିତଙ୍କ ସହ ଆଲୋଚନା କରିଛନ୍ତି। ଆଜି ବିଜେଡିର ଏକ ପ୍ରତିନିଧି ଦଳ ଗଣଧାରଣାରେ ସାମିଲ ହେବାସହ ବିସ୍ଥାପିତଙ୍କୁ ସମର୍ଥନ ଜଣାଇଛନ୍ତି। ବିଧାୟକ ନିରଞ୍ଜନ ପୂଜାରୀ ବିଜେଡି ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଥିବା ବିଧାନସଭା ଅଧିବେଶନରେ ବିଜେଡି ଏହି ବିସ୍ଥାପନ ପ୍ରସଙ୍ଗ ଉଠାଇବ ବୋଲି କହିଥିବାବେଳେ, ଏନେଇ ରାଷ୍ଟ୍ରପତିଙ୍କ ପର୍ଯ୍ୟନ୍ତ ଚିଠି ପଠାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ। ବିଜେଡି ପ୍ରତିନିଧି ଦଳରେ ବିଧାୟକ ନିରଞ୍ଜନ ପୂଜାରୀ, ପୂର୍ବତନ ବିଧାୟିକା ତଥା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ସାମିଲ ଥିବାବେଳେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଉପସ୍ଥିତ ରହିଥିଲେ।

ପୂର୍ବତନ ମନ୍ତ୍ରୀ ତଥା ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ କହିଛନ୍ତି, ହୀରାକୁଦ ନଦୀବନ୍ଧ ନିର୍ମାଣ ସମୟରେ ବହୁ ପରିବାର ବିସ୍ଥାପିତ ହୋଇ କିଲାସମା ଗ୍ରାମକୁ ଆସି ପିଢ଼ି ପରେ ପିଢ଼ି ରହିଆସିଛନ୍ତି। ଏମାନେ ୭୦ରୁ ୮୦ ବର୍ଷ ଚାଷବାସ କରିବାସହ ବିସ୍ଥାପିତଙ୍କ ଚତୁର୍ଥ ପିଢ଼ି ଅଟନ୍ତି। ଏବେ ସରକାର ପୁଣିଥରେ ତାଙ୍କୁ ବିସ୍ଥାପିତ କରିବାକୁ ଉଦ୍ୟମ କରୁଛନ୍ତି। ସେମାନେ ଗରିବ, ଖଟିଖିଆ ଲୋକ। ସେମାନଙ୍କୁ ଆଜିଯାଏ ଚାଷ ଜମିପଟ୍ଟା ଦିଆଯାଇ ନାହିଁ। ସେମାନେ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭକରି ସବୁସ୍ତରରେ ଅନୁରୋଧ କଲେ ମଧ୍ୟ କେହି ଶୁଣୁନାହାନ୍ତି, ଏଣୁ ଆଗାମୀ ଅଧିବେଶନରେ ବିଜୁ ଜନତା ଦଳ ସେମାନଙ୍କ ସକାଶେ ବିଧାନସଭାରେ ପ୍ରଶ୍ନ ଉଠାଇବ ବୋଲି ସେ ସୂଚନା ଦେଇଛନ୍ତି। ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, କିଲାସମା ମୌଜାର ଦଳିତ ଆଦିବାସୀ ମାନଙ୍କୁ ବିସ୍ଥାପିତ କରିବାପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ୧୯୫୬ ମସିହାରେ ହୀରାକୁଦ ବନ୍ଧ ପୂର୍ଣ୍ଣାଙ୍ଗ ହେବାସମୟରେ ସେମାନେ ବିସ୍ଥାପିତ ହୋଇଥିଲେ। ସେହିସମୟରୁ ସେମାନେ ଆସି କିଲାସମା ମୌଜାର



ପଧାନପାଲିଠାରେ ବସତି ସ୍ଥାପନ କରି ରହିଥିଲେ। ଥରେ ବିସ୍ଥାପିତ ହୋଇ ପୁଣିଥରେ ବିସ୍ଥାପିତ କରୁଥିବାରୁ ଆମେ ଏହାକୁ ବିରୋଧ କରୁଛୁ। ଏଠାକାର ରାଜସ୍ୱ ମନ୍ତ୍ରୀ ଥାଇ ମଧ୍ୟ ଜମିପଟ୍ଟା ନଦେଇ ବାରମ୍ବାର ବିସ୍ଥାପିତ କରୁଛନ୍ତି। ଏନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଧାନସଭାରେ ପ୍ରଶ୍ନ ଉତ୍ଥାପନ କରାଯିବ ବୋଲି ସେ କହିଛନ୍ତି। ସରକାର ପର୍ଯ୍ୟଟନ ଶିଳ୍ପ କରନ୍ତୁ ଆମେ ତାହାକୁ ବିରୋଧ କରୁନାହୁଁ, କିନ୍ତୁ ଖାଲି ପଡ଼ିଥିବା ଜାଗାରେ କରନ୍ତୁ, ବିସ୍ଥାପିତ ଲୋକ ବସତି ସ୍ଥାପନ କରିଥିବା ଜାଗାରେ ସେମାନଙ୍କୁ ପୁଣି ବିସ୍ଥାପିତ କରି କରାନଯାଉ ବୋଲି ଶ୍ରୀମତୀ ଛୁରିଆ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ବିଧାୟକ ସୁଦର୍ଶନ ହରିପାଲ କହିଛନ୍ତି, ସେମାନେ ଜିଲ୍ଲା ପ୍ରଶାସନ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ପର୍ଯ୍ୟନ୍ତ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲାନାହିଁ। ରେଙ୍ଗାଲି ବିଧାୟକ ଭାବେ ମୁଁ ରାଷ୍ଟ୍ରପତିଙ୍କୁ ପତ୍ର ପଠାଇ ଦୃଷ୍ଟି ଆକର୍ଷଣ କରିଥିଲି, କିନ୍ତୁ କୌଣସି ଉତ୍ତର ଆସିଲା ନାହିଁ। ଏହାପରେ ଦଳର ସୁପ୍ରିମୋ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜଣାଇଥିଲି, ରେଙ୍ଗାଲି ନିର୍ବାଚନମଣ୍ଡଳୀର ବୁଢ଼ି ଅଞ୍ଚଳର ଲୋକେ ୫୦ ଦିନରୁ ଉର୍ଦ୍ଧ୍ୱ ହେବ ଧାରଣାରେ ବସିଛନ୍ତି। ଏହାପରେ ତାଙ୍କ ନିର୍ଦ୍ଦେଶରେ ଏହି ଟିମ୍ ଆସିଛନ୍ତି, ସେମାନେ ତଥ୍ୟ ସଂଗ୍ରହ କରି ଦଳର ସୁପ୍ରିମୋଙ୍କୁ ଅବଗତ କରିବେ ବୋଲି ଶ୍ରୀ ହରିପାଲ କହିଛନ୍ତି।

ସୂଚନାଯୋଗ୍ୟ ଯେ, ସମ୍ବଲପୁର ସଦର ତହସିଲ ଅଧୀନ କିଲାସମା ମୌଜାର ୩୩ ଏକର ୫୫ ଡେସିମିଲରୁ ଅଧିକ ଜମି ଇଡ୍‌କୋ ନେଇଥିବାବେଳେ ଏଠାରେ ପର୍ଯ୍ୟଟନ ଶିଳ୍ପ ପାଇଁ ହୋଟେଲ ନିର୍ମାଣ ହେବ। ଗତବର୍ଷ ୨୦୨୫ ଜୁନ ମାସରେ ଏହି ଅନାବାଦି ଜମିର କିସମ ପରିବର୍ତ୍ତନ ପାଇଁ ସଦର ତହସିଲରୁ ନୋଟିସ ହୋଇଥିଲା ଏବଂ ଶିଳ୍ପପତିଙ୍କୁ ଜମି ଦେବାକୁ ମାତ୍ର ଦୁଇମାସ ମଧ୍ୟରେ ଏହି ଜମିର କିସମ ପରିବର୍ତ୍ତନ ହୋଇଗଲା। ଗତ ୭ ଦଶନ୍ଧି ଧରି ଯେଉଁ ଜମିରେ ବିସ୍ଥାପିତମାନେ ଚାଷକରି ଦୁଇମୁଠା ଆୟ କରୁଥିଲେ, ସେହି ଜମିକୁ ଶାଗମାଛ ଦରରେ ଶିଳ୍ପପତିଙ୍କ ହାତକୁ ପ୍ରଶାସନ ଟେକି ଦେଇଛି। ହୀରାକୁଦରୁ ୧୯୫୬ ମସିହାରେ ବିସ୍ଥାପିତ ହୋଇ କିଲାସମା ମୌଜାର ବସବାସ କରୁଥିବା ଏବଂ ସମ୍ପୃକ୍ତ ଅଞ୍ଚଳରେ ଚାଷକରି ପରିବାର ପ୍ରତିପୋଷଣ କରୁଥିଲେ ପ୍ରାୟ ୬୫ଟି ପରିବାର। ଏହି ପରିବାର ଗୁଡ଼ିକୁ ବିକଳ୍ପ ବ୍ୟବସ୍ଥା ନକରି ଗତ ୭ ଦଶନ୍ଧି ଧରି ଚାଷବାସ କରୁଥିବା ଚାଷଜମି ଛାଡ଼ିବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଏହାକୁ ବିରୋଧ କରି ଗତ ଜୁଲାଇ ୧ ତାରିଖରୁ ୫୮ ଦିନ ଧରି କିଲାସମା ମୌଜାର ଅଧିବାସୀ ଅନଶନ ଧର୍ମଘଟ କରୁଛନ୍ତି। ତେବେ, ଏପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ କିମ୍ବା ସରକାରଙ୍କ ପକ୍ଷରୁ କେହି ସେମାନଙ୍କ ପାଖକୁ ଯାଇ ନଥିବା ଅଭିଯୋଗ ହୋଇଛି। ଅଞ୍ଚଳବାସୀଙ୍କ ଦାବି ଅନୁଯାୟୀ, ସେମାନଙ୍କ ପରିବାର ପ୍ରତିପୋଷଣ କରୁଥିବା ୩୩.୫୫ ଏକର ଜମି ଇଡ୍‌କୋକୁ ଦିଆ ନଯାଇ ସେମାନଙ୍କୁ ଫେରାଇଦେବାସହ ସେମାନଙ୍କ ନାମରେ ଜମିପଟ୍ଟା କରାଯାଉ ବୋଲି ଅଞ୍ଚଳବାସୀ କହିଛନ୍ତି।

**କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ବାୟୋମେଟ୍ରିକ ଉପସ୍ଥାନ ପ୍ରସଙ୍ଗ**

# ସରକାରଙ୍କ ତୋଗଲକୀ ନୀତି ପାଇଁ ଶିକ୍ଷା ବ୍ୟବସ୍ଥା ତଳମୁହାଁ

ଭୁବନେଶ୍ୱର,୨୭।୮ (ସମିସ): ରାଜ୍ୟର ମହାବିଦ୍ୟାଳୟଗୁଡିକରେ ପରୀକ୍ଷାମୂଳକ ଭାବେ ଛାତ୍ରଛାତ୍ରୀ ମାନଙ୍କର ବାୟୋମେଟ୍ରିକ ଉପସ୍ଥାନ କରାଯିବ ବୋଲି ରାଜ୍ୟ ସରକାରଙ୍କ ଘୋଷଣାକୁ ତୀବ୍ର ସମାଲୋଚନା କରିଛି ବିଜେଡି। ବିଜେପି ସରକାରଙ୍କ ଗତ ଦୁଇ ବର୍ଷର ଶାସନରେ ରାଜ୍ୟର ମହାବିଦ୍ୟାଳୟ ଗୁଡିକରେ ଶୈକ୍ଷିକ ବାତାବରଣ ନଷ୍ଟ ହୋଇଛି ଓ ଛାତ୍ରଛାତ୍ରୀ ମାନଙ୍କର ମୌଳିକ ଆବଶ୍ୟକତା ପୂରଣ ହୋଇପାରି ନଥିବା ବେଳେ ବାୟୋମେଟ୍ରିକ ଉପସ୍ଥାନ



ବ୍ୟବସ୍ଥା ଆରମ୍ଭ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ବିଜେଡି ପ୍ରଶ୍ନ କରିଛି। ଗୁରୁବାର ଦଳ ତରଫରୁ ଜାରି ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି ରାଜ୍ୟ ସରକାରଙ୍କ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ପ୍ରସ୍ତାବ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି।

ସେ କହିଛନ୍ତି, ବିଜେପିର ନେତାମାନେ କଲେଜ ପରିଚାଳନାରେ ଅନାବଶ୍ୟକ ହସ୍ତକ୍ଷେପ କରୁଛନ୍ତି। ଏହାଦ୍ୱାରା ରାଜ୍ୟରେ ମହାବିଦ୍ୟାଳୟ ଗୁଡିକରେ ଶୈକ୍ଷିକ ବାତାବରଣ ନଷ୍ଟ ହୋଇଛି। ରାଜ୍ୟ ସରକାର ଛାତ୍ରଛାତ୍ରୀ ମାନଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଆବଶ୍ୟକ ସଂଖ୍ୟକ ଅଧ୍ୟାପକ, ପାଠ୍ୟ ପୁସ୍ତକ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହୋଇପାରୁନାହିଁ। ରାଜ୍ୟର ମହାବିଦ୍ୟାଳୟ ଗୁଡ଼ିକରେ ଅଧ୍ୟାପକ ଓ କର୍ମଚାରୀମାନଙ୍କ ପାଇଁ ଏପର୍ଯ୍ୟନ୍ତ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଆରମ୍ଭ ହୋଇନାହିଁ। ଏହି ପରିପ୍ରେକ୍ଷୀରେ, ଛାତ୍ରଛାତ୍ରୀ ମାନଙ୍କ ପାଇଁ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଆରମ୍ଭ କରିବା ପାଇଁ ପ୍ରସ୍ତାବ ଦେବା ରାଜ୍ୟ ସରକାରଙ୍କର ତୋଗଲକି ନୀତିର ପରିଚୟ ବୋଲି ଡଃ ମହାନ୍ତି କହିଛନ୍ତି।

ରାଜ୍ୟ ସରକାର ରାଜ୍ୟରେ କେଜିରୁ ପିଜି ମାଗଣା

- **ଶୃଙ୍ଖଳା ଆଳରେ ଛାତ୍ରଛାତ୍ରୀଙ୍କୁ ଡରାଇବାକୁ ଉଦ୍ୟମ ହେଉଛି**
- **ବିଜେପି ନେତାଙ୍କ ହସ୍ତକ୍ଷେପ ଯୋଗୁଁ ଶୈକ୍ଷିକ ବାତାବରଣ ନଷ୍ଟ**

ଶିକ୍ଷା କଥା ଘୋଷଣା କଲେ। କିନ୍ତୁ, ଏନେଇ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ଶିକ୍ଷାନୁଷ୍ଠାନ ଗୁଡିକୁ ଦିଆଯାଇନାହିଁ। ଫଳରେ ଅନେକ ଶିକ୍ଷା ଅନୁଷ୍ଠାନରେ ଏବେ ବି ଛାତ୍ରଛାତ୍ରୀଙ୍କଠାରୁ ଫି ଆଦାୟ କରାଯାଉଛି। ଏହାଛଡା ଅନେକ ଶିକ୍ଷା ଅନୁଷ୍ଠାନରେ ସେଲ୍ଫ ଫାଇନାନ୍ସ (ନିଜସ୍ୱ ପାଣ୍ଠି) ବ୍ୟବସ୍ଥାରେ ଶିକ୍ଷା ପ୍ରଦାନ କରାଯାଉଛି। ଏହି ବ୍ୟବସ୍ଥାରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମାଗଣା ଶିକ୍ଷା ବ୍ୟବସ୍ଥାରେ ସାମିଲ କରାଯିବ କି ନାହିଁ, ସେନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ରାଜ୍ୟ ସରକାର ନିଜର ଅପାରଗତା ଲୁଚାଇବାକୁ ଯାଇ ଛାତ୍ରଛାତ୍ରୀଙ୍କ ବାୟୋମେଟ୍ରିକ ଉପସ୍ଥାନ କଥା କହୁଛନ୍ତି। ଶୃଙ୍ଖଳା ଆଳରେ ରାଜ୍ୟ ସରକାର ଛାତ୍ରଛାତ୍ରୀମାନଙ୍କୁ ଡରାଇବାକୁ ଚେଷ୍ଟା କରୁଛନ୍ତି। "ଜେନ୍-ଜି'ଙ୍କ ପ୍ରତି ସରକାରଙ୍କ ଏହି ଆଭିମୁଖ୍ୟ ଯଥାର୍ଥ ନୁହଁ। ରାଜ୍ୟ ବିଜେପି ସରକାରଙ୍କର ତୋଗଲକି ନୀତି ସକାଶେ ଶିକ୍ଷା ବ୍ୟବସ୍ଥାର ଦ୍ରୁତ ଅବନତି ଘଟିଛି ବୋଲି ଡଃ ମହାନ୍ତି ଅଭିଯୋଗ କରିଛନ୍ତି।

# ପ୍ରକାଶ ପାଶ୍ୱାନ୍‌ଙ୍କୁ ବିହାରରୁ ରାଉରକେଲା ଆଣିଲା ପୁଲିସ

ରାଉରକେଲା,୨୭।୮ (ସମିସ): ରାଉରକେଲା ସର୍କିଟ୍ ହାଉସରୁ ଅସ୍ତ୍ରଶସ୍ତ୍ର ଓ ଗୁଳି ଜବତ ମାମଲାରେ ଫେରାର ତଥା ମୋଷ୍ଟୱାଣ୍ଟେଡ୍ ଅଭିଯୁକ୍ତ ପ୍ରକାଶ ପାଶ୍ୱାନ୍‌ଙ୍କୁ ବିହାରରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରାଉରକେଲା ଅଣାଯାଇଛି। ବିହାରର ବେଗୁସରାଇ ଜିଲ୍ଲା ଅଧୀନ ବରୌଣୀ ରେଳଷ୍ଟେସନରୁ ପ୍ରକାଶ ପାଶ୍ୱାନ୍‌ଙ୍କୁ ଗିରଫ କରାଯାଇଥିଲା। ଗିରଫ ପରେ ରାଉରକେଲା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ବିହାରରୁ ରାଉରକେଲା ଆଣିଥିବା ଜଣାପଡ଼ିଛି। ରାଉରକେଲାରେ ପହଞ୍ଚିବା ପରେ ଅଭିଯୁକ୍ତଙ୍କୁ ପୁଲିସ କଡ଼ା ସୁରକ୍ଷା ମଧ୍ୟରେ ନିଜ ହେପାଜତରେ ରଖିଛି। ଆଇନଗତ ପ୍ରକ୍ରିୟାର ଏକ ଅଂଶ ସ୍ୱରୂପ ତାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ରାଉରକେଲାର ଏକ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ଆଇନଗତ ଓ ଅନ୍ୟାନ୍ୟ ଔପଚାରିକତା ସମ୍ପୂର୍ଣ୍ଣ ହେବାପରେ ପ୍ରକାଶଙ୍କୁ ଅଦାଲତରେ ହାଜର କରାଯିବ ବୋଲି ଜଣାପଡ଼ିଛି। ତେବେ ସର୍କିଟ ହାଉସ ଅସ୍ତ୍ର ଓ ଜୀବନ୍ତ ଗୁଳି ଜବତ ମାମଲାରେ ତାଙ୍କର ଅଭିଯୋଗଗତ ଭୂମିକା ସମ୍ପର୍କରେ ପୁଲିସ ପକ୍ଷରୁ ଅଧିକ ତଥ୍ୟକୁ ଅପେକ୍ଷା କରାଯାଇଛି। ତଦନ୍ତ ଆଗକୁ ବଢ଼ିବା ସହିତ ଏହି ମାମଲାରେ ଆହୁରି ଚମକପ୍ରଦ ତଥ୍ୟ ସାମ୍ନାକୁ ଆସିବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ ଯେ ଅଗଷ୍ଟ ୧୪ ତାରିଖ ରାତିରେ ସର୍କିଟ୍ ହାଉସ୍‌ର ନବନିର୍ମିତ କୋଠାରି ୧୦୭ ଓ ୧୧୧ ନମ୍ବର ରୁମ୍‌ରୁ ଗୋଟିଏ ପିସ୍ତଲ ଓ ଅଫୁଟା ଗୁଳି ଜବତ ହୋଇଥିଲା। ଏହି ଘଟଣାରେ ଅପରାଧିକ ପୃଷ୍ଠଭୂମି ଥିବା ଅଭିଯୋଗରେ ପ୍ରଥମେ ଦୁଇ ଜଣ ଯୁବକଙ୍କୁ ପୁଲିସ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ଏହାକୁ ଲିଙ୍କ୍‌କରି ଅବୈଧ ଅସ୍ତ୍ର କାରବାର ସହ ସମ୍ପୃକ୍ତ ଆଉ ୭ ଜଣଙ୍କୁ ଗିରଫ କରାଯାଇଥିଲା। ସମସ୍ତେ ବର୍ତ୍ତମାନ ଜେଲ ହାଜତରେ ରହିଥିବା ଜଣାପଡ଼ିଛି। ସେମାନଙ୍କ ନିକଟରୁ ୪ଟି ରିଭଲଭର୍ ଏବଂ ୧୧ଟି ଗୁଳି ଜବତ କରିଥିଲା ପୁଲିସ। ଏହି ଘଟଣାରେ ପ୍ରକାଶଙ୍କ ସମ୍ପୃକ୍ତି ଅଭିଯୋଗ ହେବାପରେ ସେ ଗିରଫ ଭୟରେ ଫେରାର ହୋଇଯାଇଥିଲେ।

**ଆମେରିକାର କଡ଼ା ଇମିଗ୍ରେସନ ନୀତି**

# ଇମିଗ୍ରାଣ୍ଟ ଭିସା ସାକ୍ଷାତକାର ଅନିର୍ଦ୍ଦିଷ୍ଟ କାଳ ବନ୍ଦ

ୱାଶିଂଟନ୍,୨୭।୮ (ଏଜେନ୍ସି) ଅବୈଧ ଇମିଗ୍ରେସନ ବିରୋଧରେ କଡ଼ା ପଦକ୍ଷେପ ପରେ ଏବେ ଆଇନସମ୍ମତ ଭାବେ ଆମେରିକାରେ ସ୍ଥାୟୀ ଭାବେ ବସବାସ କରିବାକୁ ଚାହୁଁଥିବା ବିଦେଶୀଙ୍କ ଉପରେ ମଧ୍ୟ ସ୍କ୍ରିନିଂ କଡ଼ା କରିଛି ଟ୍ରମ୍ପ ପ୍ରଶାସନ। ଏହାର ଅଂଶ ଭାବେ ବିଶ୍ୱର ବିଭିନ୍ନ ଦେଶରେ ଥିବା ଆମେରିକୀୟ ଦୂତାବାସ ଓ କନସୁଲେଟ୍‌ଗୁଡ଼ିକରେ ଇମିଗ୍ରାଣ୍ଟ ଭିସା ସମ୍ବନ୍ଧୀୟ ଅନେକ ସାକ୍ଷାତକାର ଓ ନିଯୁକ୍ତିକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି।

ଆମେରିକାର ବିଦେଶ ବିଭାଗ ସୂଚନା ଅନୁସାରେ ନୂଆ ଯାଞ୍ଚ ବ୍ୟବସ୍ଥା ଲାଗୁ କରିବା ପୂର୍ବରୁ କନସୁଲାର ଅଧିକାରୀମାନଙ୍କୁ ନୂତନ ନିର୍ଦ୍ଦେଶାବଳୀ ସମ୍ପର୍କରେ ପ୍ରଶିକ୍ଷଣ ଦେବା ଆବଶ୍ୟକ ହୋଇଛି। ଏଥିପାଇଁ ବିଭାଗ ପକ୍ଷରୁ ବିଶ୍ୱବ୍ୟାପୀ ଏକ ନୂଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଭିସା ଆବେଦନକାରୀଙ୍କ ଆର୍ଥିକ ସ୍ଥିତି, ଭବିଷ୍ୟତରେ ସେମାନେ ସରକାରୀ ସହାୟତା ଉପରେ ନିର୍ଭରଶୀଳ ହେବାର ସମ୍ଭାବନା ଏବଂ ଆମେରିକାରେ ନିଜ ଜୀବିକା ନିର୍ବାହ କରିବାର କ୍ଷମତାକୁ ଅଧିକ କଡ଼ା ଭାବେ ଯାଞ୍ଚ କରାଯିବ। ଏହି ପଦକ୍ଷେପର ପ୍ରଭାବରେ ପୂର୍ବରୁ ଭିସା ସାକ୍ଷାତକାର ପାଇଁ ତାରିଖ ପାଇଥିବା କେତେକ ଆବେଦନକାରୀଙ୍କ ନିଯୁକ୍ତି ପଛକୁ ଘୁଞ୍ଚାଯାଇଛି। ସେମାନଙ୍କୁ ପରବର୍ତ୍ତୀ ସମୟରେ ନୂଆ ତାରିଖ ଦିଆଯିବ ବୋଲି ଜଣାଯାଇଛି। ତେବେ ଏହି ପୁନଃନିର୍ଦ୍ଧାରଣ ପ୍ରକ୍ରିୟା କେତେଦିନ ଚାଲିବ, ତାହାର ସ୍ପଷ୍ଟ ସମୟସୀମା ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। ପରିବାର ଭିତ୍ତିକ ସ୍ଥାୟୀ ଆବାସନ ଏବଂ ଚାକିରି ଆଧାରିତ ଇମିଗ୍ରାଣ୍ଟ ଭିସା ଆବେଦନକାରୀମାନେ ଏହି ପରିବର୍ତ୍ତନରେ ଅଧିକ ପ୍ରଭାବିତ ହୋଇପାରନ୍ତି। ଛାତ୍ର, ପର୍ଯ୍ୟଟକ ଓ ବ୍ୟବସାୟିକ ଯାତ୍ରୀଙ୍କ ପାଇଁ ଥିବା ଅଣ-ଇମିଗ୍ରାଣ୍ଟ ଭିସାର ସମସ୍ତ ପ୍ରକ୍ରିୟା ବନ୍ଦ କରାଯାଇଥିବା ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ।

**ଅଯୋଗ୍ୟଙ୍କୁ ନିଯୁକ୍ତି ମାମଲାରେ ବିଇଡି କଲେଜକୁ ବାଜିବ ଛାଟ**

# ପୁନଃ ନୋଟିସ୍ ପାଇଁ ଏନ୍‌ସିଟିଇ ବୈଠକରେ ନିଷ୍ପତ୍ତି

ଭୁବନେଶ୍ୱର, ୨୭।୮ (ସମିସ): ବିଇଡି କଲେଜରେ ଅଯୋଗ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ଘଟଣାରେ ପୁଣି ବାଜିବ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ଛାଟ। ପ୍ରଥମ ନୋଟିସ୍ ପରେ ଶିକ୍ଷାନୁଷ୍ଠାନରେ ନିୟୋଜିତ ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ଦାଖଲ କରି ନ ଥିବାରୁ ଦ୍ୱିତୀୟ ଓ ଚୂଡ଼ାନ୍ତ ନୋଟିସ୍ ଜାରି କରାଯିବ। ଏହାର ଉତ୍ତର ନିର୍ଦ୍ଧାରିତ ସମୟରେ ନ ଦେଲେ ସମସ୍ତ ୧୬ଟି ବିଇଡି କଲେଜର ସ୍ୱୀକୃତି ପ୍ରତ୍ୟାହାର ହେବ। ଏନେଇ ଏନ୍‌ସିଟିଇର ପୂର୍ବାଞ୍ଚଳ ଆଞ୍ଚଳିକ କମିଟିର ୪୦୪ତମ ବୈଠକରେ ନିଷ୍ପତ୍ତି ହୋଇଛି। ଫଳରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଇଡି କଲେଜର ସ୍ୱୀକୃତି ପ୍ରତ୍ୟାହାର ଆଶଙ୍କା ପୁଣି ବଢ଼ିଛି।

ଓଡ଼ିଶାର ବିଏଡ୍ ଓ ଏମ୍‌ଏଡ୍ ଶିକ୍ଷକ ଶିକ୍ଷାନୁଷ୍ଠାନରେ ଯୋଗ୍ୟତାସମ୍ପନ୍ନ ଶିକ୍ଷକ ନଥିବା ନେଇ ଏନ୍‌ସିଟିଇ ନିକଟରେ ଅଭିଯୋଗ ହୋଇଛି। ଏନେଇ ଗତ ଜୁଲାଇ ୧୪ ତାରିଖରେ ମୋଟ୍ ୧୬ ଟି ଶିକ୍ଷାନୁଷ୍ଠାନକୁ ନୋଟିସ୍ ଜାରି କରିବା ସହ ସମସ୍ତ ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର କୌଣସି ଶିକ୍ଷାନୁଷ୍ଠାନ ନିର୍ଦ୍ଧାରିତ ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରି ନଥିଲେ। ରିପୋର୍ଟ ଦାଖଲ ନ କରିବା ପଛରେ ଉଚ୍ଚଶିକ୍ଷା ବିଭାଗର ପ୍ରଚ୍ଛନ୍ନ ହାତ ରହିଥିବା ଅଭିଯୋଗ ହୋଇଛି। ରିପୋର୍ଟ ଦାଖଲ କଲେ ସମସ୍ତ ଶିକ୍ଷାନୁଷ୍ଠାନର ସ୍ୱୀକୃତି ପ୍ରତ୍ୟାହାର ହେବା ଆଶଙ୍କା ଥିବାରୁ ରିପୋର୍ଟ ଦାଖଲ

- **ପୂର୍ବ ନୋଟିସ୍‌ର ଉତ୍ତର ଦେଇ ନାହାନ୍ତି କୌଣସି ଶିକ୍ଷାନୁଷ୍ଠାନ**
- **୧୬ଟି କଲେଜକୁ ଜାରି ହେବ କାରଣ ଦର୍ଶାଇ ନୋଟିସ୍**
- **ମୁହଁ ଖୋଲୁ ନାହାନ୍ତି ଅଧିକାରୀ; ଆଶଙ୍କାରେ ଛାତ୍ରଛାତ୍ରୀ**

ନ କରିବାକୁ କଡ଼ା ଦାଗିଦ କରାଯାଇଥିଲା। ଏଥିପାଇଁ କୌଣସି ସରକାରୀ ଚିଠି ନୁହେଁ, ବରଂ ହ୍ୱାଟସଆପ୍‌ରେ ଶିକ୍ଷକ ଶିକ୍ଷା ସେକ୍ସନ୍‌ରେ ଥିବା ଡ. ଶରତ କୁମାର ମାଝୀ ନିର୍ଦ୍ଦେଶ ଦେଇଥିଲେ ଓ ଏହାର ସ୍କ୍ରିନ୍‌ସଟ୍ ଭାଇରାଲ୍ ମଧ୍ୟ ହୋଇଥିଲା। କଲେବଲେ କୌଶଳେ ବିଳମ୍ବ କରି ଅଯୋଗ୍ୟଙ୍କୁ ଡିଗ୍ରୀ କଲେଜକୁ ବଦଳି କରିବା ସହ ସେମାନଙ୍କ ସ୍ଥାନରେ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତ କରିବାକୁ ଉଚ୍ଚଶିକ୍ଷା ବିଭାଗ ଉଦ୍ୟମ କରୁଥିବା ଜଣାପଡ଼ିଥିଲା। ଏହି ଘଟଣାକୁ ଅତ୍ୟନ୍ତ ଗୁରୁତର ସହ ନେଇଛି ଏନ୍‌ସିଟିଇ। ଏନ୍‌ସିଟିଇ ବୈଠକର ଏଜେଣ୍ଡାର ୫୨ ଓ ୫୩ ନମ୍ବର ମାମଲାରେ ଓଡ଼ିଶାର ବିଏଡ୍ ଓ ଏମ୍‌ଏଡ୍ କଲେଜରେ ଅଯୋଗ୍ୟ ଅଧ୍ୟାପକ ନିଯୁକ୍ତି ହୋଇଥିବା ସମ୍ପର୍କରେ ଆଲୋଚନା ହୋଇଛି। ପୁଣିଥରେ ସମସ୍ତ ୧୬ଟି ଶିକ୍ଷାନୁଷ୍ଠାନକୁ କାରଣ ଦର୍ଶାଇ ନୋଟିସ୍ ଜାରି ହେବ। ସମ୍ପୃକ୍ତ ବିଶ୍ୱବିଦ୍ୟାଳୟଦ୍ୱାରା ଅନୁମୋଦିତ ଅଧ୍ୟାପକମାନଙ୍କ ତଥ୍ୟ ୧୫ ଦିନ ମଧ୍ୟରେ ଦାଖଲ କରିବାକୁ କମିଟି ନିଷ୍ପତ୍ତି ନେଇଛି। ଏହି ଦ୍ୱିତୀୟ ନୋଟିସ୍ ଚୂଡ଼ାନ୍ତ ହୋଇଥିବାବେଳେ ନିର୍ଦ୍ଧାରିତ ସମୟରେ ଉତ୍ତର ନ ରଖିଲେ ସ୍ୱୀକୃତି ପ୍ରତ୍ୟାହାର କରିବାକୁ ଆଲୋଚନା ହୋଇଛି। ଏନ୍‌ସିଟିଇ ଛାଟ ପଡ଼ିବାକୁ ଯାଉଥିବାବେଳେ ଶିକ୍ଷକ ଶିକ୍ଷା (ଟିଇ) ସେକ୍ସନ୍ ଦାୟିତ୍ୱରେ ଥିବା ଯୁଗ୍ମ ସଚିବ ମୌସୁମୀ ମହାନ୍ତି ମୁହଁ ଖୋଲୁ ନାହାନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପରଜଙ୍ଗ,୨୭।୮ (ସମିସ) : ପରଜଙ୍ଗ ଥାନା ହାତୀଲୁଚାଣୀ ଗ୍ରାମ ସତ୍‌ସଙ୍ଗ ଘର ନିକଟରେ ଥିବା ଆମ୍ବ ତୋଟାରୁ ଏକ ଗଛରେ ଯୁବକଙ୍କ ଝୁଲନ୍ତା ମୃତ ଦେହ ଦେଖିବାକୁ ମିଳିଛି। ମୃତ ଯୁବକ ଜଣକ ହାତୀଲୁଚାଣୀ ଗ୍ରାମର ହାଡ଼ିବନ୍ଧୁ ନାୟକଙ୍କ ସାନ ପୁଅ ହୁମାୟନ ନାୟକ(୪୦) ବୋଲି ଜଣାପଡିଛି। ସୂଚନା ମୁତାବକ ଗତକାଲି ସନ୍ଧ୍ୟା ସମୟରୁ ହୁମାୟନ ଘରୁ କେଉଁ ଆଡେ ଯାଇଥିବା ବେଳେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ପରିବାର ଲୋକେ ଆଜି ଖୋଜାଖୋଜି କରିବା ପରେ କିଛି ଲୋକ ତାଙ୍କୁ ଆମ୍ବ ତୋଟା ନିକଟରେ ଛୋଟ ଗଛରେ ଏକ କପଡ଼ାରେ ଝୁଲନ୍ତା ଅବସ୍ଥାରେ ପଡି ରହିଥିବା ଦେଖିବାକୁ ପାଇଥିଲେ। ଏନେଇ ପରଜଙ୍ଗ ଥାନାରେ ଖବର ଦେଇଥିଲେ। ଘଟଣାସ୍ଥଳରେ ପରଜଙ୍ଗ ଥାନା ଅଧିକାରୀ ସୁବ୍ରତ କୁମାର ସାହୁ, ଉପନୀରକ୍ଷକ ଦେବଗ୍ରାହୀ ମହାନ୍ତି, ଜଳନ୍ଧର ବାରିକ, ଯୋଶେଫ ପଟ୍ଟନାୟକ ଓ ପୁଲିସ କର୍ମଚାରୀମାନେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସଂସଦ ଅଧିବେଶନକୁ...

ମନାକରିଦେଇଛନ୍ତି। ଏହି ବୟାନ ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

ଗତ ଅଗଷ୍ଟ ୧୩ ତାରିଖରେ ଉଭୟ ଲୋକସଭା ଏବଂ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଅଧିବେଶନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇ ନଥିଲା।। ଏହି ପ୍ରସଙ୍ଗରେ ରିଜିଜୁ କହିଛନ୍ତି ଯେ, ଗୃହକୁ ପୁଣି ଡାକିବା ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ୧୯୫୨ ମସିହାରୁ ଏଭଳି ଅନେକ ଦୃଷ୍ଟାନ୍ତ ରହିଛି, ଯେଉଁଠାରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯିବା ପରେ ପୁଣିଥରେ ଅଧିବେଶନ ଡକାଯାଇଥିଲା। ଅଧିବେଶନ ଏପର୍ଯ୍ୟନ୍ତ ବନ୍ଦ ନହେବା ପଛରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବା ଯୋଜନା ଥାଇପାରେ ବୋଲି ବିରୋଧୀ ଦଳଗୁଡ଼ିକ ଅନୁମାନ କରୁଛନ୍ତି। ବିଶେଷକରି ସୀମା ନିର୍ଦ୍ଧାରଣ ବିଲ୍ ଏବଂ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ତେବେ ସ୍ୱତନ୍ତ୍ର ଅଧିବେଶନ ବସିବା ନେଇ ମନ୍ତ୍ରୀ ସିଧାସଳଖ କୌଣସି ଉତ୍ତର ଦେଇ ନଥିଲେ ମଧ୍ୟ ସମ୍ଭାବନାକୁ ଏଡ଼ାଇ ଦେଇନାହାନ୍ତି। ପାର୍ଲାମେଣ୍ଟର ବର୍ଷା ଅଧିବେଶନର ପରିସମାପ୍ତି ଘଟିନଥିବାରୁ ଆଗାମୀ ଦିନରେ ସରକାର କୌଣସି ବଡ଼ ନିଷ୍ପତ୍ତି ନେଇ ପାରନ୍ତି ବୋଲି ଆକଳନ କରାଯାଉଛି।

## ବିପଦ ଟଳିନି...

ଭାଙ୍ଗିଯାଇପାରେ ବୋଲି କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି।

ତିବ୍ବତରେ ଭୂସ୍ଖଳନ ଯୋଗୁଁ ହୋଇଥିବା ଏହି ବନ୍ୟାରେ ନେପାଳର କେନ୍ଦ୍ରାଞ୍ଚଳ ସଂପୂର୍ଣ୍ଣ ରୂପେ ଧୋଇ ହୋଇଯାଇଛି। ରାସୁଆ, ଧାଡିଙ୍ଗ, ନୂଆକୋଟ ଏବଂ ଚିଟୱାନ ଅଞ୍ଚଳ ଛାରଖାର ହୋଇଯାଇଛି। ଏହି ଅଞ୍ଚଳରେ ଥିବା ସହର, ଗାଁ, ରାସ୍ତା, ପୋଲ ଧ୍ୱଂସ ହୋଯାଇଛି। ଅତିକମରେ ୧୩ଟି ଜଳବିଦ୍ୟୁତ ପ୍ରକଳ୍ପ ମଧ୍ୟ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। କେବଳ ଏତିକି ନୁହେଁ ଚୀନ ସୀମାକୁ ଲାଗିଥିବା ଗାଏରଙ୍ଗ ବନ୍ଦର କାଦୁଅ ପାଣିରେ ପୋତି ହୋଇଯାଇଛି। ଏହି ଅଚାନକ ବନ୍ୟା ଲାଗି ଚୀନକୁ ଦାୟୀ କରିଛି ନେପାଳ। ନେପାଳର ଜଣେ ମନ୍ତ୍ରୀ କହିଛନ୍ତି ଯେ ତିବ୍ବତରେ ହୋଇଥିବା ଭୂସ୍ଖଳନ ସଂପର୍କରେ ଚୀନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନଥିଲା। ଆଗରୁ ସୂଚନା ମିଳିଥିଲେ ବଡ଼ ଧରଣର ବିପର୍ଯ୍ୟୟକୁ ଏଡ଼ାଇ ଦିଆଯାଇ ପାରିଥାଆନ୍ତା।

ଭୟଙ୍କର ବନ୍ୟା।ରେ ହଜାରେରୁ ଅଧିକ ବିଦେଶୀ ପର୍ଯ୍ୟଟକ ନିଖୋଜ ଅଛନ୍ତି। ଏମାନଙ୍କ ମଧ୍ୟରେ ତିନି ଶହ ଭାରତୀୟ ପର୍ଯ୍ୟଟକ ଅଛନ୍ତି। କିଛି ଅଞ୍ଚଳରୁ ପ୍ରାୟ ଶହେ ଭାରତୀୟଙ୍କୁ ଉଦ୍ଧାର କରାଯାଇଛି। ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ ସୂଚନା ଦେଇଛନ୍ତି ଯେ ରାସୁଆ ଅଞ୍ଚଳରେ ହଜାର ହଜାର ଲୋକଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ। ମାତ୍ର କିଛି ଘଣ୍ଟା ମଧ୍ୟରେ ଗୋଟିଏ ପରେ ଗୋଟିଏ ସହର ଧ୍ୱଂସ ହୋଇଯାଇଛି। ମାନସୋରୋବର ଯାତ୍ରା ପାଇଁ ଯାଉଥିବା ବହୁ ଭାରତୀୟ ଶ୍ରଦ୍ଧାଳୁ ଏହି ବନ୍ୟା ପ୍ରଭାବିତ ଅଞ୍ଚଳରେ ନିଖୋଜ ହୋଇଯାଇଛନ୍ତି। ସମୁଦାୟ ପାଞ୍ଚ ଶହ ପାଖାପାଖି ବିଦେଶୀ ନାଗରିକଙ୍କ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ନେପାଳ ସରକାର ବିଦେଶୀ ନାଗରିକମାନଙ୍କ ସୁରକ୍ଷା ପାଇଁ ସମ୍ପୃକ୍ତ ଦେଶଗୁଡ଼ିକର ଦୂତାବାସଗୁଡ଼ିକ ସହିତ କ୍ରମାଗତ ଭାବେ ଯୋଗାଯୋଗରେ ଅଛନ୍ତି। ନେପାଳ ନାଗରିକଙ୍କ ଭଳି ବିଦେଶୀ ନାଗରିକଙ୍କ ସୁରକ୍ଷା ପାଇଁ ମଧ୍ୟ ସରକାର ସମାନ ଭାବେ ପ୍ରତିଶ୍ରୁତିବଦ୍ଧ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବର୍ତ୍ତମାନ ସମୟରେ ଉଦ୍ଧାର ଏବଂ ତତ୍କାଳ ଆଶ୍ରୟ ପ୍ରଦାନ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏହି ବିପର୍ଯ୍ୟୟ ସମୟରେ ଭାରତ ସରକାରଙ୍କ ପକ୍ଷରୁ ଶୀଘ୍ର ସହାୟତା ପଠାଯାଇଥିବାରୁ ନେପାଳ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ୪୦୦୦ କୋଟିରେ...

ବର୍ଗଫୁଟ ବର୍ତ୍ତମାନ ୧୦ ହଜାରରୁ ୧୧ ହଜାର ଟଙ୍କାରେ ବିକ୍ରି ହେଉଛି ଓ ହାରାହାରି ଦେଖିଲେ ୮୩୬ ଏକର ଜମିର ବଜାର ମୂଲ୍ୟ ପାଖାପାଖି ୪୦ ହଜାର କୋଟି ଟଙ୍କା। ଏହାବ୍ୟତୀତ ଭିତ୍ତିଭୂମି ବାବଦରେ ମଧ୍ୟ ବିପୁଳ ନିବେଶ ହୋଇଥିବାରୁ ମୋଟ ସମ୍ପତ୍ତିର ମୂଲ୍ୟ ପାଖପା।ଖି ୫୦ ହଜାର କୋଟି ଟଙ୍କାରୁ ଅଧିକ ହେବ। ପୁଣି ଏହି ବିମାନବନ୍ଦର ଏକ ଲାଭକାରୀ ସଂସ୍ଥା ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗ ଅଧୀନରେ ରହିଛି।

ସାଧାରଣତଃ ଖରାପ ପ୍ରଦର୍ଶନ କରୁଥିବା, କ୍ଷତି ସହୁଥିବା ସଂସ୍ଥାକୁ ସରକାର ଅନ୍ୟ ସଂସ୍ଥା ବା ଘରୋଇ କମ୍ପାନୀକୁ ଲିଜ୍ ଦେଇ ମୁଣ୍ଡରୁ ବୋଝ ହଟାଇବା କଥା ଦେଖାଯାଏ। ମାତ୍ର ବିପୁଳ ସମ୍ପତ୍ତି ଥାଇ ଲାଭ କରୁଥିବା ସଂସ୍ଥାକୁ ଘରୋଇ ସଂସ୍ଥାକୁ ଲିଜ ଦେବାକୁ କେହି ଚିନ୍ତା କରି ନ ଥାନ୍ତି। ତେଣୁ ଭୁବନେଶ୍ୱର ବିପିଏଆଇ ଲିଜ୍ ନିମନ୍ତେ କେନ୍ଦ୍ର ସରକାରଙ୍କ ନୀତିଗତ ନଷ୍ପତ୍ତିକୁ ନେଇ ସାରା ରାଜ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ବିଜେଡି ଓ କଂଗ୍ରେସ ଏହି ପଦକ୍ଷେପକୁ ତୀବ୍ର ବିରୋଧ କରିଛନ୍ତି। ଏକ ଲାଭଜନକ ସରକାରୀ ସମ୍ପତ୍ତିକୁ ଘରୋଇ ହାତକୁ ଟେକିଦେବାର ଯୋଜନା ବୋଲି ଅଭିହିତ କରିଛନ୍ତି। ବିପିଆଇଏ ରୁଗ୍‌ଣ, ଦେବାଳିଆ ବା ଅଚଳ ସମ୍ପତ୍ତି ନୁହେଁ; ବରଂ ଏହା ଦେଶର ଅନ୍ୟତମ ସଫଳ ଓ ଦ୍ରୁତ ବିକାଶଶୀଳ ବିମାନବନ୍ଦର। ୨୦୨୨-୨୩ ଆର୍ଥିକ ବର୍ଷରେ ବିମାନବନ୍ଦରଟି ପ୍ରାୟ ୨୩୮ କୋଟି ଟଙ୍କା ଲାଭ କରିଥିଲା। ଏପରି ଏକ ଲାଭକାରୀ ସଂସ୍ଥାକୁ କେଉଁ ସ୍ୱାର୍ଥରେ ଓ କାହା ସ୍ୱାର୍ଥ ପାଇଁ କେନ୍ଦ୍ର ସରକାର ଲିଜ୍ ଦେବାକୁ ଯୋଜନା କରୁଛନ୍ତି ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

## ୨୯ରେ ଆଉ ଏକ...

ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ପ୍ରବଳ ବର୍ଷା ଆଶଙ୍କା କରି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୯ ତାରିଖରୁ ବର୍ଷା ବଢ଼ିବା ସହ ସାରା ଓଡ଼ିଶାରେ ବର୍ଷା ପାଇଁ ଚେତାବନୀ ଜାରି ହୋଇଛି। ଅନ୍ୟପଟେ ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳ ସମୁଦ୍ରରେ ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ସର୍ବାଧିକ ୬୦ କିମି ପବନ ଟପିପାରେ। ଏଥିପାଇଁ ସମୁଦ୍ର ଅଶାନ୍ତ ରହିବା ଆଶଙ୍କା କହି ୩୦ ଓ ୩୧ ତାରିଖ ଦୁଇ ଦିନ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀଙ୍କୁ ଯିବାକୁ ବାରଣ କରାଯାଇଛି।

ଅନ୍ୟପଟେ ଗତ ଲଘୁଚାପ ପ୍ରଭାବରେ ମହାନଦୀର ଉପରମୁଣ୍ଡ ଅର୍ଥାତ ଛତିଶଗଡ଼ରେ ଭୀଷଣ ବର୍ଷା ହେତୁ ହୀରାକୁଦରୁ ବହୁ ପରିମାଣର ଜଳ ନିଷ୍କାସନ ଜାରି ରହିଛି। ଏଥିପାଇଁ କଟକ ମୁଣ୍ଡଳିରେ ସାଢ଼େ ୬ ଲକ୍ଷ କ୍ୟୁସେକ୍ ଜଳପ୍ରବାହ ଜାରି ରହିଛି। ଏବେ ସମସ୍ତ ନଦୀ ନଦୀ ବିପଦ ସଂକେତ ତଳେ ପ୍ରବାହିତ ହେଉଥିବା ବେଳେ କେବଳ ଜଳକା ନଦୀ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ରାଜ୍ୟ ଜଳ ସମ୍ପଦ ବିଭାଗ ବନ୍ୟା ପରିସ୍ଥିତି ଉପରେ ନଜର ରଖିଥିବା ବିଭାଗର ସର୍ବୋଚ୍ଚଯନ୍ତ୍ରୀ ଦୀଲ୍ଲୀପ କୁମାର ରାଉତ କହିଛନ୍ତି। ଆଗାମୀ କିଛି ଦିନ ପାଇଁ ବିଭିନ୍ନ ନଦୀ ଅବବାହିକାରେ ବର୍ଷା ପୂର୍ବାନୁମାନ ରହିଥିବାରୁ ପୁଣି ଥରେ ନଦୀଗୁଡ଼ିକ ଫୁଲିବାର ଆଶଙ୍କା ରହିଛି। ବୈତରଣୀ ଓ ବ୍ରାହ୍ମଣୀ ସମେତ କିଛି ଅବବାହିକାରେ ଆଗାମୀ ଦିନଗୁଡ଼ିକରେ ୨୬ରୁ ୩୭ ମିମି ବର୍ଷାର ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟାରେ ୪ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଜୁନ ୧ରୁ ଏଯାବତ୍ ୧୧୦୫ ମିମି ବର୍ଷା ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ୮୦୭.୫ ମିମି ତୁଳନାରେ ବର୍ଷାର ପରିମାଣ ୨୭ ପ୍ରତିଶତ ଅଧିକ ରହିଛି।

ଅନ୍ୟପଟେ ଆସନ୍ତା ୪ରୁ ୬ ତାରିଖ ମଧ୍ୟରେ ପୁଣି ଏକ ଲଘୁଚାପ ସୃଷ୍ଟି ନେଇ ଆଶଙ୍କା କରାଯାଇଛି। ଗୁରୁବାର ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବିସ୍ତାରିତ ପରିସର ଆକଳନରେ ଏହି ଲଘୁଚାପ ସୃଷ୍ଟି ନେଇ ପ୍ରାକ୍ ସୂଚନା ଦିଆଯାଇଛି।


**AFFIDAVIT**

By virtue of an affidavit no.248 before the Executive Magistrate, Tentulikhunti, Nabarangpur, dated 30.07.2026, I, Samanta Kumar Nag, resident of Bharamajhiguda, PO-Patraput, PS/Block-Tentulikhunti, Dist.-Nabarangpur, Pin-764049 declare that my minor son name has been changed from Aush Harijan to Ayush Nag. Henceforth, he shall be known as **Ayush Nag** for all purposes.

**Sd/- Samanta Kumar Nag**

**AFFIDAVIT**

By virtue of an affidavit sworn before the Executive Magistrate, Telkoi, dated 13.07.2026, I, Urmila Mahakud, D/o Ballava Mahakud, resident of At-Karadangi, P.O.-Karadangi, P.S.-Telkoi, Dist.-Keonjhar, Odisha, PIN-758019, declare that I have changed my name from Kandhei Mahakuda to Urmila Mahakud. Henceforth, I shall be known as **Urmila Mahakud** for all purposes.

**Sd/- Urmila Mahakud**

**AFFIDAVIT**

**I, Rukia Banu, D/o Md Arif Resident of ward No 5, Padampur Po/ps - Padampur, Dist: Bargarh, Pin: 768036, Odisha declare by this Affidavit No 72AA 349397, Dated 25 August 2026 that now onwards I shall be known as Ruqaiya Banu for all Future Purposes.**

**AFFIDAVIT**

By virtue of an affidavit sworn before the Executive Magistrate, Dhenkanal. I Banabihari Swain, S/o - Brundaban Swain resident of At-Haradaberana, P.o-Chirulei, Ps.- Gondia, Dhenkanal, Pin-759014 declare that my actual name is Banabihari Swain, but in my Aadhaar, Voter card & Bank passbook my name is recorded as Banamali Swain. I declare that Banabihari Swain and Banamali Swain is the same person. Henceforth I shall be known as **Banabihari Swain** for all purposes.

**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

କ୍ରମିକ ନଂ.: ୧, ଇ-ଟେଣ୍ଡର ନଂ.: RTM-2026-27-84, କାର୍ଯ୍ୟର ନାମ: ୧. ନୈଗାୱାନ–ରୁନିଜା–TRR(P) – ୧୨.୯୭୨ Tkm ଏବଂ ୨. ରତଲାମ–ଫତେହାବାଦ – TFR(S)+TWS+ WCM(SC) – ୨୦ ସେଟ୍ (୧:୧୨)। ଆନୁମାନିକ ପରିମାଣ: ଟେଣ୍ଡର ସିଡ୍ୟୁଲ୍ ଅନୁଯାୟୀ, ଆନୁମାନିକ ମୂଲ୍ୟ: ଟ. ୨,୮୮,୮୫,୭୯୬.୦୭/-, ବଇନା ରାଶି: ଟ. ୫,୭୭,୭୦୦/-, ଟେଣ୍ଡର ଫର୍ମ ମୂଲ୍ୟ: ନିଲ୍, କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୨୫/୦୮/୨୦୨୬, ଟେଣ୍ଡର ଖୋଲିବା ତାରିଖ ଓ ସମୟ: ୧୭/୦୯/୨୦୨୬।

କ୍ରମିକ ନଂ.: ୨, ଇ-ଟେଣ୍ଡର ନଂ.: RTM-2026-27-86, କାର୍ଯ୍ୟର ନାମ: ୧. ମାଲହାରଗଡ଼–ଦାଲୋଦା (UP) – TRR(P) – ୨୯.୯୧୧ Tkm, ୨. ନାମଲି–ବରାସ୍ଥଲା ଚୌରାସୀ ଏବଂ ହରକିୟା ଖରଲିଆ–ମାଲହାରଗଡ଼ – TRR(P)। ଆନୁମାନିକ ପରିମାଣ: ଟେଣ୍ଡର ସିଡ୍ୟୁଲ୍ ଅନୁଯାୟୀ, ଆନୁମାନିକ ମୂଲ୍ୟ: ଟ. ୯,୬୯,୧୯,୫୫୯.୧୯/-, ବଇନା ରାଶି: ଟ. ୧୯,୩୮,୪୦୦/-, ଟେଣ୍ଡର ଫର୍ମ ମୂଲ୍ୟ: ନିଲ୍, କାର୍ଯ୍ୟ ସମାପ୍ତି ଅବଧି: ୨୪ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୨୫/୦୮/୨୦୨୬, ଟେଣ୍ଡର ଖୋଲିବା ତାରିଖ ଓ ସମୟ: ୧୭/୦୯/୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ।

CRY/224

Like us on: facebook.com/WesternRly

### ଅବହେଳିତ ଅବସ୍ଥାରେ ଥୁଆମୂଳ ରାମପୁର ଉଚ୍ଚ ବିଦ୍ୟାଳୟ

# ରୋଷେଇଘର, ଖେଳ ପଡ଼ିଆ ଓ ହଷ୍ଟେଲ ନିର୍ମାଣ ଦାବି

**ଥୁଆମୂଳ ରାମପୁର, ୨୭ ।୮ (ସମିସ)**

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ସଦର ମହକୁମାରେ ଦୀର୍ଘବର୍ଷ ଧରି ଶିକ୍ଷାର ଆଲୋକ ବିତରଣ କରିଆସୁଥିବା ଥୁଆମୂଳ ରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଏବେ ଅବହେଳାର ଶିକାର ହୋଇଥିବା ଅଭିଯୋଗ ହେଉଛି । ୧୯୭୬ ମସିହାରେ ବ୍ଲକର ପ୍ରଥମ ଉଚ୍ଚ ବିଦ୍ୟାଳୟ ଭାବେ ସ୍ଥାପିତ ଏହି ଶିକ୍ଷାନୁଷ୍ଠାନ ଆଜି ବି ଅନେକ ମୌଳିକ ସୁବିଧାରୁ

## +୨ ସ୍ତରକୁ ଉନ୍ନୀତ କେବେ?

ବଞ୍ଚିତ ରହିଛି । ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନଭୋଜନ ରୋଷେଇ କରିବା ପାଇଁ ଆଜି ପର୍ଯ୍ୟନ୍ତ ଏକ ସୁବ୍ୟବସ୍ଥିତ ରୋଷେଇ ଘର ନିର୍ମାଣ ହୋଇପାରି ନାହିଁ । ବିଦ୍ୟାଳୟର ଏକ ପାର୍ଶ୍ୱରେ ଖୋଲା ଆକାଶ ତଳେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ହେଉଥିବା ଅଭିଯୋଗ ରହିଛି । ବିଶେଷକରି ବର୍ଷାଦିନେ ରୋଷେଇ କାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇପଡୁଥିବାବେଳେ ଏହା ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ଖାଦ୍ୟର ସୁରକ୍ଷାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛି । ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉପଯୁକ୍ତ ଖେଳ ପଡ଼ିଆ ନ ଥିବା ମଧ୍ୟ ଅନ୍ୟତମ ସମସ୍ୟା । ଦୀର୍ଘବର୍ଷ ଧରି ଶିକ୍ଷାଦାନ ଚାଲିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏକ ଖେ ପଡ଼ିଆ ନିର୍ମାଣ ହୋଇ ନ ଥିବାରୁ ଛାତ୍ରଛାତ୍ରୀ କ୍ରୀଡ଼ା କ୍ଷେତ୍ରରେ ନିଜର ପ୍ରତିଭା ବିକଶିତ କରିବାରୁ ବଞ୍ଚିତ ହେଉଥିବା କୁହାଯାଉଛି । ଶିକ୍ଷା ସହିତ କ୍ରୀଡ଼ା ମଧ୍ୟ ଛାତ୍ରଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଥିବା ବେଳେ ଏଭଳି ଅଭାବ ଚିନ୍ତାର ବିଷୟ ପାଲଟିଛି । ଥୁଆମୂଳ ରାମପୁର ଏକ ଦୁର୍ଗମ ଓ ପାହାଡ଼ିଆ ଅଞ୍ଚଳ । ବ୍ଲକର ଅନେକ ଗାଁରୁ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ସଦର ମହକୁମାକୁ ଆସିବାକୁ ପଡ଼େ । କିନ୍ତୁ ଏହି ପୁରାତନ ବିଦ୍ୟାଳୟରେ ହଷ୍ଟେଲ ବ୍ୟବସ୍ଥା



ନ ଥିବାରୁ ଦୂରଦୂରାନ୍ତର ଗାଁର ଅନେକ ଛାତ୍ରଛାତ୍ରୀ ନାମ ଲେଖାଇବାକୁ ଇଚ୍ଛା ଥିଲେ ମଧ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯାତାୟାତର ଅସୁବିଧା ଓ ଦୂରତା ଯୋଗୁଁ ନିୟମିତ ବିଦ୍ୟାଳୟ ଯିବା ମଧ୍ୟ ଅନେକଙ୍କ ପାଇଁ କଷ୍ଟସାଧ ହୋଇଥାଏ । ୧୯୭୬ ମସିହାରୁ ଶିକ୍ଷାଦାନ କରିଆସୁଥିବା ଏହି ବିଦ୍ୟାଳୟ ଆଜି ପର୍ଯ୍ୟନ୍ତ ଦଶମ ଶ୍ରେଣୀରେ ସୀମିତ ରହିଥିବାରୁ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ବିଦ୍ୟାଳୟ ସ୍ଥାପନର କିଛି ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ବୈଷୟିକ ଶିକ୍ଷାର ବ୍ୟବସ୍ଥା ରହିଥିଲା । ଏପରିକି ଦୁରଦୂରାନ୍ତରୁ ଆସୁଥିବା କିଛି ଛାତ୍ର ହଷ୍ଟେଲ ବ୍ୟବସ୍ଥା ନଥିଲେ ମଧ୍ୟ ଶ୍ରେଣୀ ଗୃହରେ ରହି ଅଧ୍ୟୟନ କରିପାରୁଥିଲେ । ଅନ୍ୟ ପଟରେ ସ୍ଥାନୀୟ ମହଲର ଅଭିଯୋଗ ଅନୁସାରେ, ପରବର୍ତ୍ତୀ ସମୟରେ ସ୍ଥାପିତ ହୋଇଥିବା କେତେକ ହାଇସ୍କୁଲକୁ ସରକାରଙ୍କ ପକ୍ଷରୁ +୨ସ୍ତରକୁ ଉନ୍ନୀତ କରାଯାଇଛି । ହେଲେ ବ୍ଲକର ପ୍ରଥମ ଉଚ୍ଚ ବିଦ୍ୟାଳୟ ଭାବେ ପରିଚିତ ଏହି ଶିକ୍ଷାନୁଷ୍ଠାନ ଏପର୍ଯ୍ୟନ୍ତ ଦଶମ ଶ୍ରେଣୀରେ ସୀମିତ ରହିବା ଅଞ୍ଚଳବାସୀଙ୍କୁ ନିରାଶ କରିଛି । ଏହାକୁ ନେଇ ବିଦ୍ୟାଳୟ ପ୍ରତି ସରକାର ବୈମାତୃକ ମନୋଭାବ ପୋଷଣ କରାଯାଉଥିବା ନେଇ ମଧ୍ୟ ସ୍ଥାନୀୟ ଅଞ୍ଚଳରୁ ଅଭିଯୋଗ ଉଠିଛି । ତେବେ ଏନେଇ ସରକାରୀସ୍ତରରେ ସ୍ୱଷ୍ଟ ପ୍ରତିକ୍ରିୟା ମିଳିବା ବାକି ରହିଛି । ବର୍ତ୍ତମାନ ଥୁଆମୂଳ ରାମପୁର ବ୍ଲକରେ ମୋଟ ୨୩ଟି ଉଚ୍ଚ ବିଦ୍ୟାଳୟ ରହିଛି । ସେଥିମଧ୍ୟରୁ ୨ଟି ବେସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଗୋଟିଏ ସରକାରୀ ସିବିଏସ୍ଇ ଉଚ୍ଚ ବିଦ୍ୟାଳୟ ରହିଛି । ଅନ୍ୟଗୁଡ଼ିକ ସରକାରୀ ବ୍ୟବସ୍ଥାରେ ଚାଲିଥିବାବେଳେ ଏହି ପରିସଂଖ୍ୟାନ ମଧ୍ୟରେ ବ୍ଲକର ପ୍ରଥମ ହାଇସ୍କୁଲର ଭିତ୍ତିଭୂମି ଓ ଶିକ୍ଷାର ଉନ୍ନତି କାହିଁକି ପଛରେ ପଡ଼ିଛି ବୋଲି ପ୍ରଶ୍ନ ଉଠୁଛି । ସ୍ଥାନୀୟ ଲୋକଙ୍କ ମତରେ, ଦୁର୍ଗମ ଅଞ୍ଚଳର ଏହି ପୁରାତନ ଶିକ୍ଷାନୁଷ୍ଠାନକୁ କେବଳ ଏକ ହାଇସ୍କୁଲ ଭାବେ ରଖି ଦେଲେ ଚଳିବ ନାହିଁ । ବିଦ୍ୟାଳୟରେ ତୁରନ୍ତ ରୋଷେଇ ଘର, ଖେଳ ପଡ଼ିଆ ଓ ଛାତ୍ରାବାସ ନିର୍ମାଣ ସହିତ ଆବଶ୍ୟକ ଭିତ୍ତିଭୂମିର ବିକାଶ କରାଯିବା ଆବଶ୍ୟକ । ଏଥିସହିତ ବିଦ୍ୟାଳୟକୁ +୨ ସ୍ତରକୁ ଉନ୍ନୀତ କରିବା ଦିଗରେ ସରକାର ଗୁରୁତ୍ୱ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ବ୍ଲକ ସଦରମହକୁମାରେ ଅବସ୍ଥିତ ଏହି ପୁରାତନ ଶିକ୍ଷାନୁଷ୍ଠାନ ଯଦି ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ ରହେ, ତେବେ ଦୁର୍ଗମ ଅଞ୍ଚଳର ଅନ୍ୟ ବିଦ୍ୟାଳୟଗୁଡ଼ିକର ସ୍ଥିତି କ'ଣ ସେନେଇ ମଧ୍ୟ ପ୍ରଶ୍ନ ଉଠୁଛି । ଶିକ୍ଷା ହିଁ ଦୁର୍ଗମ ଅଞ୍ଚଳର ବିକାଶର ମୁଖ୍ୟ ଆଧାର ହୋଇଥିବାରୁ ଥୁଆମୂଳ ରାମପୁର ହାଇସ୍କୁଲର ଦୀର୍ଘଦିନର ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଶୀଘ୍ର ପଦକ୍ଷେପ ନିଆଯିବା ଜରୁରୀ । ୧୯୭୬ରୁ ଶିକ୍ଷାର ଆଲୋକ ବାଣ୍ଟୁଥିବା ବ୍ଲକର ପ୍ରଥମ ହାଇସ୍କୁଲକୁ ଆଉ କେତେଦିନ ଅବହେଳିତ ରଖାଯିବ? ବୋଲି ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି ।

# ପରବାଙ୍ଗି ସତ୍ୟ ମହିମା ଆଶ୍ରମରେ ନୂଆଖାଇ



**ଭବାନୀପାଟଣା, ୨୭ ।୮ (ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲାବ୍ଲକ ପରବାଙ୍ଗି ସ୍ଥିତ ସତ୍ୟ ମହିମା ଆଶ୍ରମରେ ଶ୍ରାବଣ ପୂର୍ଣ୍ଣିମା ଦିନ ନୂଆଖାଇ ପର୍ବ ପାଳିତ ହୋଇଯାଇଛି । ଏହି ଅବସରରେ ବୁଧବାର ସନ୍ଧ୍ୟାରେ ଅଖଣ୍ଡ ବ୍ରହ୍ମ ଧୁନି ପ୍ରଜ୍ୱଳନ ପୂର୍ବକ ପ୍ରଭୁଙ୍କ ନାମ ଭଜନ କୀର୍ତ୍ତନ କରାଯାଇଥିଲା । ସତ୍ୟ ସନାତନ ମହିମା ଆଶ୍ରମ ପରବାଙ୍ଗିର ମଠାଧୀଶ ତଥା ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳୀ ସଦସ୍ୟ, ଅଖିଳ ଭାରତୀୟ ଧର୍ମ ବିଭାଗର ପ୍ରଚାରକ ସାଧୁ ପ୍ରଭାକର ଦାସ ମହାରାଜ ଅଖଣ୍ଡ ବ୍ରହ୍ମଧୁନି ପ୍ରଜ୍ୱଳନ କରିବା ସହ ସମସ୍ତ ଭକ୍ତ ବୃନ୍ଦଙ୍କୁ ନବାନ୍ନ ଅର୍ପଣ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମହିମା ଧର୍ମ ପରମ୍ପରାରେ ବୈଶାଖ ପୂର୍ଣ୍ଣିମା, ଶ୍ରାବଣ ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମାର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । ଶ୍ରାବଣ ପୂର୍ଣ୍ଣିମାରେ ପଶ୍ଚିମ ଓଡ଼ିଶାର ସମସ୍ତ ମହିମା ଧର୍ମାବଲମ୍ବୀ ନୂତନ ବର୍ଷର ଉତ୍ପାଦିତ ନୂଆଁ ଫସଲକୁ ପ୍ରଭୁଙ୍କୁ ଅର୍ପଣ କରି ସମସ୍ତେ ନବାନ୍ନ ଭକ୍ଷଣ କରିବାର ବିଧି ରହିଛି । ସାଧୁ ବିପିନ ଦାସ, ଲିପୁନ ଭକ୍ତ, ଧନେଶ୍ୱର ଭକ୍ତ, କୋଦଣ୍ଡ ଭକ୍ତ, ମନୋହର ଭକ୍ତ, ଭରତ ଭକ୍ତ, ଲକ୍ଷପତି ଭକ୍ତ, ସଚିଦାନନ୍ଦ ଭକ୍ତ, ଆକାଶ ଭକ୍ତ, ଉଦ୍ଧବ ଭକ୍ତ, ଯୁଧିଷ୍ଠିର ଭକ୍ତ, ଭୁବନେଶ୍ୱରରୁ ବିକ୍ରମ କୁମାର ନାୟକ, କୋରାପୁଟରୁ କୃଷ୍ଣଭକ୍ତ, କୁସୁମଖୁଣ୍ଟିରୁ ୨୦ରୁ ଊର୍ଦ୍ଧ୍ୱ ଭକ୍ତବୃନ୍ଦଙ୍କ ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ମହିଳା ଓ ପୁରୁଷ ଭକ୍ତ ଯୋଗଦେଇ ଥିଲେ ।

# ସିକନ୍ଦରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଖଡ଼ିଆଳ, ୨୭ ।୮ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅଧୀନ ମହୁଲକୋଟ ଗ୍ରାମର ପାର୍ଥ ଶବର (୨୨)ଙ୍କ ସିକନ୍ଦରାବାଦର ଏକ ହସ୍ପିଟାଲରେ ମୃତ୍ୟୁ ଘଟିଛି । ପାର୍ଥଙ୍କ ବାପା ମଧୁକର ଶବର । ସେ ପ୍ରାୟ ସାତ ମାସ ପୂର୍ବେ କାମ ପାଇଁ ମୁମ୍ବାଇ ଯାଇଥିଲେ । ସେଠାରେ କାମ ଠିକ୍ ଭାବେ ନ ଚାଲିବାରୁ ପରେ ସିକନ୍ଦରାବାଦ ଯାଇଥିଲେ । ସେଠାରେ ପ୍ରାୟ ଚାରି ମାସ ଧରି ଏକ ଇଟାଭାଟିରେ ଶ୍ରମିକ



ଭାବେ କାମ କରୁଥିଲେ । ଗୁରୁବାର ସକାଳେ ପାର୍ଥଙ୍କ ହସ୍ପିଟାଲରେ ମୃତ୍ୟୁ ଘଟିଥିବା ନେଇ ପରିବାରକୁ ଖବର ଦିଆଯାଇଥିଲା । ଖବର ପାଇବା ପରେ ତାଙ୍କ ବାପା ମଧୁକର ଶବର ଓ ସ୍ତ୍ରୀ ଦିବ୍ୟସିନୀ ଶବର ଧାରକରଜ କରି ଶବ ଆଣିବା ପାଇଁ ସିକନ୍ଦରାବାଦ ଯାଇଥିବା ଜଣାପଡ଼ିଛି । ପାର୍ଥଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ରାଜ୍ୟ ବାହାରୁ ଶବ ଆଣିବା ଖର୍ଚ୍ଚ ବହନ କରିବା ପରିବାର ପାଇଁ କଷ୍ଟକର ହୋଇପଡ଼ିଛି । ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଆବଶ୍ୟକ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଅନ୍ୟପକ୍ଷରେ ପାର୍ଥଙ୍କ ମୃତ୍ୟୁର କାରଣକୁ ନେଇ ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି । ତାଙ୍କର ମୃତ୍ୟୁ କିପରି ଓ କେଉଁ ପରିସ୍ଥିତିରେ ଘଟିଲା, ଏହାର ନିରପେକ୍ଷ ତଦନ୍ତ କରାଯାଇ ସତ୍ୟ ସାମ୍ନାକୁ ଆଣିବା ସହ ଯଦି କୌଣସି ଅପରାଧିକ କାରଣ କିମ୍ବା ଦୋଷୀଙ୍କ ସମ୍ପୃକ୍ତି ପ୍ରମାଣିତ ହୁଏ, ତେବେ ତାଙ୍କ ବିରୋଧରେ ଆଇନାଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ପକ୍ଷରୁ ଦାବି କରାଯାଇଛି ।

# ଅନ୍ନପୂର୍ଣ୍ଣା ଦେବୀଙ୍କ ପରଲୋକ

**ଭବାନୀପାଟଣା, ୨୭ ।୮ (ସମିସ):** ସ୍ଥାନୀୟ କଷାକେନ୍ଦୁ ଗ୍ରାମର ଧର୍ମପରାୟଣ ମହିଳା ଅନ୍ନପୂର୍ଣ୍ଣା ଦେବୀଙ୍କ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୫୯ ବର୍ଷ ହୋଇଥିଲା । ଦୀର୍ଘ ଦିନ ଧରି ସେ କ୍ୟାନସର ରୋଗରେ ପୀଡ଼ିତ



ହୋଇ ରାୟପୁରସ୍ଥିତ ବାଲକୋ କ୍ୟାନ୍ସର୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ସ୍ୱର୍ଗତ ଅନ୍ନପୂର୍ଣ୍ଣା ଦେବୀ ତାଙ୍କ ଜୀବନକାଳ ମଧ୍ୟରେ ବହୁ ଗରିବଲୋକଙ୍କ ଦୁଃଖ ସମୟରେ ଆର୍ଥିକ ସହାୟତା କରିଛନ୍ତି । ସେ ଅଞ୍ଚଳର ଗରିବ ଝିଅମାନଙ୍କ ବିବାହ ସମୟରେ ବିଭିନ୍ନ ପ୍ରକାର ସାହାଯ୍ୟ ସହଯୋଗ ମଧ୍ୟ କରୁଥିଲେ । ଧନୀ, ଗରିବ ମଧ୍ୟରେ ତାଙ୍କ ପାଖରେ ଭେଦଭାବ ନ ଥିଲା । ମୃତପ୍ୟ ଶଯ୍ୟା ନିକଟରେ ଶହ ଶହ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । ତାଙ୍କ ସ୍ୱାମୀ ବିଜୟ କୁମାର ବେହେରା, ପରିବାର ବର୍ଗ, ଝିଅ ଜ୍ୱାଇଁ ଉପସ୍ଥିତ ରହିଥିଲେ । ତାଙ୍କର ଏକମାତ୍ର ପୁତ୍ର ଉପେନ୍ଦ୍ର କୁମାର ବେହେରା ମୁଖାଗ୍ନି ଦେଇଥିଲେ ।

# ଜେ.ପି. ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ସମ୍ପର୍କ କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୭ ।୮ (ସମିସ):** ସ୍ଥାନୀୟ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ସଭା କକ୍ଷରେ ଜାତୀୟ କ୍ରୀଡା ଦିବସ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦୂରଭାଷ ଉଦ୍‌ବୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦେଶ ନିର୍ମାଣରେ ଯୁବ ସହଭାଗୀତା ଓ କ୍ରୀଡା ବିକାଶରେ ଛାତ୍ରଛାତ୍ରୀମାନଙ୍କର ଯୋଗଦାନ ନିହାତି ଆବଶ୍ୟକ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶଚନ୍ଦ୍ର ପାଢ଼ୀ, ଜିଲ୍ଲା ଶାରୀରିକ ଶିକ୍ଷା ତାଲିମଦାତା ରୂପଧର ସିଂହ ରାଉତ, କ୍ରୀଡାବିତ୍ ପ୍ରଦୀପ କୁମାର ଦାସ, ଶିକ୍ଷାବିତ୍ ଡ. ଅଜୟ କୁମାର ମିଶ୍ର ଯୋଗଦେଇଥିବାବେଳେ କ୍ରୀଡା ଓ ସଂସ୍କୃତି ସଂଗଠକ ଜୟନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଜିଲ୍ଲା ଏନ୍ଆଇସି ଅଧିକାରୀ ବିନୟ କୁମାର ଓ ସାଥି ବୈଷୟିକ ସହାୟତା କରିଥିବା ବେଳେ ସମସ୍ତ କାର୍ଯ୍ୟକ୍ରମର ସମ୍ପାଦନ କରିଥିଲେ ମହାବିଦ୍ୟାଳୟର ଏନ୍ଏସ୍ଏସ୍ ଅଧିକାରୀ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ । ବଂଶ ଶର୍ମା ସମସ୍ତ କାର୍ଯ୍ୟକ୍ରମର ତଦାରଖ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଶୁଭେନ୍ଦୁ କୁମାର ପାଢ଼ୀ, ସୁଶାନ୍ତ କୁମାର ଦାଶ ପ୍ରମୁଖ ଅଧ୍ୟାପକ ତଥା ଅଧ୍ୟାପିକା ଓ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ପ୍ରକୃତି କବି ଗଙ୍ଗାଧର ମେହେର ଜୟନ୍ତୀ

**ମ.ରାମପୁର, ୨୭ ।୮ (ସମିସ):** କଳାହାଣ୍ଡିର ସାହିତ୍ୟ ଅନୁଷ୍ଠାନ ଯୁଗଯାତ୍ରୀ ସାହିତ୍ୟ ସଂସଦ ତରଫରୁ ପ୍ରକୃତି କବି ଗଙ୍ଗାଧର ମେହେର ଜୟନ୍ତୀ ଅବସରରେ ପ୍ରକୃତି ପ୍ରାଣରେ ଜୀବନ ସଞ୍ଚାରର ପ୍ରକୃଷ୍ଟ ନିଦର୍ଶନ ହେଉଛି ମେହେର ସାହିତ୍ୟ ବୋଲି ୧୬୫ତମ ମେହେର ଜୟନ୍ତୀରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ସଭାପତି ପଦ୍ମଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପିକା ବାସନ୍ତୀ ସାହୁ, ମୁଖ୍ୟବକ୍ତା ଭାବେ କବି ତଥା ସାମ୍ବାଦିକ




ଆନନ୍ଦ ଚନ୍ଦ୍ର ସାହୁ ଯୋଗଦେଇ ଥିଲେ । ସମ୍ପାଦକ ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ । କବୟିତ୍ରୀ ସରସ୍ୱତୀ ମିଶ୍ର ଓ କୁମୁଦିନୀ ମହାରଣାଙ୍କ ସଂଯୋଜନାରେ ଚାଳିଶରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ । ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଉପସଭାପତି ରାକେଶ ଶତପଥୀ, ପବନ ମହାଲିକ, ସୁଶାନ୍ତ ମିଶ୍ର ପରିଚାଳନା କରିଥିବାବେଳେ ସହ ସମ୍ପାଦକ ପରମାନନ୍ଦ ବିଶି ଧନ୍ୟବାଦ ଦେଇଥିଲେ । କୋଷାଧକ୍ଷ ଉଦୟ ନାୟକ, ରିତେଶ ଶତପଥୀ, ରାମେଶ୍ୱର ପ୍ରସାଦ ସାହୁ, ପ୍ରଦୀପ ସାହୁ, ହୃଦାନନ୍ଦ ସାହୁ, କୀର୍ତ୍ତନ ଘିଭେଲା, ଉଦୟ ନାୟକ, ସୁରେନ୍ଦ୍ର ମହାଖୁଡ଼, ମାନସ ରଞ୍ଜନ ପ୍ରହରାଜ, କାହ୍ନୁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଖଡ଼ିଆଳ ସ୍ୱୟଂଶାସିତ କଲେଜରେ 'ଖେଲୋ ଇଣ୍ଡିଆ' ସମ୍ବାଦ କାର୍ଯ୍ୟକ୍ରମ

**ଖଡ଼ିଆଳ, ୨୭ ।୮ (ସମିସ):** ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ 'ଖେଲୋ ଇଣ୍ଡିଆ' ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ଏନ୍ଏସ୍ଏସ୍ ଜିଲ୍ଲା ଯୋଜନା ଅଧିକାରୀ ଅଧ୍ୟାପିକା ପ୍ରଣତୀ ପଣ୍ଡା, ଅଧ୍ୟାପକ ବିବେକ ସାହୁ, ଛାତ୍ରୀ ବିଳାସିନୀ ଭୁୟାଁଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ଯୋଗଦେଇ କ୍ରୀଡ଼ାର ଗୁରୁତ୍ୱ, ଶାରୀରିକ ସୁସ୍ଥତା ଏବଂ ଯୁବ ପ୍ରତିଭାଙ୍କୁ ଉପଯୁକ୍ତ ସୁଯୋଗ ପ୍ରଦାନ ନେଇ ଆଲୋଚନା କରିଥିଲେ । ଏହି ଅବସରରେ ଜିଲ୍ଲା କବାଡ଼ି କୋଚ୍ ଦେବବ୍ରତ ସାହୁଙ୍କୁ ସମ୍ମାନିତ କରାଯାଇଥିଲା ।

# ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ରକ୍ଷା ବନ୍ଧନ

**ଭବାନୀପାଟଣା, ୨୭ ।୮ (ସମିସ):** କଳାହାଣ୍ଡି ବ୍ରାହ୍ମଣ ସମାଜ ପକ୍ଷରୁ ସ୍ଥାନୀୟ କଳାହାଣ୍ଡି ଲେଖକ କଳାପରିଷଦର ସମ୍ମିଳନୀକକ୍ଷରେ ସାମୂହିକ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବ୍ରାହ୍ମଣ ସମାଜର ମହିଳା ଶାଖା ପ୍ରଜ୍ଞା ବାହିନୀର ଜିଲ୍ଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସମାଜସେବୀ ସୌଦାମିନୀ ପାଢ଼ୀ, ସବିତା ଶତପଥୀ ଓ ରଞ୍ଜିତା ମୁଣ୍ଡ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଭଗବାନ ପର୍ଶୁରାମଙ୍କୁ ପୂଜାର୍ଚ୍ଚନା କରି ରାକ୍ଷୀ ଅର୍ପଣ କରାଯାଇଥିଲା । ଏହି ଅବସରରେ ବନଶ୍ରୀ ଦାସ ଓ ତନିଶା ଦାଶଙ୍କ ସଂଯୋଜନାରେ ଆୟୋଜିତ ରାକ୍ଷୀ ଉପରେ ମହିଳାମାନଙ୍କର ଏକ କବିତା ପାଠୋତ୍ସବରେ ୨୨ ଜଣ ନାରୀ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଏହି ଅବସରରେ ସର୍ବ ଭାରତୀୟସ୍ତରରେ ଚୟନ ହୋଇ ସଂସଦ ଭବନ ନୂଆଦିଲ୍ଲୀରେ ବିକଶିତ ଭାରତ ୟୁଥ୍ ପାର୍ଲିଆମେଣ୍ଟରେ ଓଜସ୍ୱିନୀ ବକ୍ତବ୍ୟ ଦେଇଥିବା ଦୁଇଜଣ ଛାତ୍ରୀ ଝାନସୀରାଣୀ ମିଶ୍ର ଓ ସ୍ମୃତି ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଝୁନୂପମା ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଅନିତା ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ । ଅର୍ଚ୍ଚନା ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

### ହାତୀ ଆତଙ୍କ

# ଗରିବ ପରିବାରର ଘରଭାଙ୍ଗି ସର୍ବସ୍ୱାନ୍ତ କଲା ଦନ୍ତା



**ଲାଞ୍ଜିଗଡ଼, ୨୭ ।୮ (ସମିସ):** ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଧୀନ ଧଡେଲ ବିଟ୍ ଅଞ୍ଚଳରେ ବର୍ଷ ସାରା ହାତୀଙ୍କ ଉପଦ୍ରବ ଲାଗିରହିଛି । ବୁଧବାର ବିଳମ୍ବିତ ରାତିରେ ରାହୁଲ ଝିମରେଇ ଜଙ୍ଗଲରୁ ଏକ ଦନ୍ତା ହାତୀ ମୃଷାନାଳ ସେକ୍ସନର ଲାଞ୍ଜି ପଞ୍ଚାୟତ ଲଡାଙ୍ଗ ଗାଁରେ ପଶି ସୁଧୀର ହରିଜନଙ୍କ ଘର ଭାଙ୍ଗି ଛାରଖାର କରିଦେଇଛି । ହାତୀଟି ଘରେ ଗଚ୍ଛିତ ଧାନ, ଚାଉଳ, ମାଣ୍ଡିଆ, ବିରି ଓ ଆସବାବପତ୍ରକୁ ମାଡ଼ି ଚକଟି ନଷ୍ଟ କରିବା ସହ ଚାଷ ଜମିର ଧାନ ଫସଲକୁ ଉଜାଡ଼ି ଦେଇଛି । ଫଳରେ ପରିବାର ସର୍ବସ୍ୱାନ୍ତ ହୋଇଯାଇଛି । ବର୍ତ୍ତମାନ ହାତୀଟି ଧଡେଲ ଜଙ୍ଗଲରେ ଡେରା ପକାଇଥିବାରୁ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଜନଜୀବନ ସୁରକ୍ଷା ପାଇଁ ହାତୀକୁ ତୁରନ୍ତ ଘଉଡ଼ାଇବା ଓ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ନୀଳଚକ୍ର କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଶିବିର




**କେସିଙ୍ଗା, ୨୭ ।୮ (ସମିସ):** କେସିଙ୍ଗା ଏନ୍ଏସି ଅଧୀନ ୧ ଓ ୨ ନମ୍ବର ୱାର୍ଡର ଜନସାଧାରଣଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ନୀଳଚକ୍ର କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ସ୍ୱାସ୍ଥ୍ୟ ସଚେତନତା ଶିବିରକୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ମେଡିକାଲ ଅଫିସର୍ ଆର୍ଏନ୍ ଖଟୁଆ ଉଦ୍‌ଘାଟନ କରିଥିବାବେଳେ ଡ. ଝସକେତନ ସାହୁ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ବଗାଡ଼ କେସିଙ୍ଗା ଏନ୍ଏସିରେ ରହିଥିଲେ ମଧ୍ୟ ଏକ ଗାଁ ପରିବେଶ ଭଳି ରହିଥିବାବେଳେ ଏଭଳି ସ୍ୱାସ୍ଥ୍ୟ ଶିବିରର ଆବଶ୍ୟକତା ରହିଥିଲା । ଏହାକୁ ଆଖିଆଗରେ ରହି କ୍ଲବପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜନ କରାଯାଇଥିବା କହିଛନ୍ତି କ୍ଲବର ସଭାପତି ଧନୁ ଭୋଇ । ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଗଙ୍ଗାଧର ବେହେରା, ରୁପିନ୍ ସାହୁ, ଧରଣୀ ନାଏକ, ରଞ୍ଜିତ୍ ସେଠ୍, ଚିତ୍ରସେନ ନାଏକ, ଗୌତମ ଛତର, ବିଜମଲ୍ ସାହୁଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଆତ୍ମ ସୁରକ୍ଷା ଶିବିର କାର୍ଯ୍ୟକ୍ରମ ଉଦ୍‌ଯାପିତ




**ଖଡ଼ିଆଳ, ୨୭ ।୮ (ସମିସ):** ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ବିଭାଗ ପକ୍ଷରୁ ଛାତ୍ରୀମାନଙ୍କ ସୁରକ୍ଷା ନିମନ୍ତେ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ବ୍ୟବସ୍ଥା ହୋଇଥିଲା । ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟରେ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଏହା ଜୁଲାଇ ମାସ ୬-୧୧ମଧ୍ୟରେ ଏବଂ ପରବର୍ତ୍ତୀ ପର୍ଯ୍ୟାୟ ଅଗଷ୍ଟ ୨୦-୨୫ମଧ୍ୟରେ ଛାତ୍ରୀ ଆତ ସୁରକ୍ଷା ଶିବିର ଆୟୋଜନ କରାଯାଇଥିଲା । ତାଲିମଦାତ୍ରୀ ନିଲିମା ବାରିକ ଶତାଧିକ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ । ଶକ୍ତିଶ୍ରୀ ସଂଯୋଜିକା ଗୀତାଶ୍ରୀ ପ୍ରିୟମ୍ବଦା, ସହ ସଂଯୋଜିକା ବିୟୁଟି ଅଗ୍ରୱାଲ, ଶକ୍ତିଶ୍ରୀ ସାଥୀ ଚିନ୍ମୟୀ ବାରିକ, ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସଦସ୍ୟା ଅଧ୍ୟାପିକା ନିବେଦିତା ଆଚାରି, ଛାତ୍ରୀ ସଦସ୍ୟା ଅଲିଭା ସାହୁ, ବିଲାସିନୀ ଭୂୟାଁ, ଆହ୍ଲାଦିନୀ ସାହୁ, ସ୍ମୃତିରେଖା ପଣ୍ଡା, କବିତା ସା, ଆନନ୍ଦିତା ହୋତା, ଦୀପାଞ୍ଜଳି ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦ୍ର ସରକାରଙ୍କ ପେନ୍‌ସନ୍ ନୀତି ଉପରେ ଆଲୋଚନା

**ଭବାନୀପାଟଣା, ୨୭ ।୮ (ସମିସ)**



ସ୍ଥାନୀୟ ଅମଲାଭବନର ସମ୍ମିଳନୀ କକ୍ଷରେ ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ କଳାହାଣ୍ଡି ତରଫରୁ କେନ୍ଦ୍ର ସରକାର ଅର୍ଥ ବିଲ୍ ମଞ୍ଜୁର କରିବା ସମୟରେ ପେନ୍‌ସନ୍‌ର ମାନଙ୍କ ପାଇଁ ଯେଉଁ ବିଲ୍ ମଞ୍ଜୁର କରିଛନ୍ତି, ତାହା ଉପରେ ଆଲୋକପାତ କରାଯାଇଥିଲା । ଏହି ଆଇନ ଅନୁସାରେ ଏବେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ଡିଏ ବୃଦ୍ଧି କିମ୍ବା ବେତନ କମିଶନର ସୁବିଧା ପାଇବେ ନାହିଁ । ୧୯୮୨ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନ୍ୟାୟମୂର୍ତ୍ତି ୱାଇ.ଭି.ଚନ୍ଦ୍ରଚୁଡଙ୍କ ଅଧ୍ୟକ୍ଷତାରେ ଥିବା ପାଞ୍ଚ ଜଣିଆ ନ୍ୟାୟାଧୀଶଙ୍କ ସମ୍ବିଧାନ ବେଞ୍ଚ ନିଷ୍ପତି ନେଇଥିଲେ ଯେ ସମସ୍ତ ଅବସର ପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ସମାନ ଭାବରେ ବ୍ୟବହାର କରାଯିବ ଓ ପେନସନ ଶେଷ ବେତନର ୫୦% ହେବ ବୋଲି ନିଷ୍ପତ୍ତି ହୋଇଥିଲା । ମାତ୍ର ସୁପ୍ରିମ କୋର୍ଟଙ୍କ ରାୟ ଦ୍ୱାରା ଦିଆ ଯାଇଥିବା ସୁରକ୍ଷାକୁ କେନ୍ଦ୍ର ସରକାର ହଟାଇ ଦେଇଛନ୍ତି । ସଭାରେ ବାମଦେବ ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ସଂଘର ସଭାପତି ଶରତ ନାୟକ, କାର୍ଯ୍ୟକାରୀ ସଭାପତି ସବିତା ପଟ୍ଟନାୟକ, ଉପଦେଷ୍ଟା ମଧୁସୂଦନ ମହାପାତ୍ର, ଦୁର୍ଗାଚରଣ ମିଶ୍ର ଓ ବରିଷ୍ଠ ନାଗରିକ ସଂଘ କଳାହାଣ୍ଡିର ଉପସଭାପତି ମଳୟ ମୁଣ୍ଡ ମଞ୍ଚାସୀନ ଥିଲେ । ସଂଘର ଉପଦେଷ୍ଟା ତଥା କଳାହାଣ୍ଡିର ବରିଷ୍ଠ କ୍ରୀଡାବିତ୍ ଦୁର୍ଗା ଚରଣ ମିଶ୍ର ଓ ମୁଖ୍ୟ ଅତିଥି ବାମଦେବ ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ପ୍ରସନ୍ନ ପଟ୍ଟନାୟକ ସାଧାରଣ ସମ୍ପାଦକ, ମନୋଜ ପାଣିଗ୍ରାହୀ, ମହେନ୍ଦ୍ର ପଣ୍ଡା, ଉମାଶଙ୍କର ମୁଣ୍ଡ, ସୁବାସ ପଣ୍ଡା, ଅମିନ ଖାଁ, କୁନୁ ନାୟକ, ଉମାଶଙ୍କର ରଥ, ଲବକାନ୍ତ ରଣା, ନରହରି ପଟ୍ଟନାୟକ ଅଶୋକ କୁମାର ଖମାରୀ, ପ୍ରଫୁଲ୍ଲ କୁମାର ମିଶ୍ର ଓ ବହୁ ପେନସନ ଭୋଗୀ ଅଂଶଗ୍ରହଣ କରିଥିଲେ ।

## ୧୦ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

**ବରଗଡ଼, ୨୭।୮(ସମିସ):** ବରଗଡ଼ ଅବକାରୀ ବିଭାଗ ପକ୍ଷରୁ ବରପାଲି ବଜାର ଅଞ୍ଚଳରୁ ୧୦ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ରତନା କୁମାରୀ ସିଂ (୪୮)ଙ୍କୁ ଗିରଫ କରାଯାଇଛି। ବରପାଲି କଲେଜ ନିକଟସ୍ଥ ହନୁମାନ ମନ୍ଦିର ସମ୍ମୁଖ ବଜାର ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଏହି ଚଢ଼ଉ କରାଯାଇଥିଲା।

## ସତୀଭଟାରେ ଯୁବ ସମ୍ମିଳନୀ

**ପଦ୍ମପୁର, ୨୭।୮(ସମିସ):** ପଦ୍ମପୁର ନିକଟବର୍ତ୍ତୀ ସତୀଭଟାରେ ଆର୍ଯ୍ୟସେବରର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭୀଷ୍ମଦେବ ସାହୁ ଏବଂ ସୁନୀଲ ସାହୁ, ଯଶକେତନ ନାଏକ ଓ ମହେଶ୍ୱର ସାହୁ, ମହେଶ୍ୱର ସାହୁ, ନାରାୟଣ ବିଶାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପରବାସୀ କୁଟୁମ୍ବ ନୃସିଂହନାଥଙ୍କୁ ନିମନ୍ତ୍ରଣ

**ପଦ୍ମପୁର, ୨୭।୮(ସମିସ):** 'ପରବାସୀ କୁଟୁମ୍ବ' ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୧୬ ତାରିଖରେ ବରମୁଣ୍ଡାଠାରେ ନୂଆଁଖାଇ ଭେଟ୍ ଆୟୋଜନ କରାଯାଉଛି। ଏହି ଅବସରରେ ପରମ୍ପରା ଅନୁଯାୟୀ ପଶ୍ଚିମ ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀ ନୃସିଂହନାଥ ଭଗବାନଙ୍କୁ ପ୍ରଥମ ନିମନ୍ତ୍ରଣ ଦିଆଯାଇଛି।

## ଉଚ୍ଚ ଶିକ୍ଷା ନିମନ୍ତେ ଫିଡ୍ ପକ୍ଷରୁ ସହାୟତା

**ବରଗଡ଼, ୨୭।୮(ସମିସ):** ବରଗଡ଼ର ଅଗ୍ରଣୀ ବାଦବଂଶ ଅନୁଷ୍ଠାନ ଫିଡ୍ (ଫାଉଣ୍ଡେସନ ଫର୍ ଏଜୁକେସନାଲ ଆଣ୍ଡ ଇକୋନୋମିକ ଡେଭଲପମେଣ୍ଟ) ତରଫରୁ ସରିତା କଲାରିଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆ ଯାଇଛି। ବରଗଡ଼ ଜିଲ୍ଲାର ସୋହେଲା ବ୍ଲକ ବୁଢ଼ାମାଲ ଗ୍ରାମର ଧନେଶ୍ୱର କଲାରିଙ୍କ ଝିଅ ସରିତା କଲାରୀ ନିଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବ୍ରହ୍ମପୁରର ସରକାରୀ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ମନୋନୀତ ହୋଇଛନ୍ତି। ପରିବାରର ଆର୍ଥିକ ସ୍ଥିତି ଖରାପ ହେବା ଯୋଗୁଁ ସେ ଡାକ୍ତରୀ ପଢ଼ିବା ଝିଅ ସରିତାର ନାମଲେଖା ପାଇଁ ସକ୍ଷମ ନ ଥିଲେ ଏବଂ ଫିଡ୍ ଟ୍ରଷ୍ଟର ଦ୍ୱାରସ୍ଥ ହୋଇଥିଲେ। ଫିଡ୍ ଟ୍ରଷ୍ଟ ତରଫରୁ ଚେୟାରମ୍ୟାନ ଫଣୀନ୍ଦ୍ର ଡାଙ୍ଗିଙ୍କ ସୁପାରିଶ କ୍ରମେ କ୍ରିଷ୍ଣା ସୁନା, ରମେଶ ନାଗ, ଗୌର କନ୍ଧ, ମନୋଜ ମହାନନ୍ଦ, ଲକ୍ଷଣ ଛୁରିଆ, ନରେଶ ଡାଣ୍ଡି, ପ୍ରମୋଦ କୁମାର, ନିମାଇଁ ମହାନନ୍ଦ ଓ କଲ୍ୟାଣୀ ମହାନନ୍ଦ ପ୍ରମୁଖ ବୁଢ଼ାମାଲ ଗ୍ରାମକୁ ଯାଇ ସରିତାଙ୍କ ନାମ ଲେଖା ୩୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି।

## ୨ରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ପ୍ରବଚନ

**ବରଗଡ଼, ୨୭।୮(ସମିସ):** ବରଗଡ଼ ବେଦ ପ୍ରଚାର ସମିତି ପକ୍ଷରୁ ଗୁରୁବାରଠାରୁ ୪ ତାରିଖ ପର୍ଯ୍ୟନ୍ତ 'ବେଦ ସ୍ୱାଧ୍ୟାୟ ସତ୍ର' ପାଳନ କରାଯାଉଛି। ଏହି ଉପଲକ୍ଷେ ପ୍ରତ୍ୟହ ଭିନ୍ନ ଭିନ୍ନ ସ୍ଥାନରେ ଯଜ୍ଞ ଓ ସତସଙ୍ଗ ଅନୁଷ୍ଠିତ ହେବ। ଆସନ୍ତା ସେପ୍ଟେମ୍ବର ୨ ଓ ୩ ତାରିଖ ଦୁଇ ଦିନ ଧରି ସ୍ଥାନୀୟ ସ୍ୱୟଂସିଦ୍ଧା ଭବନରେ ସନ୍ଧ୍ୟା ୬ଟା ୪୫ରୁ ରାତି ୮ଟା ପର୍ଯ୍ୟନ୍ତ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ପ୍ରବଚନ ଦେବେ ବୋଲି ବିଷ୍ଣୁ ଚରଣ ଦାଶ ସୂଚନା ଦେଇଛନ୍ତି।

## ଗାୟତ୍ରୀ ମନ୍ଦିର ନିର୍ମାଣ ପାଇଁ ଯଜ୍ଞ

**ବରଗଡ଼, ୨୭।୮(ସମିସ):** ଯୁଗନିର୍ମାଣ ଟ୍ରଷ୍ଟଗାୟତ୍ରୀ ପରିବାର, ବରଗଡ଼ ପକ୍ଷରୁ ପ୍ରସ୍ତାବିତ ଭବ୍ୟ ଓ ଦିବ୍ୟ ଗାୟତ୍ରୀ ମନ୍ଦିର ନିର୍ମାଣ ନିମନ୍ତେ ଯଜ୍ଞ ଅନୁଷ୍ଠିତ ହୋଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ତାଙ୍କ ପତ୍ନୀ କଳ୍ପନା ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଏହି ଅବସରରେ ଗାୟତ୍ରୀ ମନ୍ଦିର ନିର୍ମାଣ ପାଇଁ ଭୂମି ଦାନ କରିଥିବା ଶିବାନନ୍ଦ ମଟାରୀଙ୍କୁ ସମ୍ମାନିତ କରାଯାଇଥିଲା।

## ୨୩ୟୁନିଟ ରକ୍ତ ସଂଗ୍ରହ

**ବରଗଡ଼, ୨୭।୮(ସମିସ):** ବରଗଡ଼ ଭଟଲି ଛକଠାରେ ଥିବା ଶୁଭମ୍ ଟିଭିଏସ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ସ୍ୱର୍ଗତ କିଶନ ଲାଲ ଅଗ୍ରୱାଲଙ୍କ ସ୍ମୃତିରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଦିଲ୍ଲୀପ ସାୱଡ଼ିଆ ଓ ଶୁଭମ ଟିଭିଏସର ସତ୍ତ୍ୱାଧିକାରୀ ଅମର ଅଗ୍ରୱାଲ, ବିଜୟ ଅଗ୍ରୱାଲ, ଡାକ୍ତର ଶକ୍ତି ତ୍ରିପାଠୀ ଯୋଗ ଦେଇଥିଲେ। ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ୨୩ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ନିଷ୍ଠା ପରିବାରର ଉପ ସଭାପତି ସଚି ପଣ୍ଡା, ସଂଯୋଜକ ଆଶିଷ କିରଣ ମହାପାତ୍ର, ଉପଦେଷ୍ଟା ରକ୍ଷପାଲ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ମହିଳା ଶାଖା ସଂଯୋଜିକ ତ୍ରିପୁରା ସୁହୁଲା ପ୍ରମୁଖ ସୁପରିଚାଳନା କରିଥିଲେ।

## ଖେଲ୍ କି ବାତ୍ ପିଏମ୍ ମୋଦି କେ ସାଥ୍ କାର୍ଯ୍ୟକ୍ରମ

**ଭଟଲି, ୨୭।୮(ସମିସ):** ଦଧିବାମନ ସ୍ନାତକ ମହାବିଦ୍ୟାଳୟରେ ଖେଲ୍ କି ବାତ୍ ପିଏମ୍ ମୋଦି କେ ସାଥ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ରାଜଶ୍ରୀ ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲିପ୍ସିତ ମିଶ୍ର, ଜିଲ୍ଲା ଯୁବ କାର୍ଯ୍ୟ ନିର୍ବାହୀ ଅଧିକାରୀ କମଲ ସା ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଜାତୀୟ ସ୍ତରରେ କ୍ରୀଡା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ମାଷ୍ଟର ଆଥେଲେଟ ଅରୁଣା ଘିବିଲା ଓ ଅନୁପମା ଘିବିଲା ଅନୁଭୂତି କହିଥିଲେ। ଫୁଟବଲ ଖେଳାଳି ପ୍ରଭାତ ଡନସନା ଯୋଗଦେଇ ପଢ଼ା ସହ କ୍ରୀଡାରେ ମନୋନିବେଶ କରିବାକୁ ପିଲାଙ୍କୁ କହିଥିଲେ। ଅଧ୍ୟାପକ ସଂଗ୍ରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆଖାଇ ଭେଟ୍‌ଘାଟ୍ ପାଇଁ ପ୍ରସ୍ତୁତି

**ପଦ୍ମପୁର, ୨୭।୮(ସମିସ):** ସ୍ଥାନୀୟ ଗଙ୍ଗାଧର ମେହେର କଲ୍ୟାଣ ମଣ୍ଡପରେ ଏବିସିଡ଼ି ସଭାପତି ଅନିଲ ବେହେରାଙ୍କ ଅଧ୍ୟକ୍ଷତାରେ ୨୮ ତମ ବୋଡାସମ୍ବର ନୂଆଁଖାଇ ଭେଟଘାଟ ଉପରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଷ୍ଠାନର ସମ୍ପାଦକ ରଘୁନାଥ ପୁରୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ୩୦ ତାରିଖ ହେବାକୁ ଥିବା ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା, ସେପ୍ଟେମ୍ବର ୬ରେ ହେବାକୁ ଥିବା ରଙ୍ଗୋଲି ଝୋଟି, ୧୩ ତାରିଖରେ ମାରାଥନ ପ୍ରତିଯୋଗିତା ଉପରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ କେଶରଞ୍ଜନ ପ୍ରଧାନ, ନାଟ୍ୟକାର ଅଶୋକ ବହିଦାର, ଅନୁଷ୍ଠାନର ସଦସ୍ୟ ଶାନ୍ତସଂଗ୍ରାମ ଭୋଇ, ସହଦେବ ମେହେର, ଆଇନଜୀବୀ ଲିଙ୍ଗରାଜ ସାହୁ, କୋଷଧ୍ୟକ୍ଷ ସୁରେଶ ମିଶ୍ର, ଅଂଶୁମାନ ମେହେର, ସୁମନ୍ତ ସାହୁ, ରବୀନ୍ଦ୍ର ଦାଶ, ଅମୀୟ ପୁରୋହିତ, ସୁନୀଲ ଭୋଇ, ସରୋଜ ଦାନୀ, ସରୋଜ ଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହ ସମ୍ପାଦକ ପ୍ରତାପ ନାଥ ଧନ୍ୟବାଦ ଅର୍ପଣ କରିଥିଲେ

## ଗଙ୍ଗାଧର ମେହେର ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

**ବରଗଡ଼, ୨୭।୮(ସମିସ):** ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୪ ତମ ଦ୍ୱି ଦିବସୀୟ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଛି। ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ପ୍ରଥମ ଦିବସରେ ସଂଘର ସଭାପତି ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ବରଗଡ଼ ସୁର୍ ମନ୍ଦିରର କଳାକାରମାନେ ଗଙ୍ଗାଧର କାବ୍ୟ ଗାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ସଦସ୍ୟ ଶଙ୍କର ବଲ୍ଲଭ ମିଶ୍ର, ଶିରିଶ ବଲ୍ଲଭ ମିଶ୍ର, ଦିବ୍ୟକିଶୋର ଦେବତା, ଅଧ୍ୟାପିକା ଡ ସଂଘମିତ୍ରା ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ରାଣୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାରସ୍ୱତ ସାଧକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ଗଙ୍ଗାଧର ମେହେର ସ୍ମୃତି ସମ୍ମାନରେ ବିଶିଷ୍ଟ ସାହିତ୍ୟ ସାଧକ ରୋହିତ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ରଚିତ 'ହଜି ଯାଇଥିବା ପକ୍ଷୀ' ଉନ୍ମୋଚିତ ହୋଇଥିଲା। ସମ୍ପାଦକ ବିଶ୍ୱଜିତ୍ ଦାଶ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ତ୍ରିନାଥ ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁଙ୍କୁ ଭାବପୂର୍ଣ୍ଣ ବିଦାୟ





**ପାଇକମାଲ/ପଦ୍ମପୁର, ୨୭।୮(ସମିସ)**

ପଦ୍ମପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ (୭୪)ଙ୍କ ପାର୍ଥିବ ଶରୀର ଗୁରୁବାର ତାଙ୍କ ଜନ୍ମମାଟି ମାଣ୍ଡୋସିଲରେ ପହଞ୍ଚିବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ପ୍ରିୟ ନେତାଙ୍କ ଶେଷ ଦର୍ଶନ ପାଇଁ ମାଣ୍ଡୋସିଲରେ ଲୋକଙ୍କ ଭିଡ଼ ଜମିଥିଲା। ରାଜନୈତିକ ନେତା, କର୍ମୀ, ସମର୍ଥକଙ୍କ ସମେତ ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ହୋଇ ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବୁଧବାର ଅପରାହ୍ନ ପ୍ରାୟ ୨ଟା ୧୦ମିନିଟରେ ସତ୍ୟଭୂଷଣ ସାହୁଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ରାଜ୍ୟ ରାଜନୀତିରେ ଶୋକର ବାତାବରଣ ସୃଷ୍ଟି ହୋଇଥିଲା। ତାଙ୍କ ବିୟୋଗରେ ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଦଳୀୟ ପତାକାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି ଅବସରରେ କଂଗ୍ରେସ ପ୍ରଦେଶ କମିଟି ସଭାପତି ଭକ୍ତଚରଣ ଦାସ, ବାଚସ୍ପତି ସୁରମା ପାଢ଼ୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ସମେତ ବହୁ ରାଜନୈତିକ ନେତା, କଂଗ୍ରେସ କର୍ମକର୍ତ୍ତା, କର୍ମୀ ଓ ସମର୍ଥକ ଉପସ୍ଥିତ ରହି ଶୋକବ୍ୟକ୍ତ କରିଥିଲେ। ସତ୍ୟଭୂଷଣ ସାହୁଙ୍କୁ ଜଣେ ଲୋକପ୍ରିୟ ଓ ଜନସମ୍ପୃକ୍ତ ନେତା ଭାବେ ସ୍ମରଣ କରି ତାଙ୍କ ବିୟୋଗ କଂଗ୍ରେସ ଦଳ ସମେତ ପଦ୍ମପୁର ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଅନେକେ ମତ ପ୍ରକାଶ କରିଥିଲେ। ଦୀର୍ଘ ରାଜନୈତିକ ଜୀବନରେ ସେ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବା ନେଇ ଶୋକସଭାରେ ସ୍ମୃତିଚାରଣ କରାଯାଇଥିଲା। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ,




ବାଚସ୍ପତି ସୁରମା ପାଢ଼ୀ, ପୂର୍ବତନ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଧାୟିକା ବର୍ଷା ସିଂ ବରିହା, ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତି ଶୋକ ପ୍ରକାଶ କରିଥିଲେ। ଏହାପରେ ତାଙ୍କ ପାର୍ଥିବ ଶରୀରକୁ ସମ୍ବଲପୁର, ବରଗଡ଼, ସୋହେଲା, ପଦ୍ମପୁର, ପାଇକମାଳ ଓ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟକୁ ନିଆଯାଇଥିଲା। ବିଭିନ୍ନ ସ୍ଥାନରେ ଦଳୀୟ କର୍ମୀ, ସମର୍ଥକ ଓ ସାଧାରଣ ଲୋକ ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷ ଦର୍ଶନରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ସାଂସଦ ସୋମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂ, ଉପସଭାପତି ମନୋଜ ତ୍ରିବାଦୀ, ପାଇକମାଳ ବ୍ଲକ କଂଗ୍ରେସ କମିଟି ସଭାପତି ମହେନ୍ଦ୍ର ଖୁଣ୍ଟିଆ, ଟଙ୍କଧର ସାହୁ, ନୂଆପଡ଼ା ଆଦିବାସୀ ନେତା ଘାସିରାମ ମାଝୀ, ବିନୋଦ କାଳିଆ, ଜାବ ସଭାପତି ରବି ନାରାୟଣ ପଣ୍ଡା, ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘରର ସଭାପତି ବଡ ଶତପଥୀ, ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ କୁବେର ସମାଜ ସଭାପତି ଲକ୍ଷ୍ମଣ ସାହୁଙ୍କ ସମେତ ବରଗଡ଼ ଜିଲ୍ଲାର ବହୁ ସଂଖ୍ୟାରେ ଜନ ସାଧାରଣ ସ୍ମଶାନ ଘାଟରେ ଯୋଗ ଦେଇଥିଲେ। ଶେଷରେ ପାର୍ଥିବ ଶରୀର ମାଣ୍ଡୋସିଲରେ ପହଞ୍ଚିବା ପରେ ତାଙ୍କୁ ଶୋଭାଯାତ୍ରାରେ ବଡ଼ ଖେଳ ପଡ଼ିଆ ନିକଟକୁ ନିଆଯାଇ ପୁଲିସ ପକ୍ଷରୁ ଗାର୍ଡ଼ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା। ଶତାଧିକ ଲୋକ ତାଙ୍କ ଶେଷଯାତ୍ରାରେ ସାମିଲ ହୋଇଥିଲେ। ବଡ଼ ପୁଅ ଡାକ୍ତର ଜୟପ୍ରକାଶ ସାହୁ ମୁଖାଗ୍ନି ଦେଇଥିଲେ। ଅନ୍ୟପକ୍ଷେ ସତ୍ୟଭୂଷଣ ସାହୁଙ୍କ ପାର୍ଥିବ ଶରୀର ପଦ୍ମପୁର ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଦଳମତ ନିର୍ବିଶେଷରେ ବିଭିନ୍ନ ଦଳର ନେତା, କର୍ମୀ, ସମର୍ଥକ ଓ ସାଧାରଣ ଲୋକ ତାଙ୍କର ଶେଷ ଦର୍ଶନ କରିଥିଲେ।

## ପାଇକମାଳରେ ରାଜ୍ୟସ୍ତରୀୟ ଗହ୍ମା ପୂର୍ଣ୍ଣିମା ମହୋତ୍ସବ

**ପାଇକମାଳ, ୨୭।୮(ସମିସ):** ପବିତ୍ର ଗହ୍ମା ପୂର୍ଣ୍ଣିମା ଅବସରରେ ଗୁରୁବାର ବରଗଡ଼ ଜିଲ୍ଲା ପାଇକମାଳ ପ୍ରାଣୀ ଚିକିତ୍ସାଳୟ ପରିସରରେ ରାଜ୍ୟସ୍ତରୀୟ ଗହ୍ମା ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଅବସରରେ ଗାଈ ଓ ବଳଦଙ୍କୁ ପୂଜାର୍ଚ୍ଚନା କରାଯିବା ସହ ରକ୍ଷାବନ୍ଧନ ପରମ୍ପରା ମଧ୍ୟ ପାଳନ କରାଯାଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ସୌଜନ୍ୟରେ ରାଜ୍ୟ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଓ ଓଡ଼ିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ଲିମିଟେଡ୍‌ର ମିଳିତ ଉଦ୍ୟମରେ ଏହି ମହୋତ୍ସବ ଆୟୋଜିତ ହୋଇଥିଲା। ସଭା ଆରମ୍ଭରେ ପଦ୍ମପୁରର ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁଙ୍କ ବିୟୋଗରେ ପ୍ରାର୍ଥନା କରାଯାଇଥିଲା। ବରଗଡ଼ ସିଡିଭିଓ ଡା. ଶୋଭନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କୃଷକ ଓ ବୈଜ୍ଞାନିକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ମହୋତ୍ସବରେ ଓଡ଼ିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ଲିମିଟେଡ୍‌ର ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ପଦ୍ମପୁରର ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରଶନ କୁଲ୍ଲୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମାଣ୍ଡୋସିଲ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସନ୍ତୋଷ ସିଂହ ଠାକୁର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଚିପିଲିମା ପଲିଟେକନିକ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ମାନସ ରଞ୍ଜନ ସେନାପତି, କଟକ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶାଳୟର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ଡା. ଗିରିଧାରୀ ଭୋଇ, ବରଗଡ଼ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅକ୍ଷୟ ମହାଳିକ ଏବଂ ପଦ୍ମପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଆଚାର୍ଯ୍ୟ ଚନ୍ଦ୍ରକାନ୍ତ ପାଟଯୋଷୀ, ସମ୍ମାନିତ ଅତିଥି ଭାବେ ପାଇକମାଳ ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରତାପ ସିଂ ବରିହା ଏବଂ ବରଗଡ଼ ଜିଲ୍ଲା ନିବନ୍ଧକ, ସମବାୟ ସମିତି ସମୂହ ଯୁଗଳ କିଶୋର ଦାସ ଯୋଗ ଦେଇଥିଲେ। ଏହି ଅବସରରେ ଚାଷ, ସମାଜସେବା, କଳା ଓ ସଂସ୍କୃତି କ୍ଷେତ୍ରରେ ଉତ୍କର୍ଷତା ଅର୍ଜନ କରିଥିବା ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା। ଶେଷରେ ପାଇକମାଳ ବିଡିଓ ଡା. ସନ୍ତୋଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭକ୍ତ ପରମାନନ୍ଦ ବେଶରେ ଦର୍ଶନ ଦେଲେ ପ୍ରଭୁ ଶ୍ରୀ ଦଧିବାମନ

**ଭଟଲି, ୨୭।୮(ସମିସ):** ଭଟଲି ଦଧିବାମନ ଧାମରେ ଗୁରୁବାର ଶ୍ରାବଣ ପୂର୍ଣ୍ଣୀମା ଅବସରରେ ମହାପ୍ରଭୁ ଶ୍ରୀ ଦଧିବାମନ ଭକ୍ତ ପରମାନନ୍ଦ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମନ୍ଦିରରେ ରାକ୍ଷୀ ବନ୍ଧା ପରମ୍ପରା ଅନୁଷ୍ଠିତ ହୋଇଥିଲା। ସହ ଏହି ବେଶ ଦର୍ଶନ କରିବା ପାଇଁ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ତାଳପତ୍ର ପୋଥି ଅନୁଯାୟୀ ଭଟଲିରେ ପ୍ରଥମେ ଭକ୍ତ ପରମାନନ୍ଦ ବହୁ ପୂରାତନ କାଳରୁ ଜଗନ୍ନାଥଙ୍କୁ ଆଣି ପୂଜା କରୁଥିଲେ। ସେ ସମୟରେ ପରମାନନ୍ଦ ନାଗାମାନଙ୍କୁ ସେବା କରି ଆସୁଥିଲେ। ଦିନକର ଘଟଣା ପରମାନନ୍ଦଙ୍କ ଘରକୁ ୭୫୦ ଜଣ ନାଗାବାବା ସେବା ପାଇଁ ଆସିଲେ। ସେତେବେଳେ ଭଣ୍ଡାର ଘରେ କିଛି ନ ଥିବା ଦେଖି ପରମାନନ୍ଦ କୋଡି ଧରି ବାଡିପଟ ଦେଇ ନିଜ ବିଲକୁ ଚାଲିଯାଇଥିଲେ। ଏହି ସମୟରେ ପୁତ୍ରବଧୂ କମଳା ଘରେ ଏକାକି ନାଗାବାବାଙ୍କ ସେବା କରିବା ପାଇଁ ଭଗବାନଙ୍କୁ ସ୍ମରଣ କଲେ। ଏତିକି ବେଳେ ମହାପ୍ରଭୁ ପରମାନନ୍ଦଙ୍କ ବେଶରେ ଘରକୁ ଆଣି ଭଣ୍ଡାର ଘର ଚାବି ଦେଇଥିଲେ। ସେହି ଘରେ ଥିବା ଖାଦ୍ୟ ନାଗା ବାବାଙ୍କ ସେବାରେ ବିନିଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ପରେ ଭଣ୍ଡାର ଘର ଖୋଲି ଯାହା ଦେଖିଲେ ସେଥିରେ କମଳା ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମହାପ୍ରଭୁଙ୍କୁ ପାଖରେ ପାଇ ବିଭୋର ହୋଇ ପଡ଼ିଥିଲେ। ଏତିକି ବେଳେ ମହାପ୍ରଭୁ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ଏଥିପାଇଁ ମହାପ୍ରଭୁ ଶ୍ରୀ ଦଧିବାମନଙ୍କୁ ପ୍ରତିବର୍ଷ ଏହି ପୂର୍ଣ୍ଣିମା ଅବସରରେ ଭକ୍ତ ପରମାନନ୍ଦ ବେଶରେ ସଜ୍ଜିତ କରାଯାଏ। ଏହି ବେଶ ଦର୍ଶନ କରିବା ପାଇଁ ପଡୋଶୀ ରାଜ୍ୟ ଛତିଶ ଗଡ଼ରୁ ମଧ ଭକ୍ତ ସମାଗମ ହୋଇଥାଏ।



## ଗୋପପୁର ଆଶ୍ରମରେ ମହିମା ଧର୍ମର ବିରାଟ ଧାର୍ମିକ ସମାବେଶ

**ପାଇକମାଳ, ୨୭।୮(ସମିସ):** ଗୋପପୁର ମହିମା ଆଶ୍ରମ ପରିସରରେ ଗୁରୁବାର ଏକ ବିରାଟ ଧାର୍ମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସାଧୁସନ୍ଥ, ମହିମା ଧର୍ମାବଲମ୍ବୀ, ଭକ୍ତ, ଶିକ୍ଷାବିତ୍, ସାହିତ୍ୟିକ, ସାମାଜିକ କର୍ମୀ ଓ ବିଭିନ୍ନ ବର୍ଗର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଆଶ୍ରମ ପରିସରରେ ଧାର୍ମିକ ସଭା ଅନୁଷ୍ଠିତ ହୋଇଥିଲା। ମହିମା ଧର୍ମର ମାନବବାଦୀ ଦର୍ଶନ, ସତ୍ୟ, ତ୍ୟାଗ, ସଂଯମ ଓ ସମାନତାର ବାର୍ତ୍ତାକୁ ସମାଜରେ ଅଧିକ ବ୍ୟାପକ କରିବା ନେଇ ଆଲୋଚନା ହୋଇଥିଲା। ସଭାରେ ସାଧୁ ନରସିଂହ ଦାସ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ସୁଶାନ୍ତ ମିଶ୍ର ସଭା ପରିଚାଳନା କରିଥିଲେ। ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ନୂଆପଡ଼ାର ପୂର୍ବତନ ବିଧାୟକ ବସନ୍ତ ପଣ୍ଡା, ଶିକ୍ଷାବିତ୍ ଡ. ବାଞ୍ଛାନିଧି ପଣ୍ଡା, ପ୍ରଫୁଲ୍ଲ ପାଣିଗ୍ରାହୀ, ଲେଖରାମ ଚନ୍ଦ୍ରକାର, ସନ୍ଦୀପ ବାବୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ 'ମହିମା ଜ୍ୟୋତି' ପୁସ୍ତକ ଉନ୍ମୋଚିତ ହୋଇଥିଲା। ସାଧୁ ନୃସିଂହ ଦାସ, ସାଧୁ ମାଖନ ଦାସଙ୍କ ସମେତ ଆଶ୍ରମବାସୀ, ସ୍ଥାନୀୟ ଅଞ୍ଚଳବାସୀ ଓ ଭକ୍ତବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ ଉତ୍ସବ

### ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

**ବରଗଡ଼, ୨୭।୮(ସମିସ):** ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ବ୍ରହ୍ମବିହାର)ରେ ରକ୍ଷା ବନ୍ଧନ, ବଳଦେବଙ୍କ ଜନ୍ମୋତ୍ସବ ଓ ଗଙ୍ଗାଧର ମେହେର ଜୟନ୍ତୀ ଉତ୍ସବ ପାଳନ ହୋଇଛି। ବୀଣାପାଣି ଜେନା (ଶକ୍ତିନଗର ଉପ୍ରା ସ୍କୁଲ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ), ସ୍ୱାଧୀନ ମେହେର (ପଞ୍ଚାୟତ ମହାବିଦ୍ୟାଳୟ ସଂସ୍କୃତ ଅଧ୍ୟାପକ), ଗୌରୀଶଙ୍କର ପଣ୍ଡା (ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ), ଡିଲେଶ୍ୱର କର୍ମୀ (ପରିଚାଳନା ସମିତିର କୋଷାଧ୍ୟକ୍ଷ), ଦିବା ପର୍ଯ୍ୟାୟ ପ୍ରମୁଖ ବାବୁଲାଲ ପ୍ରଧାନ, ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ମେଘନାଥ ତାଜେନ୍ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଙ୍ଗାଧର ମେହେର ଜୟନ୍ତୀ ଓ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟକାର ଅଶୋକ ବହିଦାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପସଭାପତି ଗୋପାଳକୃଷ୍ଣ ମିଶ୍ର ଓ କୋଷାଧ୍ୟକ୍ଷ ଘନଶ୍ୟାମ ପୁଞ୍ଜି ଉତ୍ସବର ଶୁଭାରମ୍ଭ କରିଥିଲେ। ମୁଦିରଥ ପଣ୍ଡା ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ କଥନ କରିଥିଲେ। ସଞ୍ଜୀବ ସାହୁ ଗଙ୍ଗାଧର ମେହେରଙ୍କ ଜୀବନୀ ଏବଂ ଗୀତାଞ୍ଜଳି ଗୁରୁମା ରକ୍ଷାବନ୍ଧନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ରଞ୍ଜିତା ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ନିତୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ଦେଇଥିଲେ। ଗୁରୁଜୀ ଶୋଭାଚନ୍ଦ୍ର ସ୍ୱାଇଁ ରକ୍ଷାବନ୍ଧନ ଉପରେ ବୌଦ୍ଧିକ ପ୍ରଦାନ କରିଥିଲେ। ଭଉଣୀ ତନ୍ୱି ମୃଣାଳିନୀ ସୁନା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସମ୍ପାଦକ ଜନକଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରତ୍ନମଣୀ ଶତପଥୀ ଓ ନିରୋଜ ଦୋରା ଉପସ୍ଥିତ ଥିଲେ। ପରେ ଗୁରୁଜୀ, ଗୁରୁମା ଓ ଦଶମ ଶ୍ରେଣୀର ଭାଇ-ଭଉଣୀମାନେ କୁସୁନାପାଲିପଡ଼ା ଓ ଉପକାରାଗାରକୁ ଯାଇ 'ତପସ୍ୱିନୀ' ନୃତ୍ୟନାଟିକା ପରିବେଷଣ କରିବା ସହ ଅନ୍ତେବାସୀମାନଙ୍କୁ ରାକ୍ଷୀ ବାନ୍ଧି ବିସ୍କୁଟ ବଣ୍ଟନ କରିଥିଲେ।

### ତାଳପଦର ସରସ୍ୱତୀ ଶିଶୁ ମନ୍ଦିର

**ବିଜେପୁର:** ତାଳପଦରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାସୁଦେବ ପଧାନ, ହୃଦମଣୀ ସାହୁ, ସୁଶାନ୍ତ ରଞ୍ଜନ ପଧାନ, ନେତ୍ରାନନ୍ଦ ସାହୁ, ଯଶକେତନ ପଧାନ, ପ୍ରଧାନ ଆଚାର୍ଯ୍ୟ ସୁକାନ୍ତି ରଣା, ବୁର୍ଲି ବିଶି, ସଲୋନି ମହାପାତ୍ର, ଶୋଭାଗିନୀ ଭୁଏ, ନିକିତା ମିଶ୍ର, ତୃପ୍ତି ସାହୁ, ସରିତା ନାଏକ, ଲିପଶା ଭୋଇ, ପରମେଶ୍ୱର ପ୍ରଧାନ, ପୁରନ୍ଦର ସାହୁ, ବୃନ୍ଦାବନ ଭୋଇ, ବିଶ୍ୱାମିତ୍ର ପ୍ରଧାନ, ରୁକ୍ମଣ ରଣା ପ୍ରମୁଖ ସାମିଲ ହୋଇଥିଲେ।

### ପାଇକମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର


ପାଇକମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷାବନ୍ଧନ, ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଭୂତି ଭୂଷଣ ମୁଣ୍ଡ ଓ ସମ୍ମାନିତ ଅତିଥି ଭାବେ ସ୍ୱୟଂ ସହାୟକ ଗୋଷ୍ଠୀର ବ୍ଲକ ସଂଯୋଜକ ରବି ନାୟକ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସାନନ୍ଦ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗିରିଶ ଚନ୍ଦ୍ର ମାଝି ଓ କୁଞ୍ଜ ବିହାରୀ ସାହୁ ଉପସ୍ଥିତଥିଲେ। ସମ୍ପାଦକ ନନ୍ଦଲାଲ ନାୟକଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ବିଦ୍ୟାଳୟର ଉପସଭାପତି ମୀନକେତନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ସର୍ଗିବାହାଲ ସରସ୍ୱତୀ ଶିଶୁ ମନ୍ଦିର

**ପଦ୍ମପୁର:** ସର୍ଗିବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅଭିଭାବକ ମକରଧ୍ୱଜ ସାହୁ (ପତ୍ରାପାଲି) ଦୀପ ପ୍ରଜ୍ୱଳନ କରିଥିଲେ। ପରିଚାଳନା ସମିତିର ସଭାପତି ସୁରେନ୍ଦ୍ର ମେହେର, ପ୍ରେମାନନ୍ଦ ବାରିକ, ଦାଉଦ୍ କୁଅଁର, ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ ସାହୁ ଓ ପରିଚାଳନା ସମିତିର ସମ୍ପାଦକ ସୁମନ୍ତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରେଣୀଗୃହରୁ କ୍ୟାରିୟର ଦିଗ୍‌ଦର୍ଶନ

**ବରଗଡ଼, ୨୭।୮(ସମିସ)**




ବିକାଶ ଆବାସିକ ବିଦ୍ୟାଳୟର କଳା ଓ ବାଣିଜ୍ୟ ବିଭାଗ ପକ୍ଷରୁ ଶ୍ରେଣୀ କକ୍ଷରୁ କ୍ୟାରିୟର ଦିଗଦର୍ଶନ: କଳା ଓ ବାଣିଜ୍ୟରେ ଭବିଷ୍ୟତର ପଥ ଅନ୍ୱେଷଣ ବିଷୟବସ୍ତୁ ଉପରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଚି। କ୍ରିଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ନିର୍ଦ୍ଦେଶକ ଡ. ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର ଏକଜିକ୍ୟୁଟିଭ୍ ପ୍ରିନ୍ସପାଲ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀର ଅଧ୍ୟକ୍ଷ ଚିତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଉପାଧ୍ୟକ୍ଷ ଡ. ମନୋଜ ତ୍ରିପାଠୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର୍ ଏସ୍ କାନ୍ତା ରାଓ, ପି.ଏମ୍. ସାହୁ, ଏସ୍. କେ ଦୋରା ଓ ରାଜେଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ଶାଶ୍ୱତୀ ଅଗସ୍ତି ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅଂଶିକା ଦାଶ ଏବଂ ସିମ୍ରନ କର ସେମିନାର ଦାୟିତ୍ୱ ସମ୍ପାଦନ କରିଥିଲେ। ରାଜେଶ ମେହେର, ଗୋଲାପ ସାହୁ, ସୋନାଲି ମେହତା, ନିବେଦିତା ଭୋଇ, ରାମକୃଷ୍ଣ ମଣ୍ଡଳ, ସୁଜିତ କୁମାର ଦୋରା, ଚୁଡେଶ୍ୱରୀ ସିଂହନିଆ, ସନ୍ତୋଷ ମେହେର, ଅନିକେତ, ମହୀପାଳ ଗଡ଼ତିଆ, ଅଭାମୟୀ ଦାଶ, ଶିବାଶିଷ ପଣ୍ଡା, ଏବଂ ରୋମା ଶର୍ମାଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା। ଏଥିରେ କଳା ଓ ବାଣିଜ୍ୟ ବିଭାଗର ୫୩ ଜଣ ଛାତ୍ରଛାତ୍ରୀ ବିଭିନ୍ନ ବୃତ୍ତି ଓ କ୍ୟାରିୟର ସୁଯୋଗ ସମ୍ପର୍କିତ ବିଷୟରେ ନିଜର ଉପସ୍ଥାପନା ରଖିଥିଲେ। ଶୁଭଲକ୍ଷ୍ମୀ, ଅନନ୍ୟା, ରୁକ୍ମଣୀ, ଆବିଗେଲ୍, ପ୍ରଜ୍ଞାନ, ବାରେଣ୍ୟ, ଶିବାନୀ ଆଦ୍ୟାଶା, ଅନ୍ୟା, ସାଦିଚ୍ଛା, ଶୁଭ୍ରାଂଶୀ, ଅନନ୍ୟା ଶେଫାଳୀ, ଆୟୁଷୀ, ଶାଶ୍ୱତୀ, ଶ୍ରେୟାଶ, ସ୍ନିଗ୍ଧା, କେହକାସା ଜାନଭୀ, ସ୍ଥିତି, ସାଇ ସ୍ତୁତି, ଲୋକେଶ, ସାହିଲ, ଅଖିଲ, ଅଲକା, ଅଲିଶା, ପ୍ରତ୍ୟୁଷ, ଅନ୍?ଷୋ, କ୍ରିତିକା, କନିଷ୍କା, ମିଥିଲେଶ, ପ୍ରତୀକ୍ଷା, ସାଇନ୍, ଐଶ୍ୱର୍ଯ୍ୟା, ରିଦ୍ଧି, କୃଷ୍ଣ, ତେୟାଶ, ପ୍ରିୟାଂଶୀ, ଆରୁଷୀ, ସୋନେପରୀ, ସୁଲଗ୍ନା, ଅନୟ, ତନ୍ନୁ, ପ୍ରିୟଲ, ଲିପ୍ସୁ, ଏଲିଜା, ଜସକୃତା, ସୋହାନୀ, ଅଂଶିକା, ସମୃତି ଓ ମୋନା ପ୍ରମୁଖ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଶେଷରେ ଧନିଷ୍ଠା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ବୈତରଣୀ ସ୍ଥିର: ପୁଣି ବର୍ଷା ଆରମ୍ଭ; ଲୋକେ ଆତଙ୍କିତ

# ବନ୍ଧ ଉପରେ ପାଲ ତଳେ ବିତୁଛି ବିପନ୍ନଙ୍କ ଜୀବନ





କର୍ଯାଁଗୋଲା, ୨୭।୮ (ସମିସ): ପୂର୍ବ ବନ୍ୟାର ଦୁଃଖ, ଯନ୍ତ୍ରଣା ଓ ଭୟରୁ ଏପର୍ଯ୍ୟନ୍ତ ମୁକୁଳି ପାରିନାହାନ୍ତି ଦଶରଥପୁର ବ୍ଲକର ଅନେକ ପଞ୍ଚାୟତର ବନ୍ୟା ବିପନ୍ନ। ଘରଦ୍ୱାରର ଭଙ୍ଗାଚୁରା ଅବସ୍ଥା, ନଷ୍ଟ ହୋଇଥିବା ଚାଷଜମି ଓ ଜୀବିକା ହରାଇବାର ଯନ୍ତ୍ରଣା ଭିତରେ ଦିନ କାଟୁଥିବା ବେଳେ ପୁଣି ଆରମ୍ଭ ହୋଇଛି ପ୍ରବଳ ବର୍ଷା। ଏହାକୁ ନେଇ ବୈତରଣୀ ନଦୀର ଜଳସ୍ତର ବଢ଼ିବାର ଆଶଙ୍କା ଦେଖାଦେଇଛି। ଫଳରେ ବନ୍ୟା ବିପନ୍ନଙ୍କ ମୁଣ୍ଡ ଉପରେ ପୁଣି ଘାରିଛି ବିପଦର କଳାବାଦଲ। କିଛି ଦିନ ଧରି ବୈତରଣୀ ଓ କାଣୀ ନଦୀର ବନ୍ୟାରେ ଦଶରଥପୁର ବ୍ଲକର ବହୁ ଅଞ୍ଚଳ ପ୍ରଭାବିତ ହୋଇଥିଲା। ବନ୍ୟାଜଳ ଘରଦ୍ୱାର, ରାସ୍ତାଘାଟ ଓ ଚାଷଜମିକୁ ଜଳମଗ୍ନ କରିଦେବା ସହ ଅନେକ ପରିବାରଙ୍କୁ ଦୀର୍ଘଦିନ ଧରି ନଦୀବନ୍ଧ, ରାସ୍ତାକଡ଼ ଓ ବିଭିନ୍ନ ଆଶ୍ରୟସ୍ଥଳରେ ରହିବାକୁ ପଡ଼ିଥିଲା। କେତେକ ପରିବାର ଘରକୁ ଫେରିଥିଲେ ମଧ୍ୟ ଘରର ଅବସ୍ଥା ଏବେ ବି ସୁରକ୍ଷିତ ନୁହେଁ। ଏପରି ସମୟରେ ପୁଣି ଲଗାଣ ବର୍ଷା ଆରମ୍ଭ ହେବା ଲୋକଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି।

ଏବେ ବି ନଦୀବନ୍ଧ ଉପରେ ପାଲ ଟାଙ୍ଗି ଦିନ କାଟୁଛନ୍ତି। ଖରା, ବର୍ଷା ଓ ରାତିର ଥଣ୍ଡାକୁ ସହି ଅସ୍ଥାୟୀ ଆଶ୍ରୟରେ ଜୀବନ ଚାଲିଛି। ଏବେ ପୁଣି ବର୍ଷା ହେବାରୁ ପାଲ ତଳେ ରହୁଥିବା ପରିବାରଙ୍କ ମଧ୍ୟରେ ଭୟ ଓ ଅନିଶ୍ଚିତତା ବଢ଼ିଛି। ବିପନ୍ନଙ୍କ କହିବାନୁଯାୟୀ, ପୂର୍ବ ବନ୍ୟା ସମୟରେ ମିଳିଥିବା ରିଲିଫ ଦ୍ୱାରା କିଛି ଦିନ ଚଳିଯାଇଥିଲା। କିନ୍ତୁ ଦୀର୍ଘଦିନ ଧରି ବନ୍ୟା ପରିସ୍ଥିତି ରହିବା ଓ ଘରକୁ ଫେରିବାର ସୁଯୋଗ ନ ମିଳିବାରୁ ଏବେ ଖାଦ୍ୟ, ପିଇବା ପାଣି, ଔଷଧ ଓ ଆଶ୍ରୟ ସମସ୍ୟା ଗୁରୁତର ହେଉଛି।

ପ୍ରଥମ ପର୍ଯ୍ୟାୟର ବନ୍ୟା ସମୟରେ ସରକାରୀ ଓ ବେସରକାରୀ ସଂସ୍ଥା, ବିଭିନ୍ନ ସାମାଜିକ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ, ପାଣି, ଔଷଧ ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା। କିନ୍ତୁ ବନ୍ୟା ଦୀର୍ଘ ହେବା ସହ ଏବେ ସହାୟତାର ଧାରା ଧୀରେଧୀରେ କମିଯାଇଥିବା ଅଭିଯୋଗ ହେଉଛି।

ପ୍ରାରମ୍ଭିକ ସମୟରେ ଯେଉଁଠି ରିଲିଫ ସାମଗ୍ରୀ ନେଇ ସାମାଜିକ ସଂଗଠନ ଓ ବ୍ୟକ୍ତିବିଶେଷ ପହଞ୍ଚୁଥିଲେ, ଏବେ ସେହି ଧାରା ମାନ୍ଦା ପଡ଼ିବା ନେଇ ବିପନ୍ନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦୀର୍ଘସ୍ଥାୟୀ ବନ୍ୟା ପରିସ୍ଥିତିରେ କେବଳ ତତ୍କାଳୀନ ରିଲିଫ ନୁହେଁ, ନିୟମିତ ଖାଦ୍ୟ, ପାନୀୟ ଜଳ, ଔଷଧ ଓ ଆଶ୍ରୟର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ଘର ମରାମତି କରିବା ମଧ୍ୟ ସେମାନଙ୍କ ପାଇଁ ସହଜ ନୁହେଁ। ଅନ୍ୟପକ୍ଷରେ ନଦୀର ଜଳସ୍ତର ବଢ଼ିଲେ ପୁଣି ନିରାପଦ ସ୍ଥାନକୁ ଯିବା, ଶିଶୁ ଓ ବୟସ୍କଙ୍କୁ ସୁରକ୍ଷିତ ରଖିବା ଏବଂ ଖାଦ୍ୟ ପାନୀୟ ଜଳ ଯୋଗାଡ଼ କରିବା ବଡ଼ ସମସ୍ୟା ହେବ। ତେଣୁ ବର୍ଷା ଆରମ୍ଭ ହେବା ମାତ୍ରେ ପ୍ରଶାସନ ପକ୍ଷରୁ ପୂର୍ବପ୍ରସ୍ତୁତି ନେବାକୁ ଦାବି ହୋଇଛି। ଚଳିତ ବର୍ଷ ବୈତରଣୀ ନଦୀରେ ଶାଖା କାଣୀ ନଦୀ ରେ ବାରମ୍ବାର ବନ୍ୟା ଆସିବା ସହ ଦଶରଥପୁର ବ୍ଲକର ବହୁ ଅଞ୍ଚଳ ପ୍ରଭାବିତ ହୋଇଛି।

### ରିଲିଫ ବ୍ୟବସ୍ଥା ମାନ୍ଦା, ଆଗକୁ କେମିତି କଟିବ ଦିନ?

ପୂର୍ବରୁ ବିଭିନ୍ନ ସ୍ଥାନରେ ନଦୀବନ୍ଧ କ୍ଷତିଗ୍ରସ୍ତ ହେବା ସହ ପାଟଣା ଠାରେ ଘାଇ ସୃଷ୍ଟି ହୋଇ ବନ୍ୟାଜଳ ଗାଁ ମଧ୍ୟକୁ ପ୍ରବେଶ କରିବା ଭଳି ଘଟଣା ସାମ୍ନାକୁ ଆସିଥିଲା। ଏବେ ପୁଣି ବର୍ଷା ହେଉଥିବାରୁ ସେହି ଦୁର୍ବଳ ସ୍ଥାନଗୁଡ଼ିକୁ ନେଇ ଲୋକଙ୍କ ଭୟ ଆହୁରି ବଢ଼ିଛି। ବନ୍ଧର ଦୁର୍ବଳ ସ୍ଥାନ ଚିହ୍ନଟ କରି ଆଗୁଆ ମରାମତି, ଆବଶ୍ୟକ ସ୍ଥାନରେ ବାଲିବସ୍ତା ଓ ଅନ୍ୟ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ନଦୀଜଳର ସ୍ଥିତି ଉପରେ ୨୪ ଘଣ୍ଟିଆ ନଜର ରଖିବାକୁ ଦାବି ହୋଇଛି। ବନ୍ୟାଜଳ ହ୍ରାସ ପରେ ବିପନ୍ନ ପରିବାର ଘରକୁ ଫେରିବା ଆରମ୍ଭ କରିଥିଲେ। କିନ୍ତୁ ଅନେକଙ୍କ ଘର ଏବେ ବି ମରାମତି ଅପେକ୍ଷାରେ। ଚାଷଜମିରେ ବନ୍ୟାଜଳ ଜମି ରହିଥିବାରୁ ଚାଷୀଙ୍କ ଜୀବିକା ମଧ୍ୟ ପ୍ରଭାବିତ। ତେଣୁ କେବଳ ରିଲିଫ ବଣ୍ଟନ କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ। ଘର ମରାମତି, କ୍ଷତିପୂରଣ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ଜୀବିକା ପୁନରୁଦ୍ଧାର ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ। ବିପନ୍ନଙ୍କ ଦାବି, ବର୍ଷା ଓ ବୈତରଣୀ ନଦୀର ଜଳସ୍ତର ଉପରେ ପ୍ରଶାସନ ନିରନ୍ତର ନଜର ରଖୁ। ଯେଉଁ ଅଞ୍ଚଳରେ ପୁଣି ବନ୍ୟା ଆଶଙ୍କା ରହିଛି, ସେଠାରେ ଆଗୁଆ ଭାବେ ଲୋକଙ୍କୁ ସତର୍କ କରାଯାଉ। ଆବଶ୍ୟକ ହେଲେ ନିରାପଦ ଆଶ୍ରୟସ୍ଥଳ ଖୋଲିବା ସହ ଖାଦ୍ୟ, ପାନୀୟ ଜଳ, ଔଷଧ ଓ ଅନ୍ୟ ଆବଶ୍ୟକ ସାମଗ୍ରୀ ମହଜୁଦ ରଖାଯାଉ। ବନ୍ୟା ହୁଏତ ପଛକୁ ଫେରିଛି, କିନ୍ତୁ ବନ୍ୟା ବିପନ୍ନଙ୍କ ଦୁଃଖ ଏବେ ବି ଶେଷ ହୋଇନାହିଁ। ଘର ଭାଙ୍ଗିଛି, ଚାଷ ନଷ୍ଟ ହୋଇଛି, ଜୀବିକା ଦୋହଲିଯାଇଛି। ଏହା ମଧ୍ୟରେ ପୁଣି ପ୍ରବଳ ବର୍ଷା ବିପନ୍ନଙ୍କ ମନରେ ନୂଆ ଭୟ ସୃଷ୍ଟି କରିଛି। ତେଣୁ ଆଗାମୀ ଦିନରେ ପରିସ୍ଥିତି ଯେପରି ଅଧିକ ଗମ୍ଭୀର ନ ହୁଏ, ସେଥିପାଇଁ ତତ୍ପରତା, ନିରନ୍ତର ନଜରଦାରି ଓ ଆଗୁଆ ରିଲିଫ ବ୍ୟବସ୍ଥା ଏବେ ସବୁଠାରୁ ଜରୁରୀ। ବିପନ୍ନଙ୍କ ପାଇଁ ଏହା କେବଳ ଆଉ ଏକ ବର୍ଷା ନୁହେଁ ଏହା ପୁଣିଥରେ ବଞ୍ଚିବାର ପରୀକ୍ଷା।

### ବନ୍ୟାରେ ଧୋଇଗଲା ୨୦ ନଂ ଜାତୀୟ ରାଜପଥ

## ୧୦୦ ଫୁଟ୍‌ର ରାସ୍ତା ଧସି ନଦୀରେ ମିଶିଗଲା

ଆରଡ଼ି,୨୭।୮ (ସମିସ): ବୈତରଣୀର ବନ୍ୟାଜଳ କୁଆଖିଆ-ଆରଡ଼ି ଜାତୀୟ ରାଜପଥ-୨୦ ପାଇଁ ବଡ଼ ବିପଦ ସୃଷ୍ଟି କରିଛି। ଓଳଗ ପଞ୍ଚାୟତର ବୋଡକ ନିକଟରେ ବୁଧବାର ରାତିରେ ପ୍ରାୟ ୧୦୦ ଫୁଟ୍ କଂକ୍ରିଟ ରାସ୍ତା ନଦୀ ଗର୍ଭକୁ ଧସିଯିବା ପରେ ଯାନବାହନ ଚଳାଚଳ ନେଇ ଆଶଙ୍କା ବଢ଼ିଛି। ବନ୍ୟାଜଳର ପ୍ରଖର ସ୍ରୋତରେ ରାସ୍ତା ତଳର ମାଟି ଧୋଇଯାଉଥିବାରୁ ବୋଡକଠାରୁ ଷାଠିବାଙ୍କୁଡ଼ା ପର୍ଯ୍ୟନ୍ତ ପ୍ରାୟ ୧ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ବିପଦସଙ୍କୁଳ ହୋଇପଡ଼ିଛି। ପୂର୍ବରୁ ଏହି ସ୍ଥାନରେ ପ୍ରାୟ ୫୦୦ ଫୁଟ୍ ରାସ୍ତା ବନ୍ୟାରେ ଘାଇ ହୋଇ ଯାଇ ଆଜକୁ ୧ ମାସ ହେବ ଯୋଗାଯୋଗ ବିଚ୍ଛିନ୍ନ ହୋଇ ରହିଛି। ବନ୍ୟାର ପ୍ରଖର ସ୍ରୋତରେ କଂକ୍ରିଟ ଭାଙ୍ଗି ଦେଉଛି। ବିଭାଗ ସେଠାରେ ବହ୍ଲା ପୋତି ବାଲିବସ୍ତା ପକାଇ ଅସ୍ଥାୟୀ ମରାମତି ନାଁରେ ଅର୍ଥ ଲୁଟିବାକୁ ବସିଛି। ସେଠି ମରାମତି କରୁ କରୁ ଆଉ କିଛି ନୂଆ ସ୍ଥାନରେ ଧସିବା ଘଟଣା ଚିନ୍ତା ବଢ଼ାଇଛି। ସେ ରାସ୍ତାରେ ବର୍ତ୍ତମାନ ଯିବାଆସିବା କରିବା ବହୁତ ବିପଦ ସୃଷ୍ଟି କରିଛି। ଷାଠିବାଙ୍କୁଡ଼ାଠାରୁ ବୋଡକ ପର୍ଯ୍ୟନ୍ତ ରାସ୍ତା କେତେବେଳେ କେଉଁ ସ୍ଥାନରେ ଭାଙ୍ଗିବ ତା'ର କିଛି ଠିକଣା ନାହିଁ।



**୧ କିମି ରାସ୍ତା ତଳେ ପ୍ରବାହିତ ହେଉଛି ବନ୍ୟାଜଳ; ଯାତାୟାତ ନେଇ ବଢ଼ିଲା ଚିନ୍ତା**

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ବର୍ଷ ବର୍ଷ ଧରି ଏହି ରାସ୍ତାରେ ଦବିବା ଓ ଧସିବା ସମସ୍ୟା ଲାଗି ରହିଛି। ବନ୍ୟା ସମୟରେ ସମସ୍ୟା ଆହୁରି ଗୁରୁତର ହେଉଛି। ରାସ୍ତାରେ ଦୈନିକ ବହୁ ସଂଖ୍ୟକ ବସ୍ ଓ ଭାରୀଯାନ ଚଳାଚଳ କରୁଥିବାରୁ ତୁରନ୍ତ ପଦକ୍ଷେପ ନ ନେଲେ ବସ୍ ଚଳାଚଳ ବନ୍ଦ ହେବା ସହ ଯୋଗାଯୋଗ ଦୀର୍ଘ ଦିନ ପର୍ଯ୍ୟନ୍ତ ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି। ବିଭାଗୀୟ ଅଧିକାରୀମାନେ କାର୍ଯ୍ୟାଳୟରେ ବସି ସବୁ ମରାମତି କରିଦେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଥିବାବେଳେ ବାସ୍ତବରେ ତାହା ପାଣିର ଗାର ସଦୃଶ। ବନ୍ୟା କଂକ୍ରିଟ୍ ତଳେ ଥିବା ବାଲି, ମେଣ୍ଟାଲ, ଗୋଡ଼ି ଓ ମାଟି ଧୋଇ ନେଇ ଖାଲ କରିଦେଇଛି। ଖାଲି ଗାଡ଼ି ଚଢ଼ିଲା ମାନେ କଂକ୍ରିଟ ଭାଙ୍ଗି ତଳକୁ ଖସିପଡ଼ିବ। ଦୁର୍ଘଟଣା ଘଟିବା ସୁନିଶ୍ଚିତ। ସରକାର ତରବରିଆ ଭାବେ ଅସ୍ଥାୟୀ ମରାମତି ନ କରି ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରି ଯେଉଁ ସ୍ଥାନରେ କଂକ୍ରିଟ ତଳେ ମାଟି ନାହିଁ ତାକୁ ଭାଙ୍ଗି ସମତଳ କରି ସ୍ଥାୟୀ ମରାମତି କଲେ ହିଁ ଏହି ରାଜପଥରେ ନିରାପଦ ଯାତାୟାତ ସମ୍ଭବ ବୋଲି ସାଧାରଣରେ ଦାବି ହୋଇଛି।

# ଭାସିଗଲା ବର୍ଷକର ଦାନା; ଋଣ ଛାଡ଼ ଦାବି ଜୋର୍‌ଦାର

ଆରଡ଼ି,୨୭।୮ (ସମିସ): ଚଳିତ ବର୍ଷ ବୈତରଣୀ ଓ ସାଳନ୍ଦୀ ନଦୀରେ ଭୟଙ୍କର ଭାବେ ବନ୍ୟାଜଳ ଆସି ଆରଡ଼ି, ନାନ୍ଦପୁର, ଓଳଗ ଓ ସୁନ୍ଦରପୁର ପଞ୍ଚାୟତରେ ଥିବା ଚାଷ ଜମିରେ ମାଡ଼ିଯିବା ଫଳରେ ଧାନ ଚାଷରେ ବ୍ୟାପକ କ୍ଷତି ଘଟିଛି। ଗତ ଏକ ମାସ ମଧ୍ୟରେ ବୈତରଣୀ ନଦୀରେ ତିନି ଥର ବନ୍ୟା ଆସି ଚାଷ ଜମିକୁ ବୁଡ଼େଇକି ରଖିଛି। ବର୍ତ୍ତମାନ ସୁଦ୍ଧା ଧାନ ବିଲରେ ପେଟେ ପେଟେ ପାଣି ଥିବାବେଳେ ପାଣି କେବେ କମିବ ତା'ର ଠିକ୍ ଠିକଣା ନାହିଁ। କେତେକ ଜମିରୁ ପାଣି କମିଥିଲେ ହେଁ ଧାନ ଫସଲ ସବୁ ଉଜୁଡ଼ି ଯାଇଛି। ଉପର ମୁଣ୍ଡରେ ଲଗାଣ ବର୍ଷା କାରଣରୁ ବୈତରଣୀ ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ହେବ ଉଛୁଳିକି ରହୁଛି। ବିପଦ ସଂକେତ ଉପରକୁ ବନ୍ୟାଜଳ ଚଢ଼ିଲା ମାନେ ଭିନ୍ନ ଭିନ୍ନ ଜାଗାରେ ହୋଇଥିବା ଘାଇ ମାଧ୍ୟମରେ ପାଣି ତଳିଆ ଅଞ୍ଚଳରେ ମାଡ଼ିଯାଉଛି। ଓଳଗ ପଞ୍ଚାୟତ ବୋଡ଼କଠାରେ ୨୦ ନଂ ଜାତୀୟ ରାଜପଥ ଉପରେ ହୋଇଥିବା ୫୦୦ ଫୁଟ୍‌ର ଘାଇ ଯୋଗୁଁ ଆରଡ଼ି ଅଞ୍ଚଳରେ ପାଣି ବୁଡ଼ିକି ରହିଛି। ବାରମ୍ବାର ବନ୍ୟା ଆସିବାରୁ ପାଣି ଆଦୌ କାମୁନାହିଁ। ଏବେ ବି ସ୍ଥିତି ସ୍ୱାଭାବିକ ହୋଇ ନ ଥିବାବେଳେ ଅଞ୍ଚଳବାସୀଙ୍କର ସବୁଠୁ ବଡ଼ କଷ୍ଟ ହେଉଛି ସେମାନଙ୍କର ଚାଷ ସମୂଳେ ନଷ୍ଟ ହୋଇଛି। ଏହି ଅଞ୍ଚଳରେ କେବଳ ଖରିଫ୍ ଧାନ ବା ଶାରଦ ଧାନ ଚାଷ ହୋଇଥାଏ। ଏ ବର୍ଷ ବନ୍ୟା ପାଣିରେ ଧାନ ତଳି ସମ୍ପୂର୍ଣ୍ଣ ଧୋଇଯାଇଛି। ଗତ ବର୍ଷରେ ମଧ୍ୟ ବନ୍ୟା ଫଳରେ ତଳି ନଷ୍ଟ ହୋଇଥିଲା ବନ୍ୟା ଛାଡ଼ିଲା ପରେ ଚାଷୀମାନେ ପୁଣି ତଳି ପକେଇ ଚାଷ କରିଥିଲେ। କିନ୍ତୁ ଏ ବର୍ଷ ଆଉ ସମୟ ନାହିଁ କି ବିହନ ମଧ୍ୟ ନାହିଁ। ତେଣୁ ଏ ବର୍ଷ ଆଉ ଚାଷ ହୋଇପାରିବ ନାହିଁ। ଏହି ୪ ପଞ୍ଚାୟତରେ ପ୍ରାୟ ୩୩୦୦ ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା। ଯାହାକି ବନ୍ୟାରେ ଧୋଇଗଲା। ଚାଷୀଙ୍କ କ୍ଷତିକୁ ଭରଣା କରିବା ପାଇଁ ସରକାର ତୁରନ୍ତ ଚାଷୀଙ୍କ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ଋଣ ଛାଡ଼ କରିବା ପାଇଁ ଜୋର୍‌ଦାର ଦାବି ହେଉଛି।





- ଚାଷ ଓ ଚାଷୀଙ୍କ ଦୁଃଖ କହିଲେ ନ ସରେ
- ବୀମା କମ୍ପାନୀର ଗପ ନ ଶୁଣାନ୍ତୁ ସରକାର

ଏହି ଅଞ୍ଚଳର ଚାଷୀମାନେ ଯେଉଁ ସମବାୟ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଓ ଅନ୍ୟାନ୍ୟ ବ୍ୟାଙ୍କରୁ ଋଣ ନେଇ ଚାଷରେ ଖର୍ଚ୍ଚ କରିଥିଲେ ସେହି ଅର୍ଥରାଶି ବନ୍ୟା ଭସେଇ ନେଇଛି। ବୀମା କମ୍ପାନୀଗୁଡ଼ିକର ନିୟମ ଅନୁଯାୟୀ ଧାନ ଥୋଡ଼ ବାହାରିବା ସମୟରେ ବା ପାଚିଲା ଧାନ କଟା ସମୟରେ ବା ଧାନ ଖଳାରେ ଥିବା ସମୟରେ ଯଦି କୌଣସି ବନ୍ୟା, ବାତ୍ୟା ବା ଅନ୍ୟ କିଛି ଦୁର୍ବିପାକ ହୁଏ ତାହେଲେ ସେମାନେ କ୍ରପ୍ କଟିଙ୍ଗ୍ କରି କେତେ ପ୍ରତିଶତ କ୍ଷତି ହୋଇଛି ତାହାର ଆକଳନ କରି ସେତିକି ପ୍ରତିଶତ ଋଣ ଛାଡ଼ କରନ୍ତି। କିନ୍ତୁ ଏ ବର୍ଷ ଚାଷ ଅମଳ ପୂର୍ବରୁ ତଳି ନଷ୍ଟ ହୋଇଯାଇଛି। ତେଣୁ ବୀମା କମ୍ପାନୀମାନେ ଆଉ କ୍ରପ୍ କଟିଙ୍ଗ୍ କରିବେନାହିଁ। ତେଣୁ ସରକାର ତୁରନ୍ତ ଘଟଣାର ଗୁରୁତ୍ୱକୁ ବିଚାର କରି ଚାଷୀଙ୍କ ଋଣ ଛାଡ଼ ଘୋଷଣା କରିବା ପାଇଁ ଚାରି ପଞ୍ଚାୟତର ଚାଷୀ ଦାବି କରିଛନ୍ତି। ଯଦି ସରକାର ତ୍ୱରିତ ପଦକ୍ଷେପ ନ ନିଅନ୍ତି ତାହେଲେ ଭବିଷ୍ୟତରେ ଚାଷୀ ମୃତ୍ୟୁ ଭଳି ପ୍ରସଙ୍ଗ ସାମ୍ନାକୁ ଆସିପାରେ। ତତ୍ ସଙ୍ଗେ ସଙ୍ଗେ ଗଜା ଧୋଇ ବା ଇନ୍‌ପୁଟ୍ ଯଥାଶୀଘ୍ର ଚାଷୀଙ୍କୁ ପ୍ରଦାନ କରିବା ନିମନ୍ତେ ଦାବି ଜୋର୍ ଧରିଛି।

### ଲୁହାପଥର ଗ୍ରେଡ୍ ପରିବର୍ତ୍ତନ ପାଇଁ ଅଧିକ ରୟାଲଟି ଦାବି ମାମଲା

## ଆବେଦନ ଖାରଜ କଲେ ହାଇକୋର୍ଟ

କଟକ,୨୭।୮ (ସମିସ): କେନ୍ଦୁଝର ଜିଲ୍ଲା ଜୁରୁଡ଼ି ଲୁହାପଥର ବ୍ଲକର ଖଣି ଲିଜଧାରୀ ମେସର୍ସ ଜଗତଜନନୀ ସର୍ଭିସେସ ଘରୋଇ ଲିମିଟେଡର ରିଟ୍ ଆବେଦନକୁ ଖାରଜ କରିଛନ୍ତି ହାଇକୋର୍ଟ। ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶକଙ୍କ ପକ୍ଷରୁ ଅତିରିକ୍ତ ରୟାଲଟି ଏବଂ ରାଜସ୍ୱ ପରିଶୋଧ ପାଇଁ ଜାରି କରାଯାଇଥିବା ଡିମାଣ୍ଡ ନୋଟିସକୁ କୋର୍ଟ କାଏମ ରଖିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଆଜି ରାୟ ପ୍ରକାଶ କରିଛନ୍ତି। ମାମଲାରୁ ପ୍ରକାଶ ଯେ କମ୍ପାନୀକୁ ୨୦୨୦ ଜୁଲାଇ ୪ରେ ଜୁରୁଡ଼ି ଲୁହାପଥର ବ୍ଲକ ଲିଜ ସୂତ୍ରରେ ମିଳିଥିଲା। ରାଜ୍ୟସ୍ତରୀୟ ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଆକସ୍ମିକ ତଦାରଖ ସମୟରେ ଲୁହାପଥରର ଗ୍ରେଡ୍ (ଏଫଇ ଗୁଣବତ୍ତା) ପ୍ରାରମ୍ଭିକ ରିପୋର୍ଟ ତୁଳନାରେ ଯଥେଷ୍ଟ ଅଧିକ (୫୫%ରୁ ୫୮%) ଥିବା ଜଣାପଡ଼ିଥିଲା। ଏହି ଗ୍ରେଡ୍ ପରିବର୍ତ୍ତନ ଯୋଗୁଁ ସରକାର ଅଧିକ ରୟାଲଟି ଓ ସଂଶ୍ଳିଷ୍ଟ ରାଜସ୍ୱ ଦାବି କରି ଡିମାଣ୍ଡ ନୋଟିସ ଜାରି କରିଥିଲେ। କମ୍ପାନୀ ଏହାକୁ ବିରୋଧ କରି ରିଭିଜନ ଆବେଦନ କରିଥିଲେ ମଧ୍ୟ ତାହା ଖାରଜ ହେବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ମାତ୍ର କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ନିୟମ ୧୦(୭) ଅନୁସାରେ ଦ୍ୱିତୀୟ ନମୁନାର ରିପୋର୍ଟ ଆସିବାର ୩ ମାସ ଭିତରେ କମ୍ପାନୀ ନିଜେ ପୁନଃପରୀକ୍ଷା ପାଇଁ ଆବେଦନ କରିଥିଲେ ଏବଂ ତାଙ୍କରି ଉପସ୍ଥିତିରେ ହିଁ ଏହି ପରୀକ୍ଷା କରାଯାଇଥିଲା। କମ୍ପାନୀ ନିଜେ ରାଜି ହୋଇ ପୁନଃପରୀକ୍ଷାରେ ଭାଗ ନେବା ପରେ ଏବଂ ଗ୍ରେଡ୍ ଅଧିକ ବାହାରିବା ପରେ ନମୁନାର ବୈଧତା ଉପରେ ପ୍ରଶ୍ନ ଉଠାଇବା ଗ୍ରହଣଯୋଗ୍ୟ ନୁହେଁ ବୋଲି କହିଛନ୍ତି ଖଣ୍ଡପୀଠ। ଆବେଦନକାରୀ କମ୍ପାନୀକୁ ଡିମାଣ୍ଡ ନୋଟିସରେ ଥିବା ବାକି ଅର୍ଥ ଆଗାମୀ ୪ ସପ୍ତାହ ମଧ୍ୟରେ ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇ ଆବେଦନଟିକୁ ଖାରଜ କରିଛନ୍ତି।

### ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ଚୟନ ବିବାଦ

## ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଖାରଜ

କଟକ,୨୭।୮ (ସମିସ): ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ନିଯୁକ୍ତି ପାଇଁ ଗଠିତ ସର୍ଚ୍ଚ କମିଟିକୁ ନେଇ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ କୁଳାଧିପତିଙ୍କ ସଚିବାଳୟ ପକ୍ଷରୁ ଗତ ଜାନୁଆରୀ ୧୩, ୨୦୨୬ରେ ପ୍ରକାଶିତ ବିଜ୍ଞପ୍ତିକୁ ବେଆଇନ, ଅସାମ୍ବିଧାନିକ ଦର୍ଶାଇବା ସହ ଏହାକୁ ରଦ୍ଦ କରିବା ପାଇଁ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ମଦନ ମୋହନ ମହାପାତ୍ରଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୪ମାସ ପୂର୍ବରୁ କୁଳପତି ନିଯୁକ୍ତି ଶେଷ ହୋଇଥିବା ନେଇ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିବା ବେଳେ ହାଇକୋର୍ଟ ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲା ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ତଥା ଗବେଷଣା ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଆଇନ୍, ୨୦୧୭ ଅଧୀନରେ ଏହି ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ମାତ୍ର ସର୍ଚ୍ଚ କମିଟିର ଅଧ୍ୟକ୍ଷ ଭାବେ ଜଣେ ସଂସ୍କୃତ ପ୍ରଫେସରଙ୍କୁ ନିଯୁକ୍ତି ସହ କୁଳାଧିପତିଙ୍କ ପକ୍ଷରୁ ମନୋନୀତ ହୋଇଥିବା ପ୍ରତିନିଧି ଗବେଷଣାତ୍ମକ ଯୋଗ୍ୟତା ମାନଦଣ୍ଡ ପୂରଣ କରୁନାହାନ୍ତି। ଏହା ଗତ ୨୯.୦୪.୨୦୨୨ର ସରକାରୀ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି ଅଭିଯୋଗ ହୋଇଥିଲା। ଏହି ମାମଲାର ବିଚାର କରି ଜାନୁଆରୀ ୧୩ର ବିଜ୍ଞପ୍ତିକୁ ରଦ୍ଦ କରନ୍ତୁ ଏବଂ ବିଶ୍ୱବିଦ୍ୟାଳୟ ଆଇନ୍ ୨୦୧୭ ଅନୁଯାୟୀ ନୂତନ ଭାବେ କୁଳପତି ଚୟନ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନକାରୀ ପ୍ରାର୍ଥନା କରିଥିଲେ।

### ମିଶନଶକ୍ତି ପୁନର୍ଗଠନକୁ ଚାଲେଞ୍ଜ

## ୫୮୦ରୁ ଊର୍ଦ୍ଧ୍ୱ ମାମଲାର ଏକତ୍ର ଶୁଣାଣି ଆଜି

କଟକ,୨୭।୮ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ମିଶନ ଶକ୍ତି ପୁନର୍ଗଠନ ମାର୍ଗଦର୍ଶିକାକୁ ଚାଲେଞ୍ଜ କରି ଦାୟର ୫୮୦ରୁ ଅଧିକ ମାମଲା ଏକତ୍ର ଶୁଣାଣି କରୁଛନ୍ତି ହାଇକୋର୍ଟ। ମାର୍ଗଦର୍ଶିକା କାର୍ଯ୍ୟକାରୀ ଉପରେ ପୂର୍ବରୁ ଜାରି ଅନ୍ତରୀଣ ରହିତାଦେଶ ବଳବତ୍ତର ରହିଆସିଥିବା ବେଳେ ଏ ସମ୍ପର୍କିତ ସମସ୍ତ ମାମଲାର ଶୁଣାଣି ଆସନ୍ତାକାଲିକୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ମିଶନ ଶକ୍ତି ଓ ଏସଏଚଜି ମହାସଂଘ ପକ୍ଷରୁ ରୁଜୁ ଆବେଦନଗୁଡିକର ଏକତ୍ର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଜି ଏହି ମାମଲାରେ ଆବେଦନକାରୀ ଓ ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା ବେଳେ ଏହା ଅସମ୍ପୂର୍ଣ୍ଣ ରହିଛି।

ପ୍ରକାଶଥାଉକି, ମିଶନ ଶକ୍ତି ଅନ୍ତର୍ଗତ ଏସଏଚଜି ଓ ଅନ୍ୟ ଗୋଷ୍ଠୀ ଅନୁଷ୍ଠାନଗୁଡ଼ିକର କମିଟି ତଥା ସବକମିଟି ପୁନର୍ଗଠନ ପାଇଁ ୨୦୨୫ ଜାନୁଆରୀ ୨୨ରେ ଜାରି ହୋଇଥିବା ମାର୍ଗଦର୍ଶିକା ଉପରେ ଗତ ୨୦୨୫ ଏପ୍ରିଲରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମିଶନ ଶକ୍ତି ବିଭାଗର ସଚିବଙ୍କ ତରଫରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଗତ ୨୦୨୫ ଜାନୁଆରୀ ୨୨ରେ ଚିଠି ଲେଖାଯାଇଥିଲା। ଏସଏଚଜି, ସିଏଲଏଫ, ଜିପିଏଲଏଫ, ବିଏଲଏଫ ଓ ଡିଏଲଏଫର ପରିଷଦ/କମିଟି/ସବ-କମିଟି ପୁନର୍ଗଠନ ପ୍ରସଙ୍ଗରେ ଜାରି ମାର୍ଗଦର୍ଶିକା ନେଇ ଏହି ଚିଠିରେ ଉଲ୍ଲେଖ କରାଯାଇଥିଲା। ଜଣେ ସଦସ୍ୟ ଦୁଇ ଥର କର୍ମକର୍ତ୍ତା ହୋଇପାରିବେ ନାହିଁ ବୋଲି ମାର୍ଗଦର୍ଶିକାରେ ସର୍ତ୍ତ ରଖାଯାଇଥିଲା। ସେହିଭଳି ଗୋଷ୍ଠୀ ଅନୁଷ୍ଠାନ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଭାବେ ଗୋଟିଏ ପରିବାରର ଜଣଙ୍କରୁ ଅଧିକ ରହି ପାରିବେ ନାହିଁ। ଗୋଟିଏ ପରିବାରର ଦୁଇ ଜଣ ବା ଅନ୍ୟ ସଂପର୍କୀୟ ଗୋଟିଏ ଗୋଷ୍ଠୀ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ କମିଟିରେ ସଦସ୍ୟ ହୋଇ ପାରିବେ ନାହିଁ ବୋଲି ଉଲ୍ଲେଖ ଥିଲା। ଏହାକୁ ଚାଲେଞ୍ଜ କରି ହାଇକୋର୍ଟରେ ଏକାଧିକ ମାମଲା ରୁଜୁ କରାଯାଇଥିଲା। ଏସଏଚଜି ଓ ଅନ୍ୟ ଗୋଷ୍ଠୀ ଅନୁଷ୍ଠାନ ଗୁଡ଼ିକ ସୋସାଇଟି ପଞ୍ଜୀକରଣ ଆଇନ ଦ୍ୱାରା ପଞ୍ଜିକୃତ। ଏଭଳି ଅନୁଷ୍ଠାନ ଗୁଡ଼ିକ ନିଜ ବାଇ-ଲ' ଦ୍ୱାରା ପରିଚାଳିତ। ଏଭଳି ସ୍ଥିତିରେ କମିଟି/ସବ୍‌କମିଟିକୁ ସଦସ୍ୟଙ୍କ ପ୍ରସଂଗରେ ସରକାର ମାର୍ଗଦର୍ଶିକା ଜାରି କରିବା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

### ଉପମୁଖ୍ୟମନ୍ତ୍ରୀ ପଦର ସାମ୍ବିଧାନିକ ବୈଧତାକୁ ଚାଲେଞ୍ଜ


## ହାଇକୋର୍ଟରେ ଜନସ୍ୱାର୍ଥ ମାମଲାର ଶୁଣାଣି ଶେଷ

କଟକ, ୨୭।୮ (ସମିସ): ରାଜ୍ୟରେ ଦୁଇ ଜଣ ଉପମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତିର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାୟର ଜନସ୍ୱାର୍ଥ ମାମଲାରେ ଆଜି ହାଇକୋର୍ଟରେ ପୂର୍ଣ୍ଣାଙ୍ଗ ଶୁଣାଣି ହୋଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ମାମଲାର ଶୁଣାଣି ଶେଷ କରିଥିବା ବେଳେ ଉଭୟ ଆବେଦନକାରୀ ଓ ସରକାରଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ସମ୍ବିଧାନରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ପରିଷଦଙ୍କୁ ଧାରା ୧୬୩ ଓ ୧୬୪ରେ ସ୍ୱୀକୃତି ଦିଆଯାଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ ଭଳି ସ୍ୱତନ୍ତ୍ର ସାମ୍ବିଧାନିକ ପଦ ପ୍ରସଂଗରେ ସାମ୍ବିଧାନରେ କିଛି ବ୍ୟବସ୍ଥା ନାହିଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ସରକାରଙ୍କ ତରଫରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଦର୍ଶାଇଥିଲେ ଯେ କୌଣସି ସାମ୍ବିଧାନିକ ବ୍ୟବସ୍ଥା ଉଲ୍ଲଂଘନ କରି ଉପମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏପରି ଜନସ୍ୱାର୍ଥ ମାମଲା ଗ୍ରହଣୀୟ ନୁହେଁ। ଏଥିସହିତ ସୁପ୍ରିମକୋର୍ଟ ଓ ଅନ୍ୟ ହାଇକୋର୍ଟଙ୍କ ରାୟର ନଜିର ଆଡଭୋକେଟ ଜେନେରାଲ ଉପସ୍ଥାପନ କରିଥିଲେ। ସୋମବାରକୁ ମାମଲାର ପରବର୍ତ୍ତୀ ତାରିଖ ଧାର୍ଯ୍ୟ କରାଯାଇଛି। ଦାୟର ଜନସ୍ୱାର୍ଥ 'ଉପମୁଖ୍ୟମନ୍ତ୍ରୀ' କୌଣସି ପୃଥକ ସାମ୍ବିଧାନିକ ପଦ ବା ମନ୍ତ୍ରୀ ପରିଷଦର ମନ୍ତ୍ରୀଙ୍କଠାରୁ ଉର୍ଦ୍ଧ୍ୱ ପଦ ନୁହେଁ ବୋଲି ଘୋଷଣା କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଉ ବୋଲି ଆବେଦନରେ ପ୍ରାର୍ଥନା କରାଯାଇଛି। ମାମଲାରେ ମୁଖ୍ୟ ସଚିବ, ରାଜ୍ୟପାଳଙ୍କ ସଚିବ, ଆକାଉଣ୍ଟାଣ୍ଟ ଜେନେରାଲ, ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ ଓ ପ୍ରଭାତୀ ପରିଡାଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶ୍ରୀନିବାସ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

### ପାରିବାରିକ କଳହର କରୁଣ ପରିଣତି

## ସ୍ତ୍ରୀକୁ ହତ୍ୟା କରି ସ୍ୱାମୀର ଆତ୍ମହତ୍ୟା

ଭଦ୍ରକ,୨୭।୮ (ସମିସ): ପାରିବାରିକ କଳହର କରୁଣ ପରିସ୍ଥିତି। ନିଜ ସ୍ତ୍ରୀକୁ ଧାରୁଆ ଅସ୍ତ୍ରରେ ହତ୍ୟା କରି ସ୍ୱାମୀ ଆତ୍ମହତ୍ୟା କରିଛନ୍ତି। ଏଭଳି ଅଭାବନୀୟ ତଥା ଦୁଃଖଦ ଘଟଣା ଘଟିଛି ଭଦ୍ରକ ପୁରୁଣା ବଜାର ଥାନା ଅଧୀନସ୍ଥ ନଙ୍ଗାମହଲାଠାରେ। ମୃତ ଦମ୍ପତି ହେଲେ ସେକ୍ ମୁସ୍ତାଫ୍ ଓ ସ୍ତ୍ରୀ ସୋନମ୍। ସୂଚନାଯୋଗ୍ୟ, ନଙ୍ଗାମହଲା ଅଞ୍ଚଳର ସେକ୍ ମୁସ୍ତାଫ୍ ଜଣେ ଇଞ୍ଜିନିୟର। ସେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ। ସେ ଆଜକୁ ୬ ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ। ଉତ୍ତର ପ୍ରଦେଶର ଲକ୍ଷ୍ନୌର ସୋନମ୍ ନାମକ ଜଣେ ଯୁବତୀଙ୍କୁ ସେ ପ୍ରେମ ବିବାହ କରିଥିଲେ। ତେବେ ସୋନମ୍ ଲକ୍ଷ୍ନୌରେ ରହୁଥିବାବେଳେ ମୁସ୍ତାଫ୍ ଯାଜପୁରରେ ଏକ କମ୍ପାନୀରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ଗତ ୪ ଦିନ ପୂର୍ବରୁ ଉଭୟ ସ୍ୱାମୀ-ସ୍ତ୍ରୀ ଲକ୍ଷ୍ନୌରୁ ଆସି ଭଦ୍ରକ ନଙ୍ଗାମହଲାଠାରେ ପହଞ୍ଚିଥିଲେ। ଏପରିକି ବିଭିନ୍ନ ସମୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଥିଲା। ଏପରିସ୍ଥଳେ ହଠାତ୍ ଗୁରୁବାର ସ୍ୱାମୀ ମୁସ୍ତାଫ ଉତ୍‌କ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ନିଜ ସ୍ତ୍ରୀ ସୋନମ୍‌ଙ୍କୁ ହତ୍ୟା କରିଥିଲେ। ପରେ ଘର ଭିତରେ ନିଜେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ନଙ୍ଗାମହଲା ଅଞ୍ଚଳରେ ଲୋକଙ୍କ ଭିଡ଼ ଲାଗି ରହିଥିଲା। ଖବର ପାଇ ଏସ୍‌ପି ମନୋଜ କୁମାର ରାଉତଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ପୁରୁଣା ବଜାର ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ତେବେ ହତ୍ୟାର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ଏହା ଏକ ପାରିବାରିକ କଳହ ବୋଲି ଜଣାଯାଇଛି। ମୃତ ଦମ୍ପତିଙ୍କ ଦୁଇଟି ଛୋଟ ଝିଅ ଥିବା ଜଣାଯାଇଛି।





## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ।

**ତୁଳା:** କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୨୨- ଜାପାନ ସାଇବେରିଆରୁ ତା'ର ସୈନ୍ୟ ଫେରାଇବା ପାଇଁ ସହମତ ହେଲା।
- ୧୯୮୪- ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।
- ୧୯୯୬- ପ୍ରିନ୍ସ ଚାର୍ଲସ୍ ଓ ଯୁବରାଣୀ ଡାଏନାଙ୍କ ମଧ୍ୟରେ ବିଧିବଦ୍ଧ ଭାବେ ଛାଡ଼ପତ୍ର ହେଲା।
- ୨୦୦୮ -ଫୋର୍ବସ୍ ପତ୍ରିକା ବିଶ୍ୱର ୧୦୦ ଜଣ ଶକ୍ତିଶାଳୀ ମହିଳାଙ୍କ ଭିତରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ମାୟାବତୀଙ୍କୁ ସାମିଲ୍ କଲା।

# ପ୍ରଳୟ ପାଇଁ ବଙ୍କର



ବିଶ୍ୱବ୍ୟାପୀ ବୃଦ୍ଧି ପାଉଥିବା ଉତ୍ତେଜନା, ଯୁଦ୍ଧ ଭୟ ଏବଂ ବିନାଶ ଆଶଙ୍କା ମଧ୍ୟରେ ବିଶ୍ୱର ଧନୀ ବ୍ୟକ୍ତିମାନେ ଏପରିସ୍ଥିତିରେ ନିଜକୁ ସୁରକ୍ଷିତ ରଖିବା ପାଇଁ 'ଡୁମ୍ସଡେ ବଙ୍କର' ବା ବିନାଶକାଳୀନ ଆଶ୍ରୟସ୍ଥଳୀ ନିର୍ମାଣ କରୁଛନ୍ତି। ଏଠାରେ ଧନୀ ବ୍ୟକ୍ତିମାନେ ନିଜର କଳାକୃତି, ମୂଲ୍ୟବାନ ଗହଣା, ଡିଜିଟାଲ୍ ଡାଟା ଏବଂ ନିଜର ଦାମୀ କାର୍‌ଗୁଡ଼ିକୁ ସୁରକ୍ଷିତ ରଖିପାରିବେ। ସୁଇଜରଲ୍ୟାଣ୍ଡର ଆଲପସ୍ ପାହାଡ଼ ତଳେ ୧୦୦ ମିଟର ଗଭୀରତାରେ ଏଭଳି ଏକ ବିଶାଳ ଭୂତଳ ନେଟୱାର୍କ ନିର୍ମାଣ କରାଯାଉଛି, ଯାହାର ନେତୃତ୍ୱ ସୁଇସ୍ ବ୍ୟବସାୟୀ ଥୋମାସ୍ ଗାସର୍ ଏବଂ ତାଙ୍କ କମ୍ପାନି 'ବ୍ରୁନିଗ ମେଗା ସେଫ୍' ନେଇଛନ୍ତି। ସାଧାରଣ ସାମରିକ ବଙ୍କର ଭଳି ଏଗୁଡ଼ିକ ଅନ୍ଧାରୁଆ କି ସଂକୀର୍ଣ୍ଣ ନୁହେଁ। ବଙ୍କର ଭିତରେ ସୁଇମିଂ ପୁଲ୍, ସିନେମା ହଲ୍, ବାର୍, ଜିମ୍, ଏବଂ ସ୍ପା ଆଦି ରହିଛି। ଦୀର୍ଘ ଦିନ ଭୂତଳରେ ରହିବା ଦ୍ୱାରା ଯେପରି ମାନସିକ ଚାପ ନ ହେବ, ସେଥିପାଇଁ କାନ୍ଥରେ ଏଲ୍ଇଡି ସ୍କ୍ରିନ୍ ଲଗାଯାଇଛି, ଯେଉଁଥିରେ ପ୍ରକୃତିର ସୁନ୍ଦର ଦୃଶ୍ୟ, ଦିନ ଓ ରାତିର ଆଲୋକ ଏବଂ ବାହାରର ପାଣିପାଗର ନକଲି ଅନୁଭୂତି ମିଳିପାରିବ। ମାସ ମାସର ଶୃଙ୍ଖଳା ଖାଦ୍ୟ ସହିତ ଏହା ଭିତରେ ହାଇଡ୍ରୋପୋନିକ୍ସ ପ୍ରଣାଳୀରେ ବିନା ମାଟିରେ ଲାଇଟ୍ ସାହାଯ୍ୟରେ ପନିପରିବା ମଧ୍ୟ ଚାଷ କରାଯାଇପାରିବ। ଏହା ମଧ୍ୟରେ ମିଲିଟାରୀ-ଗ୍ରେଡ୍ ଏୟାର ଫିଲ୍ଟରେସନ୍ ସିଷ୍ଟମ୍ ଥାଏ, ଯାହା ପରମାଣୁ ବିକିରଣ ଏବଂ ଜୈବିକ ଗ୍ୟାସ୍‌କୁ ଭିତରକୁ ଆସିବାକୁ ଦେବନାହିଁ। ଏନେଇ କମ୍ପାନି ପକ୍ଷରୁ କୁହାଯାଇଛି ଯେ, ଏହାର ସୁରକ୍ଷା ବ୍ୟବସ୍ଥା ସୁଇସ୍ ନ୍ୟାସନାଲ ବ୍ୟାଙ୍କ ଠାରୁ ମଧ୍ୟ ଅଧିକ ମଜବୁତ ହେବ। ଏଠାରେ ଗୋଟିଏ ଗୁମ୍ଫାକୁ ୯୯ ବର୍ଷର ଲିଜ୍‌ରେ ନେବା ପାଇଁ ପ୍ରାରମ୍ଭିକ ମୂଲ୍ୟ ପ୍ରାୟ ୧୦ କୋଟି ଟଙ୍କାରୁ ଅଧିକ ରଖାଯାଇଛି। ଏହି ବଙ୍କରଗୁଡ଼ିକର ସ୍ଥାନ ଏତେ ଗୋପନୀୟ ରଖାଯାଇଛି ଯେ, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ଏହାର ମୁଖ୍ୟ ପ୍ରବେଶ ଦ୍ୱାର ପର୍ଯ୍ୟନ୍ତ ଯିବାକୁ ଅନୁମତି ଦିଆଯାଇ ନାହିଁ। ବଙ୍କର ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ଗାଡ଼ିଗୁଡ଼ିକୁ ଏକ ସ୍ୱତନ୍ତ୍ର ଚେକପଏଣ୍ଟ ଦେଇ ଯିବାକୁ ପଡ଼ିବ, ଯେଉଁଠାରେ ଅନେକ ପ୍ରକାରର ଗୁପ୍ତ ସୁରକ୍ଷା ଯାଞ୍ଚ କରାଯାଏ।

# ରାଗ ଶୁଝାଇବାର ନୂଆ ଧାରା



ଚୀନ୍‌ରେ ବର୍ତ୍ତମାନ ଡିଜିଟାଲ ପେଟ୍ ଟ୍ରେଣ୍ଡ ଯୁବପିଢ଼ିଙ୍କ ମଧ୍ୟରେ ଅତି ଦ୍ରୁତ ଗତିରେ ବୃଦ୍ଧି ପାଉଛି। କମ୍ପ୍ୟୁଟର ଏବଂ ସ୍ମାର୍ଟଫୋନ୍ ସ୍କ୍ରିନରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଧାରିତ ପୋଷା ଜୀବମାନେ ଚୀନର କର୍ମଜୀବୀ ଏବଂ ଯୁବ ସମାଜକୁ ବେଶ୍ ଆକର୍ଷିତ କରୁଛନ୍ତି। ଚୀନ୍‌ର ଅଫିସ୍ କର୍ମଚାରୀମାନେ ନିଜର ମାନସିକ ଚାପ ଓ କ୍ଲାନ୍ତି ଦୂର କରିବା ପାଇଁ ଏହି ଡିଜିଟାଲ ପେଟ୍‌ଗୁଡ଼ିକର ବହୁଳ ବ୍ୟବହାର କରୁଛନ୍ତି। ଅନେକ ଯୁବକ ନିଜର ରାଗ ବା ଅସନ୍ତୋଷ ମେଣ୍ଟାଇବା ପାଇଁ ନିଜ ଅଫିସର ବସ୍ ବା କୌଣସି ନାପସନ୍ଦ ବ୍ୟକ୍ତିଙ୍କ ଫଟୋକୁ ଏଆଇ ସାହାଯ୍ୟରେ ଏକ ଡିଜିଟାଲ ଅବତାରରେ ପରିଣତ କରୁଛନ୍ତି। ଏହି ଭର୍ଚୁଆଲ କ୍ୟାରେକ୍ଟରଗୁଡ଼ିକ କମ୍ପ୍ୟୁଟର ସ୍କ୍ରିନ୍‌ରେ ଉଠାବସା କରିବା, ଆଣ୍ଠୁମାଡ଼ି କ୍ଷମା ମାଗିବା, କିମ୍ବା ଚା' ପରଷିବା ଭଳି ମଜାଦାର କାର୍ଯ୍ୟ କରିଥାନ୍ତି। ଏହା କର୍ମଚାରୀମାନଙ୍କୁ କାର୍ଯ୍ୟକ୍ଷେତ୍ରରେ କିଛି ସମୟ ପାଇଁ ହସିବାର ସୁଯୋଗ ଦେଇଥାଏ। ସେହିପରି କିଛି ଲୋକ ଏହି ଟେକ୍ନିକ୍‌କୁ ନିଜେ ପ୍ରସ୍ତୁତ କରୁଥିବା ବେଳେ ଆଉ କିଛି ଟଙ୍କା ଦେଇ ଏହାକୁ ତିଆରି କରୁଛନ୍ତି। ତେବେ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, କୌଣସି ବାସ୍ତବ ମଣିଷର ଫଟୋକୁ ଏଆଇରେ ରୂପାନ୍ତରିତ କରିବା ଯୋଗୁ ଆଇନଗତ ସମସ୍ୟାର ସାମ୍ନା କରିବାକୁ ପଡ଼ିପାରେ। ବିଶେଷକରି କୌଣସି ବ୍ୟକ୍ତିଙ୍କ ଫଟୋକୁ ବିନା ଅନୁମତିରେ ଏପରି କରିବା ଦ୍ୱାରା ଫଟୋ ସମ୍ବନ୍ଧିତ ଅଧିକାର ଉଲ୍ଲଙ୍ଘନ ହୋଇପାରେ। ତେଣୁ କୌଣସି ମାଲିକ, ସହକର୍ମୀ, ଅନ୍ୟ ବ୍ୟକ୍ତିଙ୍କ ଫଟୋକୁ ଏଭଳି ଭାବେ ଉପଯୋଗ କରିବା ପୂର୍ବରୁ ଆଇନଗତ ଦିଗ ଉପରେ ଧ୍ୟାନ ଦେବା ଜରୁରି।

# ୨୧ ବର୍ଷ ପରେ ଖଳନାୟକ ଭୂମିକାରେ ଅଜୟ



ବଲିଉଡ୍ ଅଭିନେତା ଅଜୟ ଦେବଗନ୍‌ଙ୍କ ଅଭିନୀତ 'ଧମାଲ ୪' ନିକଟରେ ମୁକ୍ତିଲାଭ କରିଥିଲା। ଏହା ବକ୍ସ ଅଫିସ୍‌ରେ ଠିକ୍‌ଠାକ୍ ବିଜିନେସ୍ କରିଥିଲା। ଚଳିତ ବର୍ଷ ଅଜୟଙ୍କ ଅଭିନୀତ ଅନ୍ୟ ଦୁଇଟି ଫିଲ୍ମ 'ଦୃଶ୍ୟମ୍ ୩' ଓ 'ରେଞ୍ଜର' ମଧ୍ୟ ମୁକ୍ତିଲାଭ କରିବାକୁ ଯାଉଛି। ଇତିମଧ୍ୟରେ ତାଙ୍କର ଆଉ ଏକ ସିନେମାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ରୋହିତ ଜୁଗରାଜଙ୍କ ଆଗାମୀ ସିନେମା 'ଗୃହ ପ୍ରବେଶ'ରେ ସେ ଖଳନାୟକ ଭୂମିକାରେ ନଜର ଆସିବେ। ୨୦୦୫ରେ ଆସିଥିବା 'କାଲ୍' ଫିଲ୍ମରେ ଅଜୟ ଶେଷ ଥର ପାଇଁ ଖଳନାୟକ ଭାବେ ଦେଖାଯାଇଥିଲେ। ଏହି ଫିଲ୍ମର ୨୧ ବର୍ଷ ପରେ ସେ ପୁଣି ଥରେ ନକାରାତ୍ମକ ଚରିତ୍ରକୁ ଫେରୁଛନ୍ତି। ଏହି ସୁପରନ୍ୟାଚୁରାଲ୍ ହରର୍ ଥ୍ରୀଲର୍ ଫିଲ୍ମରେ ଅଜୟଙ୍କ ପାଖରେ କିଛି ଅଲୌକିକ ଶକ୍ତି ଥିବାର ଦେଖାଯିବ। 'ଗୃହ ପ୍ରବେଶ' ଫିଲ୍ମର ସୁଟିଂ ପ୍ରଥମେ ୟୁକେରେ ହେବାର ଥିଲା ଏବଂ ଏହା ଜୁଲାଇ ମାସରୁ ଆରମ୍ଭ ହେବାର ଯୋଜନା ଥିଲା। ଅଜୟଙ୍କ ଅନ୍ୟାନ୍ୟ ପ୍ରୋଜେକ୍ଟ ଯୋଗୁଁ ଏହାର ସୁଟିଂ ଆରମ୍ଭ ହୋଇ ପାରିନାହିଁ। ଆସନ୍ତା ସେପ୍ଟେମ୍ବର ମାସରୁ ଏହାର ସୁଟିଂ ଆରମ୍ଭ ହେବ। ପ୍ରଥମ ଭାଗର ସୁଟିଂ ମୁମ୍ବାଇରେ ହିଁ ହେବ। ସୁଟିଂ ସରିବା ପରେ ଫିଲ୍ମର ପରବର୍ତ୍ତୀ ସୁଟିଂ ପାଇଁ ପୂରା ଟିମ୍ ଲଣ୍ଡନ ଯିବ। ଏହାର କାହାଣୀ 'ଗରୁଡ଼ ପୁରାଣ'ରୁ ପ୍ରେରିତ ହୋଇଛି। ଏଥିରେ ଜୀବନ, ମୃତ୍ୟୁ, କର୍ମ, ଆତ୍ମା ଏବଂ ପୁନର୍ଜନ୍ମ ଭଳି ଗମ୍ଭୀର ବିଷୟଗୁଡ଼ିକୁ ଦେଖାଯିବ। ଫିଲ୍ମରେ ଅଜୟଙ୍କ ଭୂମିକା ଏକ ବିଚଳିତ ଆତ୍ମା ସହିତ ଜଡ଼ିତ ହେବ। ଅଜୟ ପୂର୍ବରୁ 'ଭୂତ', 'କାଲ' ଏବଂ 'ଶୈତାନ' ଭଳି ହରର୍ ଫିଲ୍ମରେ କାମ କରିଥିଲେ। ଏହି ଫିଲ୍ମଗୁଡ଼ିକ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିବାରୁ ଦର୍ଶକଙ୍କ ମଧ୍ୟରେ 'ଗୃହ ପ୍ରବେଶ'କୁ ନେଇ ବେଶ୍ ଉତ୍ସାହ ରହିଛି।

## 'ସକାଳ'ର ସ୍ୱାସ୍ଥ୍ୟ

# ଚିକେନ୍ ସ୍କିନ୍



ଅଧିକାଂଶ ଲୋକଙ୍କ ଚର୍ମ ଉପରେ ବ୍ରଣ ପରି ଲାଲ ଲାଲ ଫଳିଯାଏ। ଏହାର ଲକ୍ଷଣ ପ୍ରାୟତଃ ଜଣାପଡୁନଥିବାରୁ ଅଧିକାଂଶ ଏହାକୁ ଅଣଦେଖା କରିଥାନ୍ତି। ହେଲେ ଏହା 'ଚିକେନ୍ ସ୍କିନ୍'ର ସଙ୍କେତ ହୋଇପାରେ। ଡାକ୍ତରୀଭାଷାରେ ଏହାକୁ କେରାଟୋସିସ୍ ପିଲାରିସ୍ କୁହାଯାଏ। ଏହା ଏକ ଦୀର୍ଘସ୍ଥାୟୀ ଚର୍ମ ସମସ୍ୟା। ପିଲାମାନଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଏ।

ଚର୍ମରେ କେରାଟିନ୍ ନାମକ ପ୍ରୋଟିନ୍ ଅଧିକ ଜମା ହୋଇ ଲୋମକୂପଗୁଡ଼ିକୁ ବନ୍ଦ କରିଦିଏ ଏବଂ ଚର୍ମରେ ଛୋଟ ଛୋଟ ଦାନା ଦାନା ସୃଷ୍ଟି ହୋଇଥାଏ। ଏହାଛଡ଼ା ବଂଶାନୁଗତ, ଶୁଷ୍କ ଚର୍ମ ସମସ୍ୟା ଏହି ରୋଗର ମୂଳ କାରଣ। ବେଳେ ବେଳେ ଭିଟାମିନ୍ ଅଭାବରୁ ମଧ୍ୟ 'ଚିକେନ୍ ସ୍କିନ୍' ସୃଷ୍ଟି ହୋଇଥାଏ। ଅତ୍ୟଧିକ ଗରମ ପାଣିରେ ଗାଧୋଇବା, ଚର୍ମକୁ ଅଧିକ ରଗୁଡ଼ିବା, ମଏଶ୍ଚରାଇଜର ବ୍ୟବହାର ନ କରିବା, ଅଧିକ ସୁଗନ୍ଧିତ ସ୍କିନ୍ ପ୍ରଡକ୍ଟ ବ୍ୟବହାର ଆଦି ଅଭ୍ୟାସ ଏହି ସମସ୍ୟାକୁ ବଢ଼ାଇଦିଏ। ମେଦବହୁଳତା, ମଧୁମେହ, ଏକ୍‌ଜିମା ଥିବା ବ୍ୟକ୍ତିଙ୍କ ପାଇଁ ଏହା ଅଧିକ ବିପଦ।

**ଲକ୍ଷଣ:** ଶୀତଦିନେ କିମ୍ବା ଶୁଷ୍କପାଗରେ ଏହି ସମସ୍ୟା ଅଧିକ ଦେଖାଯାଏ। ହାତ ବାହୁ, ଜଙ୍ଘ, ଗାଲ, ନିତମ୍ବରେ ଛୋଟ ଛୋଟ ଲାଲ ରଙ୍ଗର ଦାନା ଭଳି ଫଳିଯାଏ। କୁକୁଡ଼ା ଛାଲ ପରି ଚର୍ମ ଅଧିକ ରୁକ୍ଷ ଲାଗେ। ଏହା ଯନ୍ତ୍ରଣାବିହୀନ। କୁଣ୍ଡାଇ ହୁଏ ନାହିଁ। କିଛିଜଣଙ୍କ କ୍ଷେତ୍ରରେ ବୟସ ବଢ଼ିବା ସାଙ୍ଗେ ସାଙ୍ଗେ ଏହି ଲକ୍ଷଣ ଆପେ ଭଲ ହୋଇଯାଏ। ଆଉ କିଛିଜଣ ଦୀର୍ଘଦିନ ଧରି ଏହି ସମସ୍ୟାରେ ପୀଡ଼ିତ ରୁହନ୍ତି। ତେବେ ଦୀର୍ଘଦିନ ଧରି ଏହି ସମସ୍ୟାରେ ପୀଡ଼ିତ ରହିଲେ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶରେ ଚିକିତ୍ସା କରିବା ଆବଶ୍ୟକ।

**ଚିକିତ୍ସା ପଦ୍ଧତି:** ଡାକ୍ତର ରୋଗର ତୀବ୍ରତା, ଲକ୍ଷଣ କିମ୍ବା ଚର୍ମର ସ୍ଥିତି ଅନୁଯାୟୀ ଚିକିତ୍ସା ପଦ୍ଧତି ଆପଣାନ୍ତି। ଚର୍ମକୁ ଆର୍ଦ୍ର ଏବଂ କୋମଳ ରଖିବା ପାଇଁ ନିୟମିତ ମଏଶ୍ଚରାଇଜର୍ ବ୍ୟବହାର କରିବା ଉଚିତ। ଔଷଧ ଦ୍ୱାରା ସୁଫଳ ନ ମିଳିଲେ ଲେଜର୍ ଟ୍ରିଟ୍‌ମେଣ୍ଟ ବ୍ୟବହାର କରାଯାଏ। ଚର୍ମକୁ ଅଧିକ ଘଷିବା ବା ଗରମ ପାଣିରେ ଗାଧୋଇବା ଅନୁଚିତ। ଏହାସହିତ ହାଲୁକା ନଖ ଉଷୁମ ପାଣିରେ ଗାଧୋଇବା, ପର୍ଯ୍ୟାପ୍ତ ପାଣି ପିଇବା, ଦୈନିକ ସନ୍ତୁଳିତ ଖାଦ୍ୟଗ୍ରହଣ, ଢିଲା ପୋଷାକ ପିନ୍ଧିବା, ମୃଦୁ ସାବୁନ ବ୍ୟବହାର କରିବା ଆଦି ଅଭ୍ୟାସ ଆପଣାଇପାରିବେ।

# ବହୁ ଉପକାରୀ ଘି-କୁଆଁରୀ ରସ



ଘି-କୁଆଁରୀରେ ଭିଟାମିନ୍, ଖଣିଜ, ଆଣ୍ଟି ଅକ୍ସିଡାଣ୍ଟ, କବକ ଏବଂ ଜୀବାଣୁ ନିରୋଧୀ ଗୁଣ ଆଦି ଭରପୂର ରହିଛି। ଔଷଧୀୟ ଗୁଣରେ ଭରପୂର ଘି-କୁଆଁରୀ ରସ ଖାଲିପେଟରେ ପିଇବା ଦ୍ୱାରା ନାନା ରୋଗ ଦୂର ହୋଇଥାଏ।

- ସକାଳୁ ଖାଲି ପେଟରେ ଦୁଇକପ୍ ନଖ ଉଷୁମ ପାଣିରେ ପାଞ୍ଚରୁ ତିରିଶ ମିଲି ଘି-କୁଆଁରୀ ରସ ବୟସ ଓ ଶାରୀରିକ ଓଜନ ଅନୁଯାୟୀ ଚିକିତ୍ସକଙ୍କ ପରାମର୍ଶକ୍ରମେ ପିଇଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଏବଂ ଅମ୍ଳଜନିତ ସମସ୍ୟା ଦୂର ହୁଏ।
- ନିୟମିତ ବ୍ୟବଧାନରେ ଘି-କୁଆଁରୀ ରସ ପିଇଲେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିବା ସହ ରକ୍ତ ଶର୍କରା ନିୟନ୍ତ୍ରଣରେ ରହିଥାଏ।
- ଓଜନ ନିୟନ୍ତ୍ରଣ ପାଇଁ ଘି-କୁଆଁରୀ ରସ ସର୍ବୋତ୍ତମ। ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ମାଂଶପେଶୀ ଏବଂ ସ୍ନାୟୁ ଠିକ୍ ଭାବେ କାର୍ଯ୍ୟ କରେ। ତେବେ ସର୍ବଦା ଡାକ୍ତରଙ୍କ ପରାମର୍ଶ ନେଇ ଅନୁମୋଦିତ ହାରରେ ଘି-କୁଆଁରୀ ରସ ପିଇବା ହିତକର।




# ଚକ୍ଷୁ ସଂକ୍ରମଣ

**ବର୍ଷାଦିନେ ଆର୍ଦ୍ରତା ଓ ପରିବେଶର ପରିବର୍ତ୍ତନ ଯୋଗୁଁ ବିଭିନ୍ନ ସଂକ୍ରମଣ ଜନିତ ସମସ୍ୟା ବୃଦ୍ଧି ପାଏ। ଏହିଦିନେ ସ୍ୱଚ୍ଛତାକୁ ଅଣଦେଖା କଲେ ଚକ୍ଷୁ ସଂକ୍ରମଣ ହୋଇଥାଏ। ସଂକ୍ରମିତ ଚକ୍ଷୁ ଲାଲ୍ ପଡ଼ି କୁଣ୍ଡାଇ ହେବା, ଆଖି ଜଳାପୋଡ଼ା ଆଦି ଲକ୍ଷଣ ଦେଖାଯାଏ।**



ବର୍ଷାଦିନେ ସନ୍ତସନ୍ତିଆ ପରିବେଶରେ ଜୀବାଣୁ ଏବଂ କବକ ବଂଶବୃଦ୍ଧି ହୁଏ। ଚକ୍ଷୁ ଅପରିଷ୍କାର ପାଣି ସଂସ୍ପର୍ଶରେ ଆସିଲେ, ଜନଗହଳିପୂର୍ଣ୍ଣ ସ୍ଥାନକୁ ଯିବା, ମଇଳା ହାତରେ ଆଖିକୁ ଛୁଇଁବା, ସଂକ୍ରମିତ ବ୍ୟକ୍ତିଙ୍କ ରୁମାଲ ବା ଗାମୁଛା ବ୍ୟବହାର କରିବା, କଣ୍ଟାକ୍ଟ ଲେନ୍ସକୁ ସଫା ନ କରି ବ୍ୟବହାର ଆଦି କାରଣରୁ ଚକ୍ଷୁ ସଂକ୍ରମଣ ହୋଇଥାଏ। ଓଦା ତଉଲିଆରେ ଆଖି ପୋଛିବା ଦ୍ୱାରା ମଧ୍ୟ ଚକ୍ଷୁ ସଂକ୍ରମଣ ହୋଇଥାଏ। ବିଶେଷକରି କଣ୍ଟାକ୍ଟ ଲେନ୍ସ ବ୍ୟବହାର କରୁଥିବା ବ୍ୟକ୍ତି, ଛୋଟପିଲା, ବୟସ୍କ ବ୍ୟକ୍ତି, ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି, ଚକ୍ଷୁ ଅସ୍ତ୍ରୋପଚାର ହୋଇଥିବା ବ୍ୟକ୍ତିଙ୍କ ପାଇଁ ଏହା ବିପଜ୍ଜନକ। ଏହିଦିନେ ଚକ୍ଷୁ ସଂକ୍ରମଣ ସହିତ ଆଖିଧରା, ଆଖିରେ ଆଲୁଅ କିମ୍ବା ଆଲର୍ଜି ଆଦି ଦେଖାଯାଏ। ତେଣୁ ଚକ୍ଷୁ ସଂକ୍ରମଣ ରୋକିବାକୁ ଅପରିଷ୍କାର ହାତରେ ଆଖିକୁ ବାରମ୍ବାର ନଛୁଇଁବା, ନିଜର ବ୍ୟବହୃତ ତଉଲିଆ, ତକିଆ ବା ରୁମାଲକୁ ଅନ୍ୟମାନଙ୍କ ସହ ସେୟାର ନ କରିବା, ସଫା ଏବଂ ଶୁଖିଲା ରୁମାଲ ଉପଯୋଗ କରିବା ଆବଶ୍ୟକ। ଆଖିରେ ଯନ୍ତ୍ରଣା ହୋଇ ଝାପ୍‌ସା ଦେଖାଯାଉଥିଲେ ତଥା ଚକ୍ଷୁ ସଂକ୍ରମଣ ଦେଖାଦେଲେ ମନଇଚ୍ଛା ଔଷଧ ବ୍ୟବହାର ନ କରି ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ।

## ଘର ବଇଦ

# ହାଡ଼ ଭାଙ୍ଗିଲେ...

- ଅର୍ଜୁନ ଗଛର ଛାଲିର ଚୂର୍ଣ୍ଣ ସୁକି ଓଜନଠାରୁ ଅଧୁଲି ଓଜନ ଘିଅ ଓ ମହୁ ସହିତ ଖାଇଲେ ଭଙ୍ଗା ହାଡ଼ ଯୋଡ଼ି ହୁଏ।
- ବାବୁଲ ଗଛର ଛେଲିକୁ ଚୂର୍ଣ୍ଣ କରି ସେହି ଚୂର୍ଣ୍ଣ ସୁକି ଓଜନଠାରୁ ଅଧୁଲି ଓଜନ ମହୁ ସହିତ ତିନି ଦିନ ଖାଇଲେ ଭଙ୍ଗାହାଡ଼ ଯୋଡ଼ି ହୋଇଯାଏ।
- ବାବୁଲ ମଞ୍ଜିର ଚୂର୍ଣ୍ଣ ମହୁ ସାଙ୍ଗରେ ତିନିଦିନ ଖାଇଲେ ହାଡ଼ ଯୋଡ଼ି ହୋଇଯାଏ ଏବଂ ବଜ୍ର ପରି ମଜବୁତ ହୁଏ।
- ଚକାପତ୍ର ବଜ୍ରମୂଳୀର ପତ୍ରକୁ ଚକଟି ସାମାନ୍ୟ ପାଣି ମିଶାଇ ରସ ବାହାର କରି ଦେହର ଯେଉଁ ପାଖ ଅଙ୍ଗରେ ହାଡ଼ ଭାଙ୍ଗିଥିବ ତାର ବିପରୀତ ପାଖ କାନରେ ସେହି ରସ ପକାଇଲେ ହାଡ଼ ଯୋଡ଼ି ହୋଇଯାଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ରୋଗଗ୍ରସ୍ତ ଯକୃତର ଲକ୍ଷଣ

**ଯକୃତ ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଖାଦ୍ୟ ହଜମ କରିବା ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ହେଲେ ବର୍ତ୍ତମାନର ବିଶୃଙ୍ଖଳିତ ଜୀବନଶୈଳୀ, ଖାଦ୍ୟପେୟ, ଚିନ୍ତା, ନିଶା ସେବନ ଆଦି କାରଣ ଯୋଗୁଁ ଯକୃତ ଉପରେ ଖରାପ ପ୍ରଭାବ ପଡୁଛି। ତେଣୁ ଯକୃତ ରୋଗଗ୍ରସ୍ତ ହେଲେ ଭିନ୍ନ ଭିନ୍ନ ଲକ୍ଷଣକୁ ଅଣଦେଖା କରିବା ଅନୁଚିତ।**



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁସାରେ, ଯକୃତ ଖରାପ ହେଲେ ଏହା ସ୍ନାୟୁ ଉପରେ ଚାପ ପକାଇଲେ ଡାହାଣ କାନ୍ଧରେ ଯନ୍ତ୍ରଣା ହୁଏ। ଅକ୍ଲାପଥ, ଓଜନହ୍ରାସ, ଜଣ୍ଡିସ୍, ଗୋଡ଼ହାତ ଫୁଲା ଭଳି ଲକ୍ଷଣ ଦେଖାଯାଏ। ସେହିପରି ଯକୃତ ଠିକ୍ ଭାବେ ପିତ୍ତ ନିର୍ଗତ କରି ନ ପାରିଲେ ରକ୍ତରେ ବିଲିରୁବିନ ଜମା ହୋଇ ଚର୍ମ କୁଣ୍ଡାଇ ହୁଏ। ଲଗାତାର ଚର୍ମ ଶୁଷ୍କ କିମ୍ବା କୁଣ୍ଡାଇ ହେବା ଯକୃତ ରୋଗର ପ୍ରାରମ୍ଭିକ ଲକ୍ଷଣ। ବିଶେଷ କରି ଫ୍ୟାଟି ଲିଭର କିମ୍ବା ଲିଭର ସିରୋସିସ୍ ଭଳି ଦୀର୍ଘକାଳୀନ ରୋଗରେ ପୀଡ଼ିତ ନିଦ ଭାଙ୍ଗିବା ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଖାଇବା ପରେ ପେଟ ଭାରି କିମ୍ବା ବାନ୍ତି ଅନୁଭବ ମଧ୍ୟ ଯକୃତ ସମସ୍ୟାର ଲକ୍ଷଣ ହୋଇପାରେ। ଏହା ପ୍ରଦାହ, ଫ୍ୟାଟିଲିଭର କିମ୍ବା ଯକୃତରେ ତରଳ ପଦାର୍ଥ ଜମା ହେବା ଭଳି ସମସ୍ୟାକୁ ସୂଚାଏ। ଉପରୋକ୍ତ ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶରେ ଲିଭର ଫଙ୍କସନ୍ ଟେଷ୍ଟ (ଏଲ୍‌ଏଫ୍‌ଟି) କରି ଚିକିତ୍ସା କରିବା ଆବଶ୍ୟକ। ପରିବାରରେ କାହାର ଯକୃତ ଜନିତ ରୋଗ ଥିଲେ ଏହି ଟେଷ୍ଟ କରିବା ଆବଶ୍ୟକ। ଏହି ପରୀକ୍ଷାରୁ ରକ୍ତରେ ଏଲ୍‌ବ୍ୟୁମିନ୍ (ପ୍ରୋଟିନ୍), ବିଲିରୁବିନ (ଅପଶିଷ୍ଟ ପଦାଥ) ଏବଂ ଏଞ୍ଜାଇମ୍ ଯାଞ୍ଚ କରାଯାଏ।

## କଲମ୍ବୋ ଟେଷ୍ଟକୁ ଡ୍ର' ରଖିଲା ଶ୍ରୀଲଙ୍କା

# ଭାରତର ବିଜୟରେ ବାଧକ ସାଜିଲେ ସୋନାଲ

କଲମ୍ବୋ, ୨୭ ।୮ (ଏଜେନ୍ସି)




ନିରାଶ ଶୁବମନ୍ ଗିଲ୍

ସ୍ଥାନୀୟ ସିଂହଳୀଜ ସ୍ପୋର୍ଟ୍ସ କ୍ଲବରେ ଭ୍ରମଣକାରୀ ଭାରତ ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟକୁ ଶ୍ରୀଲଙ୍କା ଡ୍ର ରଖିବାରେ ସଫଳ ହୋଇଛି। ଫଲୋଅନ ପାଇ ଦ୍ୱିତୀୟ ଇନିଂସରେ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ଘରୋଇ ଶ୍ରୀଲଙ୍କା ପାଇଁ ସୋନାଲ ଦିନୁଶା ତ୍ରାଣକର୍ତ୍ତା ସାଜିଥିଲେ। ପ୍ରଥମ ପାଳିରେ ଶତକ (୧୦୩ ରନ) ହାସଲ କରିଥିବା ୨୫ ବର୍ଷୀୟ ଏହି ବାମହାତୀ ବ୍ୟାଟର ଦ୍ୱିତୀୟ ପାଳିରେ ମଧ୍ୟ ୧୩୩ ରନର ମାରାଥନ ଅପରାଜିତ ଶତକୀୟ ପାଳି ଖେଳିବା ସହ ଭାରତର ଏକ ନିଶ୍ଚିତ ବିଜୟ ଆଶାକୁ ଧୂଳିସାତ୍ କରିଦେଇଥିଲେ। ସୋନାଲ ଏକାକୀ ୪୪ ଓଭର ତଥା ୨୬୪ଟି ବଲ୍ ଖେଳି ଭାରତୀୟ ବୋଲରଙ୍କୁ ୱିକେଟ ପାଇଁ ଅଣାୟତ କରିଦେଇଥିଲେ। ଫଳରେ ଏକଦା ବିଜୟସ୍ଥିତିରେ ରହିଥିବା ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆକୁ ଶେଷରେ ଡ୍ର'ରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ଭାରତ ସିରିଜ କ୍ଲିନସୁଇପ୍ କରିବାରୁ ମଧ୍ୟ ବଞ୍ଚିତ ହୋଇଛି। ପୂର୍ବରୁ ଗଲ୍ ଟେଷ୍ଟକୁ ୧୬୫ ରନରେ ଜିତିଥିବା ଭାରତ ଏବେ ୧-୦ରେ ସିରିଜ ଜିତି ସ୍ୱଦେଶ ଫେରିଛି।

୨୧୩ ରନ ପଛରେ ଥାଇ ଫଲୋଅନ୍ ହୋଇଥିବା ଶ୍ରୀଲଙ୍କା ବୁଧବାର ଚତୁର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୨୨୯ ରନ କରିଥିଲା। ହାତରେ ଆଉ ୪ଟି ୱିକେଟ୍ ବାକିଥିବାବେଳେ ସିଂହଳୀ ଦଳ ମାତ୍ର ୧୬ ରନରେ ଅଗ୍ରଣୀ ରହିଥିଲା। ତେଣୁ ଗୁରୁବାର ଅନ୍ତିମ ତଥା ପଞ୍ଚମ ଦିବସର ପ୍ରଥମ ସେସନରେ ଶ୍ରୀଲଙ୍କାକୁ ସଅଳ ଅଲଆଉଟ୍ କରି ଭାରତ ସହଜ ବିଜୟ ଲକ୍ଷ୍ୟରେ ରହିଥିଲା। କିନ୍ତୁ ଭାରତର ଏହି ବିଜୟପଥରେ ସୋନାଲ ଦିନୁଶା ଓ ୯ ନମ୍ବର ବ୍ୟାଟର୍ କେଶରା ନୁୱାନ୍ଥା ବାଧକ ସାଜିଥିଲେ। ପୂର୍ବଦିନର ସ୍କୋର ୭ରୁ ବ୍ୟାଟିଂ ଆରମ୍ଭ କରିଥିବା ସୋନାଲ ଆଜି ଖେଳିଥିଲେ ଏକ ଧୈର୍ଯ୍ୟପୂର୍ଣ୍ଣ ଶତକୀୟ ପାଳି। ସେହିଭଳି ୩ ରନରୁ ବ୍ୟାଟିଂ ଆରମ୍ଭ କରିଥିବା ନୁୱାନ୍ଥା ୪୬ ରନର ଏକ ଉପଯୋଗୀ ପାଳି ଖେଳିଥିଲେ। ସପ୍ତମ ୱିକେଟ ଭାଗୀଦାରିରେ ଏହି ଦୁଇ ବ୍ୟାଟର୍ ୨୪୨ ବଲରୁ ୧୧୨ ରନ ଉଠାଇ ଶ୍ରୀଲଙ୍କାକୁ ନିଶ୍ଚିତ ପରାଜୟରୁ ରକ୍ଷା କରିଥିଲେ। ତେବେ ସବୁଠୁ ବଡ଼ କଥା ହେଉଛି ସୋନାଲ ୨୬୪ଟି ଓ ନୁୱାନ୍ଥା ୧୫୦ଟି ବଲ୍ ଖେଳି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଉଭୟ ଏତେ ରକ୍ଷଣାତ୍ମକ ଖେଳିଥିଲେ ଯେ ଭାରତ ୱିକେଟ ପାଇଁ ନୟାନ୍ତ ହୋଇଥିଲା। ତେବେ ୪୬ ରନରେ ନୁୱାନ୍ଥଙ୍କୁ ଆଉଟ୍ କରି ମାନବ ସୁତାର ଭ୍ରମଣକାରୀ ଦଳକୁ ପ୍ରତିକ୍ଷୀତ ବ୍ରେକ୍‌ଥ୍ରୁ ଦେଇଥିଲେ। କିନ୍ତୁ ସୋନାଲ ପରବର୍ତ୍ତୀ ତିନି ବ୍ୟାଟର୍ ପ୍ରବଥା ଜୟସୁରିଆ (୨୮ ବଲରେ ୨ ରନ), ଲାହିରୁ କୁମାରା (୯୦ ବଲରେ ୧୨ ରନ) ଓ ଅସିଥା ଫର୍ଣ୍ଣାଣ୍ଡୋ (୨୪ ବଲରେ ଶୂନ)ଙ୍କୁ ସାଥ୍ କରି ଭାରତୀୟ ବୋଲରଙ୍କୁ ଆହୁରି ନୟାନ୍ତ କରିଥିଲେ। ଫଳରେ ଦିବସରେ ୮୦.୪ ଓଭର ବୋଲିଂ କରିଥିଲେ ମଧ୍ୟ ଶ୍ରୀଲଙ୍କାକୁ ଅଲଆଉଟ୍ କରିବାକୁ ଭାରତ ସମର୍ଥ ହୋଇପାରି ନ ଥିଲା। ଏପରିକି ଭାରତୀୟ ଅଧିନାୟକ ଗିଲ୍ ୮ଜଣ ବୋଲରଙ୍କୁ ଲଗାଇଥିଲେ ମଧ୍ୟ କେହି ପ୍ରଭାବୀ ସାବ୍ୟସ୍ତ ହୋଇପାରି ନ ଥିଲେ। ୱିକେଟ ଆଶାରେ ନିଜେ ଗିଲ୍ ୨ ଓ ଯଶସ୍ୱୀ ଜୟସ୍ୱାଲ ଓ ଧ୍ରୁବ ଜୁରେଲ ମଧ୍ୟ ଶେଷକୁ ଗୋଟିଏ ଲେଖାଏ ଓଭର ବୋଲିଂ କରିଥିଲେ। ଖେଳ ଶେଷବେଳକୁ ଶ୍ରୀଲଙ୍କା ୯ ୱିକେଟରେ ୪୨୯ ରନ କରିଥିଲା। ସୋନାଲ ୧୩୩ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଭାରତ ପକ୍ଷରୁ ସୁତାର ଓ ରବୀନ୍ଦ୍ର ଜାଡେଜା ୩ଟି ଲେଖାଏ ୱିକେଟ ନେଇଥିଲେ। ସିରିଜରେ ମୋଟ୍ ୩୨୮ ରନ କରିଥିବା ଦେବଦତ୍ତ ପାଡ଼ିକଲ ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ**: ୫୦୩/୯ ଘୋଷଣା (ପାଡ଼ିକଲ- ୧୧୭, ଜୁରେଲ- ୧୧୫*, ପନ୍ତ- ୬୩, ଫର୍ଣ୍ଣାଣ୍ଡୋ- ୪/୧୦୬)

**ଶ୍ରୀଲଙ୍କା ପ୍ରଥମ ଇନିଂସ**: ୨୯୦/୧୦ (ସୋନାଲ- ୧୦୩, ପାସିନ୍ଦୁ- ୮୦, ପ୍ରସିଦ୍ଧ- ୩/୫୨, ସୁତାର- ୩/୮୫)

**ଶ୍ରୀଲଙ୍କା ଦ୍ୱିତୀୟ ପାଳି**: ୪୨୯/୯ (ସୋନାଲ- ୧୩୩*, ପାସିନ୍ଦୁ- ୯୨, ନୁୱାନ୍ଥା- ୪୬, ଜାଡେଜା- ୩/୯୪)।

## ଅଷ୍ଟ୍ରେଲିଆ-ଏ ବିପକ୍ଷ ଦ୍ୱିପାକ୍ଷିକ ସିରିଜ୍

# ଭାରତ-ଏ ଦଳରେ ଓଡ଼ିଶାର ସୁଶ୍ରୀଙ୍କୁ ସୁଯୋଗ



ଭୁବନେଶ୍ୱର, ୨୭ ।୮ (ସମିସ): ବହୁବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଓଡ଼ିଶାର ଜଣେ କ୍ରିକେଟର୍ ଜାତୀୟ ଦଳ ପକ୍ଷରୁ ଖେଳିବାର ସୁଯୋଗ ପାଇଛନ୍ତି। ଆଗାମୀ ଅଷ୍ଟ୍ରେଲିଆ-ଏ ମହିଳା ଦଳ ବିପକ୍ଷ ଦ୍ୱିପାକ୍ଷିକ ସିରିଜ ଲାଗି ଗୁରୁବାର ଘରୋଇ ଭାରତ-ଏ ଦଳ ଘୋଷଣା କରାଯାଇଛି। ଯେଉଁଥିରେ ଓଡ଼ିଶାର ଅଭିଜ୍ଞ ସ୍ପିନ-ଅଲ୍‌ରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ଏକମାତ୍ର ଚାରିଦିବସୀୟ ଟେଷ୍ଟ ମ୍ୟାଚ୍ ଲାଗି ଭାରତ-ଏ ମହିଳା ଦଳରେ ସ୍ଥାନ ମିଳିଛି। ଭାରତୀୟ ସିନିଅର ମହିଳା କ୍ରିକେଟର ଯଷ୍ଟିକା ଭାଟିଆଙ୍କୁ ଏହି ଦଳର ନେତୃତ୍ୱ ଭାର ଦିଆଯାଇଛି। ଢେଙ୍କାନାଳ ଜନ୍ମିତ ସୁଶ୍ରୀ ଜଣେ ଅଫ୍-ସ୍ପିନର ସହ ମଧ୍ୟକ୍ରମରେ ଉପଯୋଗୀ ପାଳି ଖେଳିବାର ଦକ୍ଷତା ରଖିଛନ୍ତି। ୨୮ ବର୍ଷୀୟା ସୁଶ୍ରୀ ଓଡ଼ିଶା ପକ୍ଷରୁ ୧୧ଟି ପ୍ରଥମଶ୍ରେଣୀ, ୮୭ଟି ଲିଷ୍ଟ-ଏ ଓ ୬୯ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ତିନୋଟି ଯାକ ଫର୍ମାଟରେ ତାଙ୍କ ନାମରେ ୨୦୦୦ ରନ ସହ ୨୦୮ଟି ୱିକେଟ ଲିପିବଦ୍ଧ ରହିଛି। ଯଦି ଅଷ୍ଟ୍ରେଲିଆ-ଏ ବିପକ୍ଷ ଏକମାତ୍ର ଚାରି-ଦିବସୀୟ ଟେଷ୍ଟ ମ୍ୟାଚରେ ସୁଶ୍ରୀ ପ୍ରଭାବୀ ପ୍ରଦର୍ଶନ କରନ୍ତି ତେବେ ଆଗାମୀ ଦିନରେ ତାଙ୍କୁ ଜାତୀୟ ସିନିଅର ଦଳରେ ଖେଳିବାର ସମ୍ଭାବନା ସୃଷ୍ଟି କରିବ। ଉଲ୍ଲେଖଯୋଗ୍ୟ ଅଷ୍ଟ୍ରେଲିଆ-ଏ ମହିଳା ଦଳ ଭାରତ ଗସ୍ତରେ ଆସି ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ତିନୋଟି ଲେଖାଏ ଟି-୨୦, ଦିନିକିଆ ଓ ଗୋଟିଏ ଚାରି-ଦିବସୀୟ ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ନ୍ୟୁ ଚଣ୍ଡିଗଡ଼ରେ ଟି-୨୦ ଏବଂ ଧର୍ମଶାଳାରେ ଦିନିକିଆ ଓ ଟେଷ୍ଟ ମ୍ୟାଚଟି ଖେଳାଯିବ। ଯଷ୍ଟିକା ଟେଷ୍ଟ ସହ ଦିନିକିଆ ଦଳର ନେତୃତ୍ୱ ନେବେ। ସେହିଭଳି ଅନୁଷ୍କା ଶର୍ମାଙ୍କୁ ଟି-୨୦ ଦଳର ଅଧିନାୟିକା ନିଯୁକ୍ତ କରାଯାଇଛି।

## ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲ୍

# ଭାରତ ପାଇଁ ନୂଆ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୨୭ ।୮ (ଏଜେନ୍ସି): ଶ୍ରୀଲଙ୍କା ବିପକ୍ଷରେ କଲମ୍ବୋରେ ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତକୁ ଏକ ଡ୍ର'ର ସାମ୍ନା କରିବାକୁ ପଡ଼ିଛି। ଫଳରେ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ରେ ଭାରତର ଫାଇନାଲ୍ ଖେଳିବା ଆଶାକୁ ବଡ଼ଧରଣର ଝଟକା ଲାଗିଛି। ଭାରତ ଏବେ ଡବ୍ଲ୍ୟୁଟିସି ପଏଣ୍ଟ ତାଲିକାରେ ପଞ୍ଚମ ସ୍ଥାନକୁ ଖସିଆସିଛି। ଶ୍ରୀଲଙ୍କା ବିପକ୍ଷରେ ସୁଯୋଗ ହାତଛଡ଼ା ହେବା କାରଣରୁ ଭାରତ ପାଇଁ ଫାଇନାଲ୍ ରାସ୍ତା କଠିନ ହୋଇଯାଇଛି। ଆଗାମୀ ଦିନରେ ବିଦେଶ ଏବଂ ଘରୋଇ ମାଟିରେ ହେବାକୁ ଥିବା ଟେଷ୍ଟ ସିରିଜ୍ ଗିଲ୍ ବାହିନୀର ଫାଇନାଲ ଖେଳିବାର ଭାଗ୍ୟ ନିର୍ଦ୍ଧାରଣ କରିବ। ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଡ୍ର' ହେବା ପରେ ଭାରତର ପଏଣ୍ଟ ପ୍ରତିଶତ (ପିସିଟି) ୫୩.୩୩ରୁ ହ୍ରାସ ପାଇ ୫୧.୫୨କୁ ଖସି ଆସିଛି। ବର୍ତ୍ତମାନ ଭାରତ ପାଞ୍ଚଟି ବିଜୟ ସହ ମୋଟ ୬୮ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ପଞ୍ଚମ ସ୍ଥାନରେ ରହିଛି। ଭାରତୀୟ ଦଳ ନଭେମ୍ବର ମାସରେ ନ୍ୟୁଜିଲାଣ୍ଡ ଗସ୍ତ କରି ସେଠାରେ ଘରୋଇ ଦଳ ବିପକ୍ଷରେ ଦୁଇଟି ଟେଷ୍ଟ ମ୍ୟାଚ୍ ସିରିଜ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହାପରେ ୨୦୨୭ ମସିହାର ପ୍ରାରମ୍ଭରେ ଭାରତ ନିଜ ମାଟିରେ ଅଷ୍ଟ୍ରେଲିଆ ବିପକ୍ଷରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ ଖେଳିବ। ଡବ୍ଲ୍ୟୁଟିସି ଫାଇନାଲ୍ ଦୌଡ଼ରେ ରହିବାକୁ ହେଲେ ଭାରତକୁ ଏହି ସମସ୍ତ ସାତୋଟି ମ୍ୟାଚ୍‌ରେ ଅତ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିବାକୁ ପଡ଼ିବ।

# ଆଜିଠୁ ମହିଳା ଏସିଆ କପ୍ କ୍ରିକେଟ




ଦୁବାଇ, ୨୭ ।୮ (ଏଜେନ୍ସି): ମହିଳା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୦ମ ସଂସ୍କରଣ ଶୁକ୍ରବାରଠାରୁ ୟୁଏଇରେ ଆରମ୍ଭ ହେବାକୁ ଯାଉଛି। ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ମହାଦେଶୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଏଥର ଟି-୨୦ ଫର୍ମାଟ୍‌ରେ ଖେଳାଯିବ। ଆୟୋଜକ ୟୁଏଇ ସମେତ ୮ଟି ଏସୀୟ ଦଳ ଏଥର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ରେକର୍ଡ ୭ଥରର ଚାମ୍ପିଅନ ଭାରତ ସମେତ ପାକିସ୍ତାନ, ଥାଇଲାଣ୍ଡ ଓ ହଂକଂ ଗ୍ରୁପ୍-ଏ'ରେ ସ୍ଥାନ ପାଇଛନ୍ତି। ସେହିଭଳି ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା, ବାଂଲାଦେଶ, ଇଣ୍ଡୋନେସିଆ ଓ ଆୟୋଜକ ୟୁଏଇ ଗ୍ରୁପ୍-ବି'ରେ ରହିଛନ୍ତି। ପ୍ରତି ଗ୍ରୁପ୍‌ର ଦୁଇଟି ଲେଖାଏ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ସେପ୍ଟେମ୍ବର ୧୦ ଓ ୧୧ରେ ଯଥାକ୍ରମେ ଦୁଇଟି ଯାକ ସେମିଫାଇନାଲ ଏବଂ ସେପ୍ଟେମ୍ବର ୧୩ରେ ଫାଇନାଲ ଖେଳାଯିବ। ହଂକଂ ଓ ଥାଇଲାଣ୍ଡ ମଧ୍ୟରେ ଶୁକ୍ରବାର ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହେବ। ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ଅଗଷ୍ଟ ୩୦ରେ ଥାଇଲାଣ୍ଡ ବିପକ୍ଷରେ ଖେଳି ଏସିଆ କପ୍‌ରେ ଅଭିଯାନ ଆରମ୍ଭ କରିବ। ଏହାପରେ ସେପ୍ଟେମ୍ବର ୩ରେ ହଂକଂ ଓ ୫ ତାରିଖରେ ପାକିସ୍ତାନ ବିପକ୍ଷ ହାଇଭୋଲଟେଜ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

### ଭାରତୀୟ ମହିଳା ଦଳ

ହରମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଶେଫାଳି ବର୍ମା, ଭାରତୀ ଫୁଲମଣି, ଦୀପ୍ତି ଶର୍ମା, ରିଚା ଘୋଷ, ଜି. କମଳିନୀ, ଅରୁନ୍ଧତୀ ରେଡ୍ଡୀ, ପ୍ରେମା ରାୱତ, ରାଧା ଯାଦବ, ଶ୍ରୀ ଚରଣୀ, ରେଣୁକା ଠାକୁର, ନନ୍ଦିନୀ ଶର୍ମା, କ୍ରାନ୍ତି ଗୌଡ଼ ଓ ପ୍ରତିକା ରାୱଲ।

# ଭାରତୀୟ ଯୁବ ଦଳରେ ସେହ୍ୱାଗ, ଦ୍ରାବିଡଙ୍କ ପୁଅ





ନୂଆଦିଲ୍ଲୀ, ୨୭ ।୮ (ଏଜେନ୍ସି): ଅଷ୍ଟ୍ରେଲିଆ ଯୁବ ଦଳ ବିପକ୍ଷ ଆଗାମୀ ଦ୍ୱି-ପାକ୍ଷିକ ସିରିଜ ଲାଗି ଗୁରୁବାର ଭାରତୀୟ ୧୯ ବର୍ଷରୁ କମ୍ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଯେଉଁଥିରେ ଦୁଇ ଦିଗଜ ପୂର୍ବତନ କ୍ରିକେଟର୍ ବୀରେନ୍ଦ୍ର ସେହ୍ୱାଗ ଓ ରାହୁଲ ଦ୍ରାବିଡଙ୍କ ପୁଅଙ୍କୁ ସୁଯୋଗ ମିଳିଛି। ଅଷ୍ଟ୍ରେଲିଆ ଯୁବ ଦଳ ବିପକ୍ଷ ଦିନିକିଆ ସିରିଜ ଲାଗି ଘୋଷିତ ୧୫ ଜଣିଆ ଦଳରେ ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ଓ ଦ୍ରାବିଡ୍‌ଙ୍କ ସାନ ପୁଅ ଅନଭୟଙ୍କୁ ସାମିଲ କରାଯାଇଛି। ଡାହାଣହାତୀ ବ୍ୟାଟର୍ ଆର୍ଯ୍ୟବୀର ନିକଟରେ ଦିଲ୍ଲୀ ପ୍ରିମିଅର ଲିଗ୍‌ରେ ୱେଷ୍ଟ ଦିଲ୍ଲୀ ଦଳ ପକ୍ଷରୁ ଖେଳୁଥିଲେ। ପିତା ବୀରେନ୍ଦ୍ରଙ୍କ ପରି ଆର୍ଯ୍ୟବୀର ମଧ୍ୟ ଜଣେ ବିସ୍ଫୋରକ ବ୍ୟାଟର୍। ୨୦୨୪ରେ କୁଚ୍ ବିହାର ଟ୍ରଫିରେ ସେ ମେଘାଳୟ ବିପକ୍ଷରେ ୨୯୭ ରନ କରି ଚର୍ଚ୍ଚାର ପରିଧିକୁ ଆସିଥିଲେ। ଅପରପକ୍ଷରେ ଦ୍ରାବିଡଙ୍କ ପୁଅ ଅନଭୟ ଜଣେ ୱିକେଟ-କିପର ବ୍ୟାଟର୍। ନିକଟରେ ଶ୍ରୀଲଙ୍କା ଗସ୍ତରେ ଯାଇଥିବା ଭାରତୀୟ ୧୯ ବର୍ଷରୁ କମ୍ ଦଳରେ ମଧ୍ୟ ସେ ସ୍ଥାନ ପାଇ ୮୭ ରନର ଏକ ଦର୍ଶନୀୟ ଇନିଂସ ଖେଳିଥିଲେ। ଅଷ୍ଟ୍ରେଲିଆ ଓ ଭାରତ ୧୯ ବର୍ଷରୁ କମ୍ ଦଳ ମଧ୍ୟରେ ଦିନିକିଆ ସିରିଜ ସେପ୍ଟେମ୍ବର ୧୮ରୁ ଆରମ୍ଭ ହେବ। ସେହିଭଳି ଚାରି-ଦିବସୀୟ ଦୁଇଟି ଟେଷ୍ଟ ମ୍ୟାଚ୍ ଯଥାକ୍ରମେ ସେପ୍ଟେମ୍ବର ୨୭ ଓ ଅକ୍ଟୋବର ୫ରୁ ଖେଳାଯିବ। ଦିନିକିଆ ସିରିଜ ଓ ପ୍ରଥମ ଟେଷ୍ଟ ରାଜକୋଟରେ ଅନୁଷ୍ଠିତ ହେବ। ସେହିଭଳି ଦ୍ୱିତୀୟ ଟେଷ୍ଟଟି ଅହମ୍ମଦାବାଦରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ତେବେ ଉଭୟ ଆର୍ଯ୍ୟବୀର ଓ ଅନଭୟଙ୍କୁ ଟେଷ୍ଟ ଦଳରେ ସ୍ଥାନ ମିଳିନାହିଁ।

## ମହିଳା ହକି ବିଶ୍ୱକପ୍

# ପଞ୍ଚମ ସ୍ଥାନରେ ରହିଲା ଭାରତ

ଆମଷ୍ଟେଲଭିନ, ୨୭ ।୮ (ଏଜେନ୍ସି): ନେଦରଲ୍ୟାଣ୍ଡସରେ ଚାଲିଥିବା ମହିଳା ହକି ବିଶ୍ୱକପରେ ଭାରତ ୫ମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ପୂର୍ବରୁ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିବା ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତ ଗୁରୁବାର ପଞ୍ଚମ-ଷଷ୍ଠ ସ୍ଥାନ ପାଇଁ ଜର୍ମାନୀ ସହ କ୍ଲାସିଫିକେସନ ମ୍ୟାଚ୍ ଖେଳିଥିଲା। ଏହି ମ୍ୟାଚକୁ ୩-୧ ଗୋଲରେ ବିଜୟୀ ହୋଇଥିଲା। ଭାରତ ପକ୍ଷରୁ ନବନୀତ୍ କୌର ଦୁଇଟି ଗୋଲ୍ ଦେଇଥିଲେ। ମହିଳା ହକି ବିଶ୍ୱକପ୍ ଇତିହାସରେ ଭାରତର ଏହା ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନ ହୋଇଛି। ୧୯୭୪ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ଭାରତ ୪ର୍ଥ ସ୍ଥାନ ହାସଲ କରିଥିଲା। ଏହାପରେ ୧୯୭୮ରେ ସପ୍ତମ, ୧୯୮୩ରେ ୧୧ତମ, ୧୯୯୮ରେ ୧୨ତମ, ୨୦୦୬ରେ ୧୧ତମ, ୨୦୧୦ରେ ୯ମ, ୨୦୧୮ରେ ୮ମ ଓ ୨୦୨୨ରେ ୯ମ ସ୍ଥାନରେ ରହିଥିଲା। ମହିଳା ବିଶ୍ୱକପର ଦୁଇଟି ଯାକ ସେମିଫାଇନାଲ ଯଥାକ୍ରମେ ନେଦରଲ୍ୟାଣ୍ଡସ-ବେଲ୍‌ଜିୟମ ଏବଂ ଆର୍ଜେଣ୍ଟିନା-ଅଷ୍ଟ୍ରେଲିଆ ମଧ୍ୟରେ ଆଜି ରାତିରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଅଗଷ୍ଟ ୨୯ରେ କାଂସ୍ୟ ପଦକ ଓ ସ୍ୱର୍ଣ୍ଣ ପଦକ ଲାଗି ମ୍ୟାଚ୍ ଖେଳାଯିବ। ଅପରପକ୍ଷରେ ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ପୁରୁଷ ହକି ଦଳ ବିଶ୍ୱକପରେ ଶୁକ୍ରବାର ୭ମ ଓ ଅଷ୍ଟମ ସ୍ଥାନ ଲାଗି ବେଲଜିୟମ ସହ ଖେଳିବ।

## ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ସ୍ନୁକର

# ସୁବ୍ରତଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଲେ ଶାରଦା



ଭୁବନେଶ୍ୱର, ୨୭ ।୮ (ସମିସ): ଏଠାରେ ଚାଲିଥିବା ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ପୂର୍ବାଞ୍ଚଳ ଓପନ୍ ୧୦ ରେଡ୍ ସ୍ନୁକର ଚାମ୍ପିଅନସିପ୍‌ରେ ଗୁରୁବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଶାରଦା ବେହେରା ଦମ୍‌ଦାର ପ୍ରଦର୍ଶନ କରି ୩-୦ ଫ୍ରେମରେ ଟପ୍ ସିଡ୍ ସୁବ୍ରତ ଦାସଙ୍କୁ ହରାଇ ଦେଇଛନ୍ତି। ସେହିଭଳି ଦିବସରେ ଅନୁଷ୍ଠିତ ଅନ୍ୟ ମୁକାବିଲାଗୁଡ଼ିକରେ ସୋଏବ ଖାନ ୩-୦ରେ ଚନ୍ଦ୍ର ମହାନ୍ତିଙ୍କୁ, ନିଶାନ୍ତ ବିଶ୍ୱାଳ ୩-୧ରେ ଅବିନାଶ ମହାପାତ୍ରଙ୍କୁ, ନିଶି ପ୍ରକାଶ ଦାସ ୩-୧ରେ ତାରିଣୀ ସାମଲଙ୍କୁ, ରୋହିତ ମାଲହୋତ୍ରା ୩-୧ରେ ସନ୍ଦୀପ ଅଗରୱାଲଙ୍କୁ, ସିଦ୍ଧାର୍ଥ ସେନ ୩-୧ରେ ଅମିତ ସିଂଙ୍କୁ ଓ ଶୁଭମ ଗୁପ୍ତା ୩-୦ରେ ଅମୀୟ ନାୟକଙ୍କୁ ପରାସ୍ତ କରିଛନ୍ତି। ପ୍ରିୟ ଗୋବିନ୍ଦ ମହାପାତ୍ରଙ୍କୁ ୱାକ୍ ଓଭର ମିଳିଥିଲା। ବିଜୟ ସହ ଶାରଦା, ସୋଏବ, ନିଶାନ୍ତ, ମିଶାଲ ସ୍ୱାଇଁ, ଶୁଭମ ଓ ପ୍ରିୟ ଗୋବିନ୍ଦ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ବିଲିୟାର୍ଡ୍ସ ଓ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା ଓ ଭୁବନେଶ୍ୱର କ୍ଲବର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହେବ।

# ୨୯ରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ଆନ୍ତଃବିଦ୍ୟାଳୟ ଜିମ୍ନାଷ୍ଟିକ୍ସ

ଭୁବନେଶ୍ୱର,୨୭ ।୮ (ସମିସ): ସ୍ଥାନୀୟ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅଗଷ୍ଟ ୨୯ରେ ୫ମ ଆମନ୍ତ୍ରଣୀୟ ଆନ୍ତଃବିଦ୍ୟାଳୟ କଳାତ୍ମକ ଜିମ୍ନାଷ୍ଟିକ୍ସ ଚାମ୍ପିଅନ୍‌ସିପ୍ ଆୟୋଜିତ ହେବ। ଏକାଡେମୀ ପରିସରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଦିନତମାମ ପ୍ରତିଯୋଗିତା ପରେ ସନ୍ଧ୍ୟା ୫ଟାରେ ଉଦ୍‌ଯାପନୀ ସମାରୋହ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରହିଛି। ବିଦ୍ୟାଳୟସ୍ତରରୁ ଜିମ୍ନାଷ୍ଟିକ୍ସ ପ୍ରତିଭାର ବିକାଶ ଓ ଯୁବ ଖେଳାଳିଙ୍କୁ ଅଧିକ ସୁଯୋଗ ଦେବା ଏହି ଚାମ୍ପିଅନ୍‌ସିପ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଏଭଳି ପ୍ରତିଯୋଗିତା ମାଧ୍ୟମରେ ତୃଣମୂଳସ୍ତରରେ ଜିମ୍ନାଷ୍ଟିକ୍ସକୁ ଅଧିକ ଲୋକପ୍ରିୟ କରିବା ସହ ଭବିଷ୍ୟତର ପ୍ରତିଭାବାନ ଖେଳାଳିଙ୍କୁ ଚିହ୍ନଟ କରିବାରେ ସହାୟତା ମିଳିବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି।

## ନିର୍ବାଚନକୁ ନେଇ ବିସିସିଆଇ-ଓସିଏ ମୁହାଁମୁହିଁ

# ଓଡ଼ିଶା ହାଇକୋର୍ଟରେ ମାମଲା ଏବଂ ଆଇନଗତ ଲଢ଼େଇ

ନୂଆଦିଲ୍ଲୀ / ଭୁବନେଶ୍ୱର,୨୭ ।୮ (ଏଜେନ୍ସି)


ଫାଇଲ୍ ଫଟୋ

- ୨୦୨୫ରୁ ଅଟକିଛି ନିର୍ବାଚନ
- ୨୦୨୬ ଡିସେମ୍ବର ପର୍ଯ୍ୟନ୍ତ ନିର୍ବାଚନକୁ ସ୍ଥଗିତ ରଖିବାକୁ ପରାମର୍ଶ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନ୍ (ଓସିଏ) ମଧ୍ୟରେ ନିର୍ବାଚନକୁ ନେଇ ଏକ ଗମ୍ଭୀର ବିବାଦ ସୃଷ୍ଟି ହୋଇଛି। ଏହାକୁ ନେଇ ଦୁଇ ପକ୍ଷ ମୁହାଁମୁହିଁ ହୋଇଛନ୍ତି। ବହୁ ଚର୍ଚ୍ଚିତ ଲୋଧା କମିଟିର କଡ଼ା ନିୟମ, ଜାତୀୟ କ୍ରୀଡ଼ା ଆଇନ ଏବଂ କ୍ରିକେଟ ପ୍ରଶାସନର କାର୍ଯ୍ୟପଦ୍ଧତିକୁ ନେଇ ଉଭୟ ସଂସ୍ଥା ପରସ୍ପର ସାମ୍ନାସାମ୍ନି ସ୍ଥିତିରେ ରହିଛନ୍ତି। ଏହି ମାମଲା ବର୍ତ୍ତମାନ ଓଡ଼ିଶା ହାଇକୋର୍ଟରେ ପହଞ୍ଚିଥିବାବେଳେ ଉଭୟ ପକ୍ଷରୁ ସେମାନଙ୍କର ଯୁକ୍ତି ଉପସ୍ଥାପନ କରାଯାଇଛି।

ପୂର୍ବତନ ଓଡ଼ିଶା କ୍ରିକେଟର, କୋଚ୍ ତଥା କର୍ମକର୍ତ୍ତା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓସିଏ ନିର୍ବାଚନ ତୁରନ୍ତ କରାଇବା ଦାବିରେ ହାଇକୋର୍ଟରେ ଏକ ମାମଲା ଦାୟର କରିବା ପରେ ବିସିସିଆଇ ଏଥିରେ ହସ୍ତକ୍ଷେପ କରିଥିଲା। ବିସିସିଆଇର ଆଇନଗତ ସିନିଅର ମ୍ୟାନେଜର ମେଲିଣ୍ଡା କୋଲାକୋଙ୍କ ଜରିଆରେ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଛି। ଏହି ସତ୍ୟପାଠରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଓସିଏ ତୁରନ୍ତ ନିର୍ବାଚନ ଅନୁଷ୍ଠିତ କରାଇବା ଜରୁରୀ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏବଂ ସଂସ୍ଥାର ନିଜସ୍ୱ ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ। ଯଦି ନିର୍ବାଚନ କରା ନ ଯାଏ, ତେବେ ଏହା ନିୟମର ଉଲ୍ଲଂଘନ ହେବ। ବିସିସିଆଇ ପକ୍ଷରୁ ରାଜ୍ୟ ସଂସ୍ଥାର ପାଣ୍ଠି ବନ୍ଦ କରାଯିବା ସହ ସଦସ୍ୟତା କରାଯିବ ଅର୍ଥାତ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ବିସିସିଆଇର ଯୁକ୍ତି ହେଉଛି, କୌଣସି ପଦାଧିକାରୀ ଲଗାତର ଦୁଇ ବର୍ଷରୁ ଅଧିକ ସମୟ ପଦରେ ରହିପାରିବେ ନାହିଁ ଏବଂ ସଂଘଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ମୂଳ ଭାବନାକୁ ଅନୁସରଣ କରିବାକୁ ପଡ଼ିବ। ବର୍ତ୍ତମାନ ଓସିଏ ଅଧ୍ୟକ୍ଷ ପଙ୍କଜ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଏବଂ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ୨୦୧୯ ଅକ୍ଟୋବରରୁ ନିଜ ନିଜ ପଦରେ ରହିଛନ୍ତି। ତେଣୁ ନିର୍ବାଚନ ଆଉ ବିଳମ୍ବ କରାଯିବା ନେଇ ବିସିସିଆଇ ପ୍ରଶ୍ନ ଉଠାଇଛି। ୨୦୨୫ ଅକ୍ଟୋବରରେ ହେବାକୁ ଥିବା ନିର୍ବାଚନକୁ ସଂସ୍ଥା ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦୁଇଥର ସ୍ଥଗିତ ରଖାଯାଇଛି। ଓସିଏ ସମ୍ପାଦକ ସଞ୍ଜୟ ବେହେରା କୋର୍ଟରେ ଦର୍ଶାଇଛନ୍ତି ଯେ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଜାରି ହୋଇଥିବା ଏକ ସର୍କୁଲାର ଅନୁଯାୟୀ, ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକର ନିର୍ବାଚନକୁ ୨୦୨୬ ମସିହା ଡିସେମ୍ବର ୩୧ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି। ଏହା ବ୍ୟତୀତ, ଜାତୀୟ କ୍ରୀଡ଼ା ଶାସନ ଆଇନର ପ୍ରଭାବ ଏବଂ କ୍ରିକେଟକୁ ଆଗାମୀ ୨୦୨୮ ଅଲିମ୍ପିକ୍ସରେ ସାମିଲ କରାଯାଇଥିବାରୁ ଏହାର ପ୍ରଭାବକୁ ଅନୁଧ୍ୟାନ କରିବା ପାଇଁ ସାଧାରଣ ପରିଷଦର ସମ୍ମତିକ୍ରମେ ନିର୍ବାଚନକୁ ସ୍ଥଗିତ ରଖାଯାଇଛି ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଜାତୀୟ କ୍ରୀଡ଼ା ଶାସନ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ କ୍ରିକେଟ କ୍ରୀଡ଼ାଟି ଏପର୍ଯ୍ୟନ୍ତ ଏହି ଆଇନର ସ୍ୱତନ୍ତ୍ର ପରିସରଭୁକ୍ତ ହୋଇନାହିଁ ବୋଲି ବିସିସିଆଇ ପକ୍ଷରୁ ଯୁକ୍ତି ଉପସ୍ଥାପନା କରାଯାଇଛି। ସୁପ୍ରିମକୋର୍ଟଙ୍କ ପୂର୍ବ ରାୟ ଅନୁଯାୟୀ ବିସିସିଆଇ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ କାର୍ଯ୍ୟ ସମ୍ପାଦନ କରିଥାଏ ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ଓସିଏରେ ନିର୍ବାଚନ କରାଇବା ନେଇ ବିସିସିଆଇର କଡ଼ା ଚେତାବନୀ ଏବଂ ରାଜ୍ୟ ସଂସ୍ଥାର ଆଇନଗତ ଯୁକ୍ତି ମଧ୍ୟରେ ଟଣାଓଟରା ଜାରି ରହିଛି। ଏହି ବିବାଦରେ ଲୋଧା କମିଟିର ସୁପାରିସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏହି ସମ୍ବେଦନଶୀଳ ମାମଲାର ପରବର୍ତ୍ତୀ ଶୁଣାଣି ଏବଂ ହାଇକୋର୍ଟଙ୍କ ଚୂଡ଼ାନ୍ତ ରାୟ ଉପରେ ସମଗ୍ର କ୍ରିକେଟ୍ ମହଲର ନଜର ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS